# ବିଦୁରୀ-ପ୍ରେମଣୀ



# ଚିତ୍ର-ପ୍ରଦର୍ଶନୀ

ନରସିଂହ ସାହୁ

ପ୍ରକାଶକ :

ଜନ-ସାହିତ୍ୟ ପ୍ରକାଶନ

ଗଙ୍ଗାମନ୍ଦିର, କଟକ : ୧

ନୂତନ ସଂସ୍କରଣ

୧୯୫୭

ମୂଲ୍ୟ—ଏକଟଙ୍କା

ମୁଦ୍ରକ :

ପ୍ରଶାନ୍ତ କିଶୋର ଦାସ

କୃଷକ ପ୍ରେସ

କଟକ—୧

ବାପ୍ପ ଭାଉଜ !

କପଟ ଛଳ ଛଳ ଏ ଧୂର୍ତ୍ତ ଧରଣୀରେ,
ସରଗ କରିଅଛ ଆପଣା କରଣୀରେ ।
ସେନେହ ସୁଧାବୋଳା ହସିଲ ମୁହଁଟିକ,
ଜୀବନସାରା କେବେ ପାଶୋରି ହୁଏନିକି ?
ହସ ଗୋ ହସ ତମେ ଆହୁରି ହସ ହସ,
କୁଟିଳ ହଳାହଳେ ସୃଷ୍ଟି ହୁଏ ନାଶ
ତମରି ଖିଲଖିଲ ହସ ଗୋ ବରାନନ !
ମରତେ ବନିଯାଉ ସରଗ ସୁରଧୁନୀ ।

—ନରି

ବଢ଼ିଯାଏ । କଳକଳ ଛଳଛଳ ହୋଇ ବନଝରଣାଟି ବଢ଼ିଯାଏ ନିଝିତଳ ଝାଙ୍କର ଭୂଇଁରେ । ନାଚେ, କୁଦେ, ହସେ, ଗୀତ ଗାଏ । ଉପରେ ଉଡ଼ିଯାନ୍ତି ନାନା ଜାତିର ଚଢ଼େଇ । ଭାସିଯାଏ ମାଳମାଳ ଧଳା ବଉଦ । କୂଳରେ କଣଅର, କୁରୁବକ, ଗଙ୍ଗଶିଉଳି ଗଛରେ ଫୁଟିଉଠେ ଅସୁମାରି ଫୁଲ । ସଭିଏଁ ଦେଖନ୍ତି ଘଞ୍ଚ ବଣ ଭିତରେ କୁହୁକୁହୁ ଗୀତ ଗାଇ ଗାଇ ମନ ହରଷରେ ଆଗେଇ ଚାଲିଛି ଚପଳା କିଶୋରୀ । କଅଁଳ ରୂପ, କଅଁଳ ହସ, ଚକ ଚକ ସୁନା ଦେହ । ମୁଗ୍ଧ ହୋଇ ଚାହିଁ ରହନ୍ତି ସମସ୍ତେ । କୋଟି କଣ୍ଠରେ ଗୁଞ୍ଜରଣ ଖେଳିଯାଏ—ସୁନ୍ଦର !

ସୁନ୍ଦର ତା'ର ଲୀଳାଖେଳା । ସୁନ୍ଦର ତାର ଅଳସ ମନ୍ଥର ଗତି । ଚୁଟିରେ କିଆଳି, ଗଳାରେ ମାଳତୀ, ହାତରେ ବକୁଳ, ଗୋଲାପ, ରଜନୀଗନ୍ଧା । ସତେକି ରାଇଜଯାକର ଫୁଲ ଆସି ଏକାବେଳକେ ଅଜାଡ଼ି ହୋଇ ପଡ଼ିଛନ୍ତି ତା' କୋମଳ ତନୁଲତାଟିରେ । ସଭିଙ୍କି କୋଳ କରି, ମଳୁରି ଗାଲରେ ଚୁମା ଦେଇ ସଜନୀ ମେଳରେ ଧୀରେ ଧୀରେ ଆଗେଇ ଚାଲେ ଚିରନ୍ତନୀ । ବେଳାଭୂମିର ଜମଜାଟ୍ କୃଷ୍ଣସାର ଭୂରକୁ ଦେଖି ନାଚ

ଉଠେ । ମତୁଆଲା ହୋଇ ଛୁଟି ଆସେ ଅଳି । ରସିକ ସାଗର ଆଲିଙ୍ଗନ ଆଶାରେ ନୀଳ ବାହୁ ତୋଳି ଧାଇଁ ଆସେ ଘନ ଘନ । ଝରଣା ହସେ—ଠୋ ଠୋ ହୋଇ ହସି ଉଠେ ରୂପସୀ ନର୍ମଦା ।

ନର୍ମଦା ଶ୍ରୀମୟୀ । ଅଙ୍ଗେ ଅଙ୍ଗେ ଫୁଟି ଉଠିଛି ରମ୍ଭା, ମେନକାର ବିଶ୍ୱ ବିମୋହନ ଶ୍ରୀ ଓ ସମ୍ପଦ । ନିଟୋଳ ଯୌବନ ଢେଉ ଖେଳୁଛି ସର୍ବ ଅବୟବରେ, ପଥଧାରରେ ପଦ ଦେଲେ ବିଦ୍ୟୁତର ଝଲକ ସଞ୍ଚରି ଯାଏ । ଲକ୍ଷ ପତଙ୍ଗ ଉଦଭ୍ରାନ୍ତ ହୋଇ ଧାଇଁ ଆସେ ସେହି ଜ୍ୱଳନ୍ତ ଅନଳରେ ଝାସ ଦେବାକୁ ।

ଚିତ୍ରିକୁଆ ଉଟର ଚିତ୍ରି ମନୋହାରିଣୀ ସୁକୁମାରୀ ଲଳନା ସେ । ଧନକର କନ୍ୟା । ବ୍ୟବସାୟରେ ପୁଷ୍ଟ ଓ ପରିପୂର୍ଣ୍ଣ ଯାହାର ଜୁହୁଳୀ । ପଦ୍ମାଳୟାଙ୍କର ପଦ୍ମବନ ଭାଙ୍ଗି ପଡ଼ିଛି; ତେଣୁ ତୁଷାର ହାର ଧବଳା ବୀଣାପାଣିଙ୍କର ବୀଣାର ଝଙ୍କାର କେବେ ମୂର୍ଚ୍ଛନା ତୋଳେନି ସେଠି । କଳାସର ସ୍ରୋତ ବନ୍ଦ ଯାଏ କିନ୍ତୁ ସଭ୍ୟତାର କ୍ଷୀଣ ଆଲୋକ ସ୍ପର୍ଶ କରେନି ତାହାର ଅଙ୍ଗ । ଜର୍ଜେଟ ଆସେ, ରତ୍ନାବଳୀ ରାଜଭୋଗରେ ଘର ଦ୍ୱାର ଭରିଯାଏ, ପ୍ରେକ୍ଷାଳୟରେ ଦର୍ଶକମଣ୍ଡଳୀର ପୁରୋଭାଗ ମଣ୍ଡନ କରନ୍ତି କୁଳଅଙ୍ଗନା, ହେଲେ ତାହାର ତୁଣ୍ଡରୁ ବଚନ ସ୍ଫୁରେନା ଦେହଳୀ ଡେଇଁ ରାଜଦାଣ୍ଡ ସ୍ପର୍ଶ କଲେ । ଐଶ୍ୱର୍ଯ୍ୟର କଳନା ନାହିଁ । ଧନରେ କୁବେର ଜନରେ ସଗର, ସ୍ୱାସ୍ଥ୍ୟରେ ଲମ୍ବୋଦର । ମାତ୍ର ଜ୍ଞାନରେ ? ଜ୍ଞାନରେ, ଗୋପୀଆ ହାତଠୁ ତୁଚ୍ଛ । ମନରେ ଗୋଟିଏ ଗୋଟିଏ ସାଇଲକ୍—ସଂକୀର୍ଣ୍ଣତାର ଏକା ଦୁର୍ଗନ୍ଧମୟ ଅଲକ୍ଷ୍ମୀ ।

ଏଇ ଧନପତି ଚିନ୍ତାମଣି ସାହୁଙ୍କର ମଧ୍ୟମା କନ୍ୟା ନର୍ମଦା । ପୁତ୍ର ସନ୍ତାନର ଶିକ୍ଷା ଯେଉଁଠି ପଣିକିଆ ଓ ସାମାନ୍ୟ ମହଣ ସେର କଷାରେ ପର୍ଯ୍ୟାପ୍ତ, ସେଠି କନ୍ୟାରତ୍ନଙ୍କର ବର୍ଣ୍ଣ ପରିଚୟ ନ ହେବାରହିଁ କଥା । ମାତ୍ର ନର୍ମଦା ଗୋଟାଏ ଏକ୍ସେପ୍ସନ୍ । ଗୋଟାଏ ଅଧୁକୁଳ ରତ୍ନ ! ଗୃହର ପରିବେଶ ଓ ଗୃହକର୍ତ୍ତାଙ୍କର ଦୃଷ୍ଟିଭଙ୍ଗୀକୁ ଲକ୍ଷବାର ଆଘାତ କରି ନର୍ମଦା

ଆଗେଇ ଚାଲିଛି ଆଧୁନିକ ଶିକ୍ଷା ସଭ୍ୟତାର ଆଲୋକମୟ ପଥରେ । ଝିଅ ପ୍ରାଥମିକ ପାଠଶାଳାର ଉଚ୍ଚତମ ଶ୍ରେଣୀରେ ପ୍ରବେଶ କରିଛି । ଏମ୍-ବ୍ରଏଡ଼ାରୀରେ ସିଦ୍ଧହସ୍ତା । ସାଇକ୍ଲିଂ ଜାଣେ । ତନ୍ଦ୍ରାବିଜଡ଼ିତ ସ୍ୱପ୍ନବିଭୋର ଚନ୍ଦ୍ରରଜନୀରେ ଯେତେବେଳେ ବାତାୟନ ଖୋଲି ନୀଥର ଆକାଶରେ କରୁଣ ମୂର୍ଚ୍ଛନାଟିଏ ଖେଳାଇ ଦିଏ ଆଉ ହାରମୋନିୟମର କରୁଣତମ ଝଙ୍କାରରେ ଅନ୍ତରର ଅଶ୍ରୁ ମିଶାଇ ଗାଇ ଉଠେ—'ବେଦନା ଦେଇଛ ବୋଲି କି ହେ ତମେ ନିର୍ମମ', ସେତେବେଳେ ମନେହୁଏ ସ୍ୱର୍ଗର କେଉଁ ଅପ୍ସରା ସତେ କି ଓହ୍ଲାଇ ଆସିଛି ଧୂଳିର ଧରାକୁ । ନବନୀତକୋମଳ ଅଙ୍ଗ; ନବନୀତ-କୋମଳ କଣ୍ଠ, ନବନୀତକୋମଳ ଅନ୍ତର—ଅନ୍ତରର ଆଶା—ମରମର ଭାଷା···

'ନନ୍‌ସେନ୍‌ସ—ଆନ୍ ଇନ୍‌କିଉରେବଲ୍ ବ୍ଲାଇଣ୍ଡ୍ ଅଫ୍ ଦି ଡେ । —ଏ ମନୁମେଣ୍ଟାଲ୍ ଫୁଲ୍'—ଦେବବ୍ରତ ଚିତ୍କାର କରିଉଠିଲା ।

ମୃଦୁ ମୃଦୁ ହସି ସିଗାରେଟରେ ଅଗ୍ନି ସଂଯୋଗ କଲା ଚନ୍ଦ୍ରମୌଳି । —ତୁ ବୁଝିନୁ ଦେବ, ବିଧାତାଙ୍କର ସୃଷ୍ଟିର ସର୍ବଶ୍ରେଷ୍ଠ ଦାନ ହେଉଛି ନାରୀ । ନାରୀର ପ୍ରେମ, ନାରୀର କଟାକ୍ଷ, ନାରୀର ସ୍ମିତ ହାସ୍ୟ ଚରାଚର ସୃଷ୍ଟି କରିଛି ପୁରୁଷ ପ୍ରାଣରେ ତରଙ୍ଗାୟିତ ଇନ୍ଦ୍ରଜାଲ । ନାରୀର ଏକ କୋମଳ ଚରଣପାତରେ ସହସ୍ର କମଳ ଫୁଟିଉଠେ ମରୁଧରଣୀକି ଅମରାବତୀ କରି । ନାରୀ ଏକ ସାଧାରଣ ମାନବୀ ନୁହେଁ, ଏକ ଅନିର୍ବଚନୀୟ ସ୍ୱପ୍ନ ଓ ସୌନ୍ଦର୍ଯ୍ୟର ସମଷ୍ଟି । —ଗୋଟାଏ ବିରାଟ ପ୍ରଶ୍ନବାଚୀ । ଗୋଟାଏ ମାୟା—କଳ୍ପନା—ସ୍ୱପ୍ନ···

'ହଁ, ସ୍ୱପ୍ନ । ସ୍ୱପ୍ନର କୁହେଳି—ଠିକ୍ ଯେମିତି ଏଇ ସିଗାରେଟର କୁଣ୍ଡଳୀକୃତ ଧୂମ୍ର । ଅନ୍ଧ ତୁ, ତା ନ ହେଲେ ବୋଧେ ଦେଖି ପାରନ୍ତୁ ଯେଉଁ ଧୂମ୍ର ଆଦ୍ୟରେ ଏତେ ଘନ, ଏତେ ଦୁର୍ଭେଦ୍ୟ, ତା' ପଲକ ପତନରେ ଲୀନ ହୋଇ ଯାଉଛି କେଉଁ ଅନନ୍ତ ଶୂନ୍ୟରେ । ସତ୍ତା ବି ରହୁନାହିଁ ! ଜାଳି ଦେଉଛି କଳିଜା । ପୋଡ଼ି ଦେଉଛି ଜୀବନୀଶକ୍ତି । କଙ୍କାଳର ପଞ୍ଜର ତଳେ

ଆର୍ତ୍ତନାଦ ଉଠାଇ ଶେଷରେ ଛୁଟି ଯାଉଛୁ ଅନନ୍ତ ଆକାଶ କୋଳକୁ । ଧରିବାର ଉପାୟ ନାହିଁ । ଧରିବାକୁ ଯିବା ଏକ ଚରମ ନିର୍ବୋଧତା ।'

କଣ ତୁ କହୁଛୁ ଦେବ ? ଶରତର ଆଲୋକ କୋଳରେ ବରଷାର ଆକାଶ ତୁ କେଉଁଠୁ ପାଇଲୁ ? ନର୍ମଦା ତ ନାରୀ ନୁହେଁ । ଗୋଟିଏ ସଦ୍ୟ ପ୍ରସ୍ଫୁଟିତ ରକ୍ତ-ଗୋଲାପ । ଆବିଲତା ନାହିଁ, ଅଧାର୍ମିକତା ନାହିଁ, କଳଙ୍କ ନାହିଁ । ନିର୍ମଳ, ସତେଜ, ସମୁଜ୍ଜ୍ୱଳ, ସୁନ୍ଦର···

ଦୂର୍ ବାଜେ । ଏଡକ ଆଖିକି ସାମାନ୍ୟ ପୋକଖୁଧା ଫୁଲ ବି ଲାଗିଥିବ ଭଲଆ ଦିଶେ । ତା'ଛଡ଼ା ଜାଣିଛୁ ତ କାଳିଆବୋଦା ଆଉ ପାଗଳା ବାବାଙ୍କ କଥା । ଏତେ ହିପ୍‌ନୋଟିଜିମ୍ ସେ ଜାଣେ ଯେ ବଡ଼ ବଡ଼ ଲୋକଙ୍କୁ ବଶ କରିଦେବ—ସେ ଜଜ, କଲେକ୍‌ଟର, ଡାକ୍ତର, ପୋଲିସ ଇନ୍‌ସ୍‌ପେକ୍‌ଟର ଟିଏ ହେଉ ପଛେ । ମଁ ଇଜନିଆ ଜାଦୁଟା ଠିକ୍ ପାଗଳାବାବାର ରୂପାନ୍ତର । ଥରେ ତାଙ୍କ ଖପରରେ ପଡ଼ିଲେ ଆଉ ବାହାର ଆସିବାର ବାଟ ନାହିଁ । ମେଣ୍ଢା—ମେଣ୍ଢା—ଘଉଡେ ଭେଣ୍ଢାକୁ ମେଣ୍ଢା କରି ରଖିଦେବେ ଏକ କାମରୂପ ଦେଶର କେଲୁଣୀ, ମାଲ୍ୟାଣୀ, ଡାହାଣୀମାନେ । କେଣିକି ସଜଫୁଟା ଦୁ'ଟା ବାହାନ ବରଷର ବୁଢ଼ୀବି ଦେଖାଯିବେ ଷୋଳବରଷୀ ଟୋକାଭଳିଆ —ଲଟଟାଲ ଯୌବନ—ପାଟଳ ଆଭା··ପୋଟଳଚିରା ଆଖି···

ତାଣ୍ଡ ଉଠିଲା ଚନ୍ଦ୍ରମୌଳି—ଏ ତୋର ଏକାନ୍ତ ଏକ ଦେଶଦର୍ଶିତା —ସେପରିଜିମ୍ ।

ଇଜିଚେୟାର ଉପରେ ଚଳପଡ଼ି ଅର୍ଦ୍ଧଶାୟିତ ଅର୍ଦ୍ଧ ଉତ୍ତୋଳିତ ହୋଇ ଦେବବ୍ରତ କହିଲା—ମୋଟେ ନୁହେଁ । ମୁଁ ଯାହା କହୁଛୁ ନିରାଟ ସତ୍ୟ । ଆଚ୍ଛା, କହ ତ ଯାହାର ପିତାର ସଂସ୍କୃତି ଗୋପୀଆ ହାଡ଼ର ସଂସ୍କୃତି ଠାରୁ ଉଚ୍ଚ—ଯୋଉଠି ମନୁଷ୍ୟତାର ମାନଦଣ୍ଡ କେତେ ଭରି ସୁନା ଓ ଖାନ, ଲୁଣ, ଗୁଆ ବସ୍ତୁର ସମଷ୍ଟି, ସେଠି କନ୍ୟା ଏପରି ଅସାମାନ୍ୟା ସୁନ୍ଦର ସ୍ନିଗ୍ଧା ହେଲା କିପରି ?

ଅତି ସହଜ । କାଳେ କାଳେ ପଙ୍କରୁହିଁ ପଙ୍କଜର ଉଦ୍ଭବ ।

ତାଙ୍କ କଥା । ବେଶ୍‌ଲେଶ୍‌ ଥିଓରି । ନାରୀକୁ ଯେଉଁମାନେ ପଙ୍କଜ ସହିତ, ଚନ୍ଦ୍ର ସହିତ ବା ହରିଣୀ ସହିତ ତୁଳନା କରନ୍ତି, ସେମାନଙ୍କୁ ଗୋଟିଏ ଗୋଟିଏ ଅନ୍ଧ, ଅପୋଗଣ୍ଡ, କାପୁରୁଷ ଛଡ଼ା ମୁଁ ଆଉ କିଛି ଭାବେନା, ଆଖିରେ ଚୋର ପଡ଼ିଲା ମାତ୍ରେ ଯାଇଛନ୍ତିରେ, ଭୁ ଖୋଲ ଉପରେ ଉପରେ ଭାସି ଯାଉଛନ୍ତି । ଭିତରର ଅସଲ ରୂପ ଦେଖିବାକୁ ମୋଟେ ଚେଷ୍ଟା କରୁନ୍‌ । କେବେ କଳ୍ପନା କରିଛନ୍ତି ନାରୀର ବିଶ୍ୱରୂପ ? ମାତ୍ର କେଇଟି ଧନ —ପୁରୁଷ ନାସିକାରେ ରଖିବା ସୁଦୃଢ଼ ହେବାଯାଏ ସ୍ତ୍ରୀଙ୍କ ଆଖିରେ ଥିବ ଭେଲକି, ମୁହଁରେ ଥିବ ହସ, ବକ୍ଷବାସ ଫିଟିପଡ଼ୁଥିବ ଥରକୁଥର । ମାତ୍ର ପୁରୁଷ ଟିକିଏ ଅଯତ୍ନକୁ ଆସିଗଲେ ଏମାନେ ରକ୍ତମୁଖା ଚଣ୍ଡୀ ଚାମୁଣ୍ଡାଙ୍କଠୁଁ ବି ଭୟଙ୍କର ହୋଇ ଉଠିବେ । ଓଟାରି ଘୋଷାରି, ଜାଳେଇ ପୋଡ଼େଇ, କେଳେଇ କାଟି ଖାଇଯିବେ ଧନରାଶି । ସାମାନ୍ୟ ପାଦର ବଳାଟିଏ ଆଣି ନ ଦେଲେ ଏମାନେ ଗଳାରେ ଛୁରୀ ଚଳାଇଦେବେ ।

ତା'ହେଲେ ଦୁନିଆରେ ନିତିପ୍ରତି ଲକ୍ଷ ଲକ୍ଷ କୋଟି କୋଟି ଲୋକ ଯେ ବିବାହ କରୁଛନ୍ତି, ସମସ୍ତେ ମୂର୍ଖ ?

ନାହିଁ ସଙ୍କୋଚ ନ କର, ଭୟ ନ କର, ମାଳପ ମୁହଁକୁ ନ ଚାହିଁ ସମସ୍ତେ ସତ୍ୟ କହନ୍ତୁ; ତା'ହେଲେ ଶତକଡ଼ା ୯୯.୯ ବୋଧେ କହନ୍ତେ—ଏହା ଚରମ ନିର୍ବୋଧତା—ମୂର୍ଖତାର ବୃତ୍ତାନ୍ତ ।

ହସି ଉଠିଲା ଚନ୍ଦ୍ରମୌଳି—ପଳାୟନପନ୍ଥୀ ଦେବବ୍ରତ ! ସଂସାରର ଜଞ୍ଜାଳରେ ଭୀତତ୍ରସ୍ତ ହୋଇ ଜୟପତ୍ର ଯୋଡ଼ି ପଳାୟନ କରୁଛୁ । ବାଟଭଳି ଦୁଃଖ ବିପଦର ସମ୍ମୁଖୀନ ନହେବା ଭୀରୁତା । ସ୍ତ୍ରୀ ହାତରେ ସାମାନ୍ୟ କେଇଟି ଶାଢ଼ୀ, ଗହଣା ଯୋଗାଇ ନ ଦେବା ପୌରୁଷର ଲକ୍ଷଣ ନୁହେଁ । ଆଉ ବିବାହିତ ଜୀବନରେ ଶତକଡ଼ା ୯୯.୯ ଲୋକ ଅସୁଖୀ ହେବେ କାହିଁ ?' ନୀଳ ଆକାଶର ପକ୍ଷୀ ପକ୍ଷିଣୀ ପରି ସୁଖ ଶାନ୍ତିର ନୀଳ ଲହରୀରେ ପହଁରି ପହଁରି ଆଜୀବନ ଭାସି ବୁଲୁଛନ୍ତି ତ କେତେ କେତେ ସୌଭାଗ୍ୟମୟୀ ଦମ୍ପତି ।

ଭୁଲ କଥା । ଅଲ ଦ୍ୟାଟ୍ ଗ୍ଲିଟରସ୍ ଆର ନଟ୍ ଗୋଲ୍ଡ—ଦୂର ପର୍ବତ ସୁନ୍ଦର । ପାଖକୁ ଯାଇଁ ଯଦି ଥରେ ନିରୀକ୍ଷଣ କରନ୍ତୁ, ତାହେଲେ ଦେଖନ୍ତୁ କେତେ କଣ୍ଟାଝଣ୍ଟା, ଅରମା ଅସନା ବାଘଭାଲୁ । ବାହାରକୁ ସବୁ ଥିର ଦିଶେ, ଭିତରେ ଥାଏ ବହୁତ ଭଉଁରୀ—ବହୁତ ମଳାମଳି ।

ତା'ହେଲେ ଦୁନିଆରେ ଭଲ ପାଇବା ବୋଲି ଗୋଟାଏ ଜିନିଷ କିଛି ନାହିଁ ? ପ୍ରଣୟୀ ପ୍ରଣୟିଣୀ ଭିତରେ ସ୍ନେହ ପ୍ରେମର ଅଫୁରନ୍ତ ଝରଣା ପ୍ରବାହିତ ହୁଏନା ମର୍ତ୍ତ୍ୟରେ ସ୍ୱର୍ଗରେ ନନ୍ଦନକାନନ ସୃଜନ କରି ?

ହୁଏ; ମାତ୍ର ସେ କେଇ ଦିନ ? ବିଭା ହେବାର ଛ ମାସ ବା ଖୁବ ଜୋରରେ ବର୍ଷେ, ତାପରେ ସେ ନାଲି ରେଷମା ଧୁଏଁ ଧୁଏଁ ଖସି ପଡ଼େ ଆଖିରୁ । ଶରତର ଶ୍ୟାମଳିମା କୋଳରେ ସୁଖ ଶାନ୍ତିର ଫୁଆରା ମେଲେଇ ଓହ୍ଲେଇ ଆସିଥାନ୍ତି ଯେଉଁ ଆନନ୍ଦମୟୀ, ମାତ୍ର ଦିନ କେଇଟି ପରେ ସେଇ ହୋଇ ଉଠନ୍ତି ଖଡ୍ଗ-ଖର୍ପର-ଧାରିଣୀ ରକ୍ତମୁଖା କାଳୀ ସର୍ବଗ୍ରାସୀ ଲେଲିହାନ ଜିହ୍ୱା ବିସ୍ତାର କରି ବିକଟାଳ ଉଗ୍ର ରୂପ ଧରି ଥେଇଥେଇ ନୃତ୍ୟ କରନ୍ତି ପ୍ରିୟତମ ସ୍ୱାମୀର ବକ୍ଷ ଉପରେ—

ଏ ଉଦ୍ଭଟ କଳ୍ପନା ମୁଁ କେବେ ଗ୍ରହଣକରି ପାରିବିନାହିଁ ଦେବବ୍ରତ ! ନର୍ମଦା ମୋର ହୃଦୟର ରାଣୀ—ପ୍ରାଣର ପ୍ରେୟସୀ । ମୋ ପାଦରେ କଣ୍ଟାଟିଏ ଗଳିଲେ ତା ହୃଦରେ ଶେଲ ବିନ୍ଧି ହୁଏ । ସାମାନ୍ୟ ଟିକିଏ ମୁଁ ବ୍ୟଥା ପାଇଲେ ସେ କାନ୍ଦିକାଟି ଅସ୍ଥିର । ଜୀବନ ପର୍ଯ୍ୟନ୍ତ ଦେଇ ଦେବାକୁ ପ୍ରସ୍ତୁତ ..

'ମୁଁ ତ ପ୍ରସ୍ତୁତ ଅନେକ ବେଳୁ'—ହଠାତ୍ ଆସି ସାଇକେଲରୁ ଓହ୍ଲେଇ ପଡ଼ିଲା ନର୍ମଦା —'ନଈ କୂଳକୁ ଯିବାକୁ କହି ତମେ ଆସି ଇଆଡ଼େ ଦେବ ଭାଇଙ୍କ ସାଙ୍ଗରେ ଗପ ଲଗେଇ ଦେଲ ? ତେଣେ ସୂ' ଫା' ସବୁ ଅସ୍ତ । କଣ ଏତେ ଗପ ହେଉଛି ଶୁଣେ ?

ଚେୟାରରୁ ଉଠିପଡ଼ି ହସ ହସ ହୋଇ ଚନ୍ଦ୍ରମୌଳି କହିଲା—ନା, ନା, ସେ କିଛି ନୁହେଁ । କଲେଜ ଜୀବନର କେତୋଟି ସ୍ମୃତି ବସି ବସି ମନେ ପକାଉଥିଲି । ଚାଲ, ବାସ୍ତବିକ ଅନେକ ଡେରି ହୋଇଗଲା ମୋର ।

ତୁ ଯିବୁନି ଦେବ ?—ଚନ୍ଦ୍ରମୌଳି ପାହାଚରେ ଓହ୍ଲାଇ ଓହ୍ଲାଇ ପଚାରିଲା । ନର୍ମଦା ସେତେବେଳକୁ ସାଇକେଲରେ ଉଠି ଦଶହାତ ଆଗେଇ ଗଲାଣି ।

ସାମାନ୍ୟ ଟିକିଏ ସ୍ମିତ ହସ ହସି ଦେବବ୍ରତ କହିଲା—ନା ।



'ନା, ମୁଁ ଯାଉନ । ଯୁ'ର ଗୋଟାଏ ସ୍ଥାୟୀ ସମାଧାନ ନ ହେଲା ଯାଏ ମୁଁ ମୋଟେ ହଲଚଲ ହେବିନ ଏଠୁ'—ରାଗରେ ଗମ ଗମ ହୋଇ କହିଲା ନର୍ମଦା । ସପନବୋଉ ମୁରବଗିରି ଦେଖେଇ କହିଲା—ହଁଲୋ ନାତୁ, କେବେ ଆଗଭର ଯିବୁନ—

କଣ୍ଠାରୁ ଓଙ୍କ ନଅକାନକ, ବଡ଼ ଘରପୁଅ ମାଇପରଙ୍କ
ନ ଯିବୁ ତା'କଡ଼କୁ;
ରଙ୍ଗ ସରସର ମଉନମୁହଁ ! ଆସିବ ବେଳା
ଗୋଡ଼ କଡ଼କୁ ।

'ସତେତେ'—ହସି ହସି ପାଟିରେ ଲୁଗା ଦେଲେ ଜାନକୀ । ଜଣ ଜଣ ହୋଇ ହସି ଉଠିଲେ ଟୋକି ପଞ୍ଝାଟା । କୁଣ୍ଡା ଆସି ଚିପି ଦେଲା ନର୍ମଦାର ନାଲି ଚହ ଚହ ଗାଲ

ହଁ ଗୋ ହଁ । ମରଦ ପୁଅଙ୍କୁ ଯେତିକି ହାତମୁଠାରେ ରଖିଥିବ ସେତିକି ଭଲ । ଯେତେ ସିଏ ପଛରେ ଗୋଡ଼ାଇଥିବେ ତମେ ସେତେ ଘୁଞ୍ଚି ଯାଉଥିବ ଦୂରକୁ । ଡାକୁଥିଲେ ଶୁଣିବ ନାହିଁ । ଚାହୁଁଥିଲେ ଚାହିଁବ ନାହିଁ । —ହସି ହସି କହିଲା ସପନବୋଉ ।

ନୂଆ କଣ ଯଉବନ ଲାଗିଛି ଜାନକୀ ଦେହରେ । ଉଚ୍ଛୁଳା ଧନ । ଉନ୍ମନ ମନ । ଅମାନିଆ ଅରଣା ଆଶା ଛନ ଛନ ବନହରିଣୀଟି ପରି ଘନ ଘନ ଚମକି ପଡ଼ୁଛି ସେ । ଗୋଡ଼ର ଅଳସ କଟିନ । ଦେହ ଭିତରେ, ଫୁଲି ଫୁଲି ଉଠୁଛି ମହୁଆ ନିଶାର ଜୁଆର । ଧନର ଆଲୁଅ ସହି ହେଉନି । କେତେବେଳେ ରାଗ ହେବ । କେତେବେଳେ ହେବ ରାଗ ନିଶବଦ—ମାଅର—କାନ୍ଦ ନ- - ଗୁଁଙ୍କିନା ଚମକି ପଡ଼ିଲା ସେ ସପନବୋଉ କଥାରେ । କହିଲା—କ'ଣ ରୁ କହୁଥିଲୁ ? ଯାହାଙ୍କ ଦେହରେ ଗୋଟିପଣେ ମିଶି

ଯିବାକୁ ମନ ହୁଏ ତାଙ୍କ ପାଖରୁ ପୁଣି ଦୂରେଇ ଯିବ କେମିତି ? କାହିଁକି ବା କରିବ ଏ ଟାଣପଣ ?

ବୁଝିନା । ମୋଟେ ବୁଝିନା ତମେ ଏବକାଳର କଷି ଟୋକୀଗୁଡ଼ା, ଖାଲି ଘଇତା ପାଖରେ ଶୋଇଲେ କ'ଣ ଘଇତା ଘରର ସବୁ ଗୁମର ବୁଝିବ କଲେ ? ଏତେ ଘଇତା ସୁଆଗୀ ହେଲେ ତ ଦୁ'ଦିନେ ସେ ତମକୁ ଗୋଡ଼ତଳର ଦାସୀ କରି ରଖିବେ । ତାଙ୍କ ଲଗାମ ଯେତିକି ଧରିଥିବ—ଯେତେ ତାଙ୍କୁ ହନ୍ତସନ୍ତ କରୁଥିବ, ସେତିକି ସିଏ ବାନ୍ଧି ହୋଇ-ଥିବେ ତମ କାନିଅଗରେ । ଖାଇଦେଲେ ତ ରଙ୍କଣା ଗ୍ରୁଡ଼ିଯିବ । ତେଣିକି ତମେ କିଏ ସିଏ କିଏ ? ବରଞ୍ଚ ଯେତିକି ସିଏ ଉହ୍ଲାଳବିକଳ ହେଉଥିବେ, ସେତିକି ତମର ମଙ୍ଗଳ । ରସଗୋଲା କଡ଼େଇ ଏକାବେଳକେ ନେଇ ଲୁଚେଇ ଦେବନି ସାତ ସିନ୍ଦୁକରେ କି ଥାକଆରେ ବାଡ଼ି ଗେହ୍ଲେଇ ହେଇ କୋଳରେ ବସେଇ ଖୁଆଇ ଦବନି ହାତରେ । ଖାଲି ଦେଖଉଥିବ ଦବ ନାହିଁ—ହସୁଥିବ ପାଖ ପଶିବ ନାହିଁ । ଯେମିତି ହାଇଁପାଇଁ ହେଇ ହେଇ ନାଲ ନାଳ ଆସିବ ପାଟିରୁ । ଦଣ୍ଡଦାଗ ଦଶିବ ଅନ୍ଧାର । ସେତିକିବେଳେ —ଠିକ୍ ସେତିକିବେଳେ ଗଦା ଦେଇ କାଶିଲେ ପଦ ବେଶ୍ ମାନିବ । ଗ୍ରୀର ଛୁଳର ଧନ ଦରବ କ'ଣ, କଥା ନ ବାହୁାରୁଣୁ କିଙ୍କର ହେଇ ଆସି ଗୋଡ଼ ଧରିବ ସେ ତମର । ଆଉ ସେତେବେଳେ ଯଦି ଟିକିଏ ମୁହଁ ଶୁଖେଇ ବସିପାର—ଆଖିରେ ଟଳମଳ କରିପାର ଦି'ଟୋପା ଲୁହ, ତା'ହେଲେ ତ ଆଉ କଥା ନାହିଁ । ସରଗର ଚାନ୍ଦ ତମ ହାତରେ । ତେଣିକି ଉଠ୍ କହିଲେ ଉଠ୍—ବସ୍ କହିଲେ ବସ୍ । ଯେମିତି ନଚେଇବ ସେମିତି ନାଚିବ ସିଏ ।

•

କିନ୍ତୁ ସେ ଯଦି ତେମେଣା ନ ହେଇ ନାଗ ହେଇଥାଏ ? ଯଦି ସେ ଓଲଟି ବସାଏ ବେକଣ୍ଠାରେ ଚୋଟ ?—ଜାନକୀ ପଚାରିଲା ।

ହେଁ ହେଁ ହେଇ ହସି ଉଠିଲା ସପନାବୋଉ—ସବୁ ମିଣିମିଗୁଡ଼ା ତେମେଣାଲେ । ଉପରେ ଖାଲି ଫଁ ଫଁ ହୁଅନ୍ତି ସିନା, ଭିତରେ କିନ୍ତୁ ମୋଟେ ବିଷ ନାହିଁ । ଯାହା ବା କୋଉଠି ଟିକିଏ ଲଖିଏ ଥାଏ, ଆମକୁ ଦେଖିଲେ

ସବୁ ପାଣି ଫାଟିଯାଏ । ସବୁ ପୁରୁଷ ହେଇଯାଆନ୍ତି ଅଣପୁରୁଷା, ମାଇଚିଆ, ମାଇପ ବୋଲକରା ।

ଜାନକୀର ସ୍ୱର୍ଣ୍ଣ କପୋଳରେ ଫୁଟି ଉଠୁଥିଲା ବିନ୍ଦୁ ବିନ୍ଦୁ ସ୍ୱେଦକଣା । ମନେ ପଡ଼ିଲା ତା'ର ଅରଣ୍ୟାନୀର ହସ୍ତୀ ଶିକାର କଥା । ହସ୍ତିନୀ କୌଶଳ କରି ପ୍ରଲୋଭନ ଦେଖେଇ ନିମନ୍ତ୍ରଣ କରେ ଦୁର୍ଦ୍ଧର୍ଷ ହସ୍ତୀକୁ । ଆଉ ସେଇ ଧ୍ୱଂସ, ବନ୍ୟାବଳ ଖୁଆଡ଼ରେ ପଡ଼ି ଛଟପଟ ହୋଇ କାକକଳା ଗର୍ଜନ କଲାବେଳେ ହସ୍ତିନୀ ଦେଖେ ମଜା । ଉନ୍ମତ୍ତ ହୋଇ ନାଚି ଉଠେ ଆନନ୍ଦରେ । ଇସ୍, କି ଜଘନ୍ୟ ମନୋବୃତ୍ତି ! କି ହୀନ ବିଶ୍ୱାସ-ଘାତକତା ! ! ସରଳ ମୁହଁରେ କି ଗରଳଦାନ ! ! !

ସବଳ ହେଲେ ଦୁନିଆରେ ଚଳି ହୁଏନା ଲୋ ମିରୁ, ତାଙ୍କୁ ଧରିବା ପାଇଁ ଯେମିତି ଥୋପ ଦରକାର; ଚିରକାଳ ବାନ୍ଧି ରଖିବାକୁ ସେମିତି ଦରକାର ନାଗଫାଶ ବନ୍ଧନ । ଆଉ ଏ ଶିକାରରେ ବାହାଦୁରୀ—ଧରିଲା ବେଳେ ଗୋଟିପଣେ ଆଉଜି ପଡ଼ିବ ତାଙ୍କ ଦେହରେ ଆଉ ବାନ୍ଧିଲାବେଳେ ପୁଞ୍ଛିଯିବ ପଛକୁ ପଛକୁ । ଯେତେ ନେହୁରା ହୋଇ ଡାକୁଥିବେ, ସେତେ ପଳେଇ ଯାଉଥିବ ଦୂରକୁ । ଆସିବ ନାହିଁ, ଶୁଣିବ ନାହିଁ, ନଇଁବ ନାହିଁ ।

ଆଚ୍ଛା ସିଏ ଯଦି ଶେଷକୁ ଯୋଗୀ ହୋଇ ଦୂରେଇ ଯା'ନ୍ତି ଚିରକାଳ ?—ମିରୁକୁ ହସା ମାରି ପଚାରିଲା କୃଷ୍ଣା ।

ଛି, ଏଡ଼େ ମୂର୍ଖୀ ତମେ—ବେଖାତିରରେ ମୁହଁ ମୋଡ଼ିଲା ସପନା ବୋଉ—ଛେଳିକି ବାନ୍ଧି ରଖିଲେ ବାଘ ବଳେ ବୁଲି ବୁଲି ଖୁଣ୍ଟ କଡ଼କୁ ଆସିବ ନାହିଁ ?

'ଅସଭ୍ୟ'—ଲଜ୍ଜାରେ ମୁଣ୍ଡ ନଇଁ ଆସିଲା ଜାନକୀର । ଉଠି ଠିଆ ହେଲା ଚାଲିଯିବାକୁ ।

ବଳଦ ଗାଡ଼ିଟିଏ ଆସି ଘର ସାମନାରେ ଅଟକିଲା । ଚମଡ଼ା ସୁଟକେଶ୍ ଖଣ୍ଡିଏ ଧରି ହସ ହସ ହୋଇ ସେଥିରୁ ବାହାରି ଆସିଲେ ଚନ୍ଦ୍ରମୌଳି ।...

ଖୋଜା ପଂଖାଟା କଲ୍‌କଲିଆ ହୋଇ ଉଠି ଠିଆ ହେଲେ । ସପନୀ ବୋଉ ମୁହଁରେ ଉକୁଟି ଉଠିଲା ହଂସ, ଆନନ୍ଦର କୁଟୀଳ ହାସ୍ୟରେଖା । ନର୍ମଦା ମଥାରେ ପଣତ ଟାଣି ଧୀରେ ଧୀରେ ଅପସରି ଗଲା । ଜାନକୀର ନୟନରେ ଛଳ ଛଳ ହେଲା ଦୁଇଟି ଜଳବିନ୍ଦୁ ।

ସଭା ମଉଳିଲା । ଜଣ ଜଣ ହୋଇ ସଭିଏଁ ଫେରିଗଲେ ଘରକୁ । କେବଳ ଖଟ ଉପରେ ଏକୁଟିଆ ବସି ରହିଲା ଚନ୍ଦ୍ରମୌଳି । ବାଟଘର । ମୁହୂର୍ତ୍ତିକ ଆଗରୁ ଯାହା ନାରୀକଣ୍ଠର ହାସ୍ୟ କଲରୋଳରେ ଫାଟି ପଡ଼ୁଥିଲା, ତା ଏକାବେଳକେ ଶାନ୍ତ, ସ୍ଥିର, ପ୍ରାଣହୀନ । କେଉଁ ତନ୍ୱୀ ରୂପସୀର ପୁଷ୍ପିତା କବରୀରୁ ଝରି ପଡ଼ିଛି କେତୋଟି ଖାରୁ ଚମ୍ପକ । ଚଂଦ୍ରମଲ୍ଲୀ ଓ ଅଶୋକ ସ୍ତବକ କେଇଟି ଇତସ୍ତତଃ ହୋଇ ପଡ଼ି ରହିଛି ଗୃହସାରା । ପୁଷ୍ପର ସୁରଭି ଓ ଦାମୀ ଏସେନ୍‌ସର ଗନ୍ଧ ଏବେ ବି ଭରି ରହିଛି ପ୍ରକୋଷ୍ଠର ପ୍ରତି ବାୟୁ କଣାରେ । ବାତାୟନ ଫାଙ୍କରେ ନିର୍ନିମେଷ ନୟନରେ ଚାହିଁ ରହିଥିଲା ଚନ୍ଦ୍ରମୌଳି । ଅଦୂର ବୃକ୍ଷଶାଖାରେ ଦୁଇଟି ପକ୍ଷୀ ଚଞ୍ଚୁରେ ଚଞ୍ଚୁ ରଖି କଳଗୁଞ୍ଜନ କରୁଥିଲେ...ଧେତ୍ । ମନ ବିକ୍ଷେଇ ଉଠିଲା ଚନ୍ଦ୍ରମୌଳିର । ନର୍ମଦା ତାହେଲେ ଗୋଟାଏ ନିରାଟ ଗଦ୍ୟ । ସ୍ପନ୍ଦନ ନାହିଁ, ପ୍ରାଣ ନାହିଁ, କବିତା ନାହିଁ । ଅଭିମାନର ଗୋଟାଏ ସୀମା ଅଛି । ସୀମାତିରିକ୍ତ ହେଲେ ସୁଧା ବି ପରିଣତ ହୁଏ ହଳାହଳରେ—ଅଭିମାନ ହୁଏ ଏକ ଚରମ ଅପମାନ ।...

ପରଦା ଅନ୍ତରାଳରୁ ନାରୀପାଦର ନିକ୍ୱଣ ଶୁଭିଲା । ଠୁଣ୍ ଠାଣ୍ ହେଲା କଙ୍କଣ । କମ୍ପନ ଖେଳିଗଲା ତରୁଣ ଅନ୍ତରରେ । ମାନିନୀର ମାନ ଏତେ-ବେଳେ ଭାଙ୍ଗିଲା ତା'ହେଲେ । ନା, ସେ ଆଦୌ କଥା କହିବ ନି ଆଗତରୁ । ସେ ଦେଖିବ ଶିରୀଷକୋମଳ ସୁକୁମାର ତନୁଟି ଯେପରି ବିରହ ଜ୍ୱାଳାରେ ଜଳିପୋଡ଼ି ଛଟପଟ ହୋଇ ଧାଇଁ ଧାଇଁ ଆସି ଢଳି ପଡ଼ିବ ତା' କୋଳରେ ଆଉ ମୁହଁରେ ମୁହଁ ରଖି ଅଳସ ଚୁମାଟିଏ ଦେଇ କଅଁଳ କଣ୍ଠରେ କହିବ —ତମେ ରାଗିଛ ? ଛି, ଧନ ମୋର...

'ତମେ ଶୁଣିଛ ? ଛ'ମାସେ କାଳ ଟିକିଏ ଦେଖା ଦର୍ଶନ ନାହିଁ । ମଲୁ କି ଗଲୁ ଟିକିଏ ଖବର ବି ବୁଝିଲ ନାହିଁ । ଓଲଟି ପୁଣି ରାଗ ?—' ସୁଁ ସୁଁ ହୋଇ ଘର ଭିତରେ ପଶିଲେ ଶାଶୁ । ଆକାଶରୁ ଖସି ପଡ଼ିଲେ ଚନ୍ଦ୍ରମୌଳି । ଅନ୍ତର ତଳୁ ଦୀର୍ଘଶ୍ୱାସଟିଏ ଉଠି ମିଳେଇଗଲା ଅନ୍ତରୀକ୍ଷରେ । କାନ୍ଦଣା ସୁର୍‌ରେ ବାହୁନି ବସିଲେ ବୁଢ଼ୀ—

ମୋ ବାପା ହେ,

ଏଡ଼କି ଦାରୁଣ ତମେ ହୋଇଲ କି ବାପା ହେ,
ଗର୍ଭରେ ପଥର କିବା ଶୋଇଲି କି ,,
ଅଲିଅଳ ଝିଅ କିଛି ନ ଜାଣେ କି ,,
ଭାତ ଖାଇ ହାତ ଧୋଇ ନ ଜାଣେ କି ,,
ଗେଲବସରରେ ବଢ଼ି ସେ ଥିଲା କି ,,
ଏଇ ଦଶା ତା'ର କପାଳେ ଥିଲା କି ,,
କେମନ୍ତେ ପର ହୋଇଲ ତମେ କି ,,
ପଚାରିଲ ନାହିଁ ଝିଅକୁ ଦିନେ କି ,,

'ତୁନିହୁଅ ବୋଉ !'—ବଡ଼ ଶାଳାଭାରିଜା ଆସି ଶାଶୁଙ୍କ ପାଖିରେ ହାତ ଦେଲା । ସାନ ଆସି ଏରୁଣ୍ଡିବନ୍ଧ ପାଖରେ ଠିଆହୋଇ ଓଢ଼ଣା ତଳେ ତୁପି ତୁପି କହିଲା — 'ଏତେଦିନେ ମନେପଡ଼ିଲା ! ଆସି ଗୋଟାଏ ଯୁଗ ବିତିଲାଣି କ'ଣ ଏମିତି ହୋଇଥିଲା ଯେ, ଆଜି ଯାଏଁକେ ଟିକିଏ ବୁଝିଲ ବି ନାହିଁ । ଦେଖିଶୁଣି ତ ବାହା ହୋଇଥିଲ । କେହି ତ ନେଇ ମାଡ଼ିଦେଇ ଆସି ନ ଥିଲା ବଳେବଳେ···?

ଚନ୍ଦ୍ରମୌଳି ମୁଖଖୋଲି କହିଲେ—ଫୁଟନ୍ତା ଫୁଲଟିଏ । ରୂପ ଅକଳନ୍ତି । ରସ ଅସରନ୍ତି । ବାହାରେ ମହକ ଉଠୁଛି ଭରପୂର । ମାତ୍ର ଭିତର ଏତେ ଟାଣ କାହିଁକି ? କଥାଗୁଡ଼ାକ କାହିଁକି ଏମିତି ଫୋପାଡ଼ିଲା ଫୋପାଡ଼ିଲା । କଅଁଳ ଓଠରେ କଅଁଳ କଥାପଦେ ଦେଇଥିଲେ କ'ଣ ସୃଷ୍ଟି ଓଲଟି-ଯାଇଥାନ୍ତା ! ଅନ୍ଧ ବିଧାତା !!

ବାହୁନା ଶୁଣି ସାଇପଡ଼ିଶାରୁ ଗୁରୁ ପାଁ ଜଣ ମାଇପେ ଆସି ଜମି ଯାଇଥିଲେ । ଘରର ପୋଇଲା ପରିବାରୀ ବି କାମଧନ୍ଦା ଛାଡ଼ି ଦଉଡ଼ି ଆସିଲେ । କିଏ ବିରବଟା ଛାଡ଼ି ହାତରେ ଆଣ ବଲ୍‌ବଲ୍ ହୋଇ ଧାଇଁଆସିଛି । କିଏ ଖାଇ ବସିଥିଲା, ଅଇଁଠା ହାତ ଧୋଇବାକୁ ତର ନାହିଁ । ଉଦ୍ଧ ମୁଣ୍ଡରେ ଠିକ୍ ଠିକଣା ନାହିଁ ଲୁଗା । ନସର ପସର ହେଇ, ପଡ଼ିଉଠି ଧାଇଁଛି । କିଏ ବା ଚୁଲୀପାଖରେ ବସି ଖଇ ଭାଜୁଥିଲା, ଶୁଣିଲାକ୍ଷଣି ଲଣ୍ଡଭଣ୍ଡ-ହେଇ ଖଡ଼ିକାମୁଠାଟା ହାତରେ ଧରି ଧପାଇଛି । ମୁଣ୍ଡରେ ଓଢ଼ଣା ନାହିଁ । ଗୋଚ୍ଛାଏ ବାଳ ଫିଟିପଡ଼ିଛି ପିଠି ଉପରେ । ପାଦରେ ପାହୁଡ଼ ବାଜୁଛି ଝୁମ୍‌ଝୁମ୍... ଘଡ଼ିକ ଭିତରେ ଘରେ ବାହାରେ କବାଟ ସନ୍ଧରେ, ଝରକା ଫାଙ୍କରେ ଗୁରଆଡ଼େ ଜଳିଉଠିଲା ଆଖି । ପଞ୍ଚାଏ ମାଇପେ ଆସି ଘେରିଗଲେ ତାଙ୍କୁ । ସପନାବୋଉ କୋଉଠି ଥିଲା—ଘରକୁ ଯାଉଥିଲା କି ଅଧାବାଟରେ କୋଉଠି ଲୁଚିଥିଲା କେଜାଣି—ସମସ୍ତଙ୍କି ଦୁ ଭାଗ କରି ଘରଭିତରେ ଆସି ପହଞ୍ଚିଗଲା ମୁରବୀଭଳି । ଲେଖାଯୋଖାରେ ନର୍ମଦାର ଖୁଡ଼ୀ ହିସାବ ହେବ ସେ । ମୁହଁ ତମତମ କରି ଓଠ ନେଫେଡ଼ି କହିଲା—କି, କୋଉଥିପାଇଁ ଏତେ ରଗ ମାଁ ? ଦେଇ ନା ନେଇ ? ଆଉରି ଯଦି ଶଏ ଷାଠିଏ ଅଣି ଅଜାଡ଼ି-ଦେଇଥାନ୍ତ, ଆଜିତ ମଣିଷ ମାନନ୍ତ ନାହିଁ । ଓଲଟି ଆମଘରୁ ଶହ ଶହ ବୋହିଗଲା । ଘ' ବାଡ଼ି ଜମି ହେଇଥାନ୍ତା । ବେ' ପଢ଼ିଲା, ମେ' ପଢ଼ିଲା । ବାବୁହେଲା । ଅସୁସରେ ରହିଲା । ସାତଜନ୍ମରେ ଯା' ହେଇ ନ ଥାନ୍ତା । ଅଜିର ପୁଣି ରଗ ! କୁଆଡ଼କୁ ପାଏମ ଏ ମାଖନା ରଗ ? ହୁଁ...

ପୁଅର ଦେଖ ଗୁମର, ନା

ମା ବିକୁଥିଲା ଚୁଙ୍ଗୁଡ଼ି ଶୁଖୁଆ ବାପ ଭିକୁଥିଲା ପଖଳ ।

ପଥର ହେଇ ଯାଇଥିଲା ସେତେବେଳକୁ ଚନ୍ଦ୍ରମୌଳି । ଦେହ ମନ ହୁହୁ ହେଇ ଜଳିଉଠୁଥିଲା ତା'ର । ଏ କିଏ ? କିଏ ଏ ନାରୀ ? ସପନ-ଦେଖୁନି ତ ସିଏ ଆଉ । ନାରୀ କ'ଣ ଏତେ ନୀଚ ହୋଇପାରେ ? ହେଇ-ପାରେ ଏତେ ହୃଦୟହୀନ ? ବିଶ୍ୱର ଶ୍ରେଷ୍ଠ ସୌନ୍ଦର୍ଯ୍ୟରେ ଗଢ଼ା ଯା'ର ଲାବଣ୍ୟ

ତନୁ— ଯିଏ କରୁଣାର ଅବତାର, ସ୍ନେହର ପାରାବାର, ଶାନ୍ତିର ଆକାର ସେଇ ନାରୀ କ'ଣ ଏଇ ? ଏଇ ତା'ର ଭିତରର ଅସଲ ରୂପ ? ଆବରଣହୀନ ଆଭରଣହୀନ ଛଦ୍ମହୀନ, ନଗ୍ନ ବାସ୍ତବ ରୂପ ଏଇ ନାରୀର ? ? ନା, ନା ! ପାଗଳ ହୋଇ ଉଠିଲା ସେ । ଗୋଟାଏ ଉନ୍ମତ୍ତ ପ୍ରଭଂଜନ ଖେଳିଗଲା ତାର ରକ୍ତମାଂସ ଅସ୍ଥିମଜ୍ଜା, ଶିରାପ୍ରଶିରା ଦୋହଲାଇ ।

'ସାପ ନେ, ବେଙ୍ଗ ନେ ମୋ ପେଁ କାଳି ବଜେଇ ଦେ—' ଗୋଟିଏ ଲଙ୍ଗଳା ଟୁଆ ଦାଣ୍ଡରେ ଖେଳୁଥିଲା ଆମ୍ବ ଟାକୁଆଟିଏ ଧରି ।

ସତ ତା' ହେଲେ ଦେବବ୍ରତର କଥା । ପେଁ କାଳି ବଜେଇବା ପାଇଁ ଖାଲି ଏତେ ଫାନ୍ଦ ! ବନ୍ଧେଇବା ପାଇଁ ଖାଲି ଏତେ ମିଠା କଥା, ମନଲୋଭା ରୂପ, କଲକଲିଆ ହସ !! ଥରେ ହାତରେ ପାଇଗଲେ କାମ ଫତେ । ତେଣିକି ମଦ ଘଡ଼ା ନା କାମ ସରିଲେ ଗଡ଼ଗଡ଼ା । ସବୁ ବଦଳିଯାଏ । ଏଇ ମୁକ୍ତ ମନୋହାରିଣୀ କୋଟି ଲାବଣ୍ୟମୟୀ ଦେବୀ ପ୍ରତିମା ହୋଇ ଉଠେ ନୃମୁଣ୍ଡମାଳିନୀ କରାଳଦଶନା କାଳୀ ! !

'ଚଣ୍ଡୀ—ଚଣ୍ଡୀ – ଚଣ୍ଡୀ ଗଲେ । ବାଟ ଛାଡ଼, ବାଟ ଛାଡ଼ । ବାଟ ଛାଡ଼—' ଠୋ ଠୋ ହୋଇ ହସି ଉଠିଲେ ଟୋକିଗୁଡ଼ା । ସଭିଙ୍କ ଆଖି ଫେରି ଚାହିଁଲା ପଛକୁ । ଛନଛନ ହୋଇ ହରଣୀଟିଏ ଧାଇଁ ଆସିଲା— ଆରେ ଆରେ ଏ ଅପୂରୁବ କେତେବେଳେ ମ ? ତମେ ଆଇଚ । ମୁଁ କହିଲି ଆମ ଗାଁ ଠାକୁରାଣୀ ମେଢ଼ ଯାତ୍ରା ପଡ଼ିଆକୁ ଯିବାକୁ ସଜ ହେଉଛୁ ଯେ ସମସ୍ତେ ଆସି ରୁଣ୍ଡ ହେଇଛନ୍ତି ଦେଖିବାକୁ ।' ଅଜଣାତରେବ ହସି ଉଠିଲା ଚନ୍ଦ୍ର ।

'ହଁ ବାସୁଆ କାହିଁ ? ପାର୍ବତୀଙ୍କୁ ନେବା ପାଇଁ ଯଦି କୈଳାଶକନ୍ଦର ତେଜି ମନ୍ଦ୍ରମଧୁର ଛନ୍ଦ ତୋଳି ଧାଇଁ ଆସିଛନ୍ତେ ଚନ୍ଦ୍ରମୌଳି ! କୁହ ତେବେ କାହିଁ ତମ ହଡ଼ା ? କାହିଁ ତମ ବାସୁଆ ବଳଦ ? କରୁଛୁ କି ରୋମନ୍ଥନ କାହା ଅନ୍ତରାଳେ ଲୁଚେଇ ଲୁଚେଇ ?'

ହସି ହସି ଲୋତରକୋତର ହୋଇ ପଡ଼ିଲା ଚନ୍ଦ୍ରା କହିଲା—ପାଗଳି ରେଣୁ, ଫାଟଉଛି ର' ତୋ ପିଠି ।

ଶାଶୁ ପାଟି କରି ଉଠିଲେ—ଯାଉଛୁ ନା ଟୋକୀ ତୁ ଏଠୁ, କଥା ପଡ଼ିଲାବେଳେ ଆସି ନବାବ ବାହାର କଲୁ ।

ଗମ୍ଭୀର ହୋଇ ରେଣୁ କହିଲା—କଥା ପକେଇବାକୁ କଣ ଆଉ ବେଳ ନାହିଁ ବୋଉ, ଭେଣେଇ ଗୋଡ଼ ଧୋଇଲେଣି ? ଜାମା ପଟା ଖୋଲି ବିଶ୍ରାମ କଲେଣି ଟିକିଏ ? ଆଉ କଥା କଣ ତୁ କହି ପାରିବୁ ନାହିଁ, ବାପା ଭାଇ ନାହାନ୍ତି କଥା କହିବାକୁ ଯେ ଏ ଗାଁର ବାର ଛତରଖାଇ ଘର ଭଙ୍ଗେଇ କଲେଣି ଆସି…

ଜିଲୋ, କିଲୋ ତୁ କାହାକୁ କଣ କହୁଯାଉଛୁଲୋ ଅଣ୍ଡିରୀଚଣ୍ଡୀ ହୁପୁରୀମୁହିଁ ଟୋକିଖଣ୍ଡକ ? —ଗର୍ଜି ଉଠିଲା ସପନ ବୋଉ ।

ଭଲ ଝିଅ ଥିଲେ ଆପଣା ମହତ ରଖି ଚୁପରେ ଏଠୁ ଚାଲିଯା ଝିଅ । ତା ନ ହେଲେ ଏ ଅଣ୍ଡିରୀଚଣ୍ଡୀକି ଚଣ୍ଡୀ ବେଶ ଧରିବାକୁ ବେଶିବେଳ ଲାଗିବ ନାହିଁ । ଗୋଟାଏ ଚୁଟୁକରେ ଛଡ଼େଇ ଦେବ ସବୁ ବଜାଡ଼ି ।

ଦାନ୍ତ କଡ଼ମଡ଼ କରି ଆଖି କଟମଟ କରି ଧୀରେ ଧୀରେ ପଦାକୁ ବାହାରିଗଲା ସପନବୋଉ । ବାଟଯାକ ବଡ଼ ବଡ଼ ହୋଇଯାଉଥାଏ—କୋଉ ଘଇତା ଘରକୁ ଯିବୁଲୋ ଚଇତଘୋଡ଼ା ? କା' କପାଳରେ ପେଚା ବସିଛି ଏ କାଣ୍ଡେଇ ଟୋକୀକି ନେଇ ଘର କରିବ ? ହୁଁ, ନାଚୁଛି ନା ଗୋଡ଼ ଦୋ'ଟି ଦୁଲୁଛି ମ' । ଭେଣେଇ ସାଙ୍ଗରେ ପେରେମ ଲାଗିଛି ପେରେମ ।

ବାଟରେ କିଏ ଜଣେ ଯାଉଥିଲା । କହିଲା—ଉଚେତ ଭୂତ ଲାଗିଛି କି'ଲୋ ? ମନକୁମନ କ'ଣ ଏମିତି ବଡ଼ ବଡ଼ ହେଉଛୁ ?

ହୁଁ—ମୁହଁ ଛୁଟି ଦେଲା ସପନବୋଉ—ତୋ'ର ଏକା ବଅସ ଲାଗିଛି କା ଆଉ କା'ର ଲାଗିଥିଲା ବା ? ଆମେ ସବୁ ଆଉ ଟୋକୀ ହୋଇ ନ ଥିଲୁ ? କିଏ ଏମିତି ପରପୁରୁଷ ସାମନାରେ ହାତ ହଲେଇ ମୁଣ୍ଡ

ଝୁଲେଇ ନୈକଚର କରୁଥିଲୁ ? ଅଲାଜୁକ, ବେହିଆ ବଖାବର । କେତେ ଝଉଙ୍ଗା ହେଉଚଲେ ମା । କି ରଣଚଣ୍ଡୀ ! ଆଲେ ଘଣ୍ଟ ହବୁଲେ ଘଣ୍ଟ ହବୁ । ମୋ'ର ଭଲିଆ ନଅଁଶି ହେଇ ଆସି ବଡ଼ ଦାଣ୍ଡରେ ବସିବୁ । ସପ୍ତ ପୁରୁଷଙ୍କୁ ପାଣି ଦବାକୁ କେହି ରହିବେ ନାହିଁ···

ପଣି ଟିକିଏ କଏ ଦେଇ ପାରିବ ନାହିଁ ? —ରେଣୁ କହିଲା—ଘର ଯାକର ମାଇପେ ଆସି ଜମା ହେଇଛ । ବଡ଼ ନୂଆ ବୋହୂ, ସାନ ନୂଆ ବୋହୂ, ନେତ, ପଦ୍ମା, ମାଧବୀ । କାହାର ଟିକିଏ ଅକଲ ହେଲା ନାହିଁ କାଣିଆଙ୍କୁ ପାଣି ଛାଲେ ଆଣି ଦେବାକୁ ? ଖାଇମାଲୁ । ଖାଲି ପେଟେ ଗିଳି ପିନ୍ଧି କଣ୍ଟାଦାଢ଼ରେ ଲୁଗା ପକେଇ କଜିଆ କରିବାକୁ ତିଆର—

ମୁହଁ ଫଣଫଣ କରି ଗୋଟି ଗୋଟି କରି ମାଇପେ ପଳେଇ ଗଲେ ଘରକୁ । ଝଙ୍କା ଭିତରୁ ବଡ଼ ଖୁଡ଼ୀଙ୍କର ପାଟି ଶୁଭୁଥାଏ—କୋହ୍ଲଡ଼କ ସିବୁକେ ଚଣ୍ଡି ? ଏ ଘର ଟିକିଏ ଥଣ୍ଡା ପଡ଼ିବ ।

ଖରୀ ଥଣ୍ଡା ହେଲା ନା ? ଭେରି ଭୋଲ୍ଡ଼ ରହେସ୍ଜନ : ଷମା ଜରିବ । ଏମାନେ ନପଟ ମୂର୍ଖ । ସଭ୍ୟତାର ବହୁ ଦୂରରେ ପଡ଼ିଛନ୍ତି । ଭାକ୍ ନୋକଙ୍କୁ କେମିତି—

ନା, ସେ କଥା ନୁହେଁ । ମୁଁ ଖାଲି ଭାବୁଛି ସେଇ ବଧବାହିର କଥା—ଚନ୍ଦ୍ରମୌଳି କହିଲା ।

ଏଁ, ସପନା ବୋଉ ? ସିଏ ଗୋଟାଏ ନମ୍ବରୀ ନମ୍ବର ଓ୍ୟାନ । କେତେ ଘର ଯେ ଖାଇଛି ତା'ର ଇୟତ୍ତା ନାହିଁ । ଏଇ ସେ ଦିନ—ମୁଁ ଯେତେ-ବେଳେ ବାପାଙ୍କ ସାଙ୍ଗରେ ଜିଦ୍ ଲଗେଇ—ତାଙ୍କର ନାହିଁ ନାହିଁ ମୋର ହଁ ହଁ—ଏକ ପ୍ରକାର ଜବରଦସ୍ତ ଗଲି ବରହମପୁର ପଢ଼ିବାକୁ, ସେତେବେଳେ ତାଁହାରି ଏ କଣ ରାସ୍ତି କଲା ଜାଣ ? ତମ ସାଙ୍ଗରେ ମୋର କୁଆଡ଼େ ପେରେମ ହେଇଛି ପେରେମ । ମୁଁ ଯାଉନାହିଁ ଯେ ତମେ ଚୁମ୍ବକ ହେଇ ଏ ଲୁହାକୁ କୁଆଡ଼େ ଟାଣି ନେଉଛ ଧୀରେ ଧୀରେ ।

ହୋ ହୋ ହୋଇ ହସି ଉଠିଲା ଚନ୍ଦ୍ର ।

କୁହ, ଏମିତିକା ବଜାତ ମାଇକିନିଆକୁ କିଏ କରିବ ? ତମେ ଯାଇ କୋଉ କଟକରେ, ମୁଁ ବରହମପୁରରେ । ତମର ମୋର ଥରେ କାଲେ ଦେଖା ନାହିଁ କି ସାକ୍ଷାତ ନାହିଁ, ଆଉ ପେରେମ କୁଆଡ଼େ ଏମିତି ଉଚ୍ଛୁଳି ପଡ଼ିଲା ଯେ ଆମେ ପୀରତି ଦରିଆରେ ଉବୁଟୁବୁ ହୋଇ ଖାଲି ବୁଡ଼ିଲେ ଉଠିଲେ ।

ପରଦା ଫାଙ୍କରେ ଥରେ ଉଙ୍କିମାରି ଫେରିଗଲା ନର୍ମଦା ।

କିଏ ? ନାନି ? ଆ—ଆ—ଆରେ ଆରେ ଫେରିଗଲୁ ଯେ । ତୁ ପୁଣି ସେଇ ସପନବୋଉ ପାର୍ଟ ପ୍ଲେ କରିବୁନା କିସ ? ଆରେ ସବୁ କଥାରେମ, କାମରେ କିଛି ନାହିଁ । ଆ—ଦୂରତେରି—

ରେଣୁ ଉଠିଗଲା ।

ଚନ୍ଦ୍ରମୌଳି ମୁହଁରୁ ଅଲକ୍ଷ୍ୟରେ ବାହାରି ପଡ଼ିଲା—ଇନ୍‌ସ୍କ୍ରୁଟେବଲ ଆଉ ଦି ଓ୍ବେଜ ଅଫ୍ ଉମାନ୍‌ସ ହାର୍ଟ !



ଆକାଶରେ ଝଡ଼ର ସୂଚନା । କଳାହାଣ୍ଡିଆ ମେଘ ଆସି ମାଟି ଛୁଇଁଛି ।

ରେଣୁ ହସି ହସି କହିଲା—ସତେ ତେବେ ନାନି ! ଖାଲି ଗୋଟାଏ ମଣିଷ ଅସ୍ତିତ୍ୱ ଉପରେ—

କେତେ ମିଶିଲ ମନେ ଦେଖାଉଛୁ ଲୋ, ମୁଁ ଆଉ ଲ' ପଇସାର କାଣି ନାହିଁ ।

ଉଚ୍ଛୁଳା ହସକୁ ଚାପି ରଖି ପାରିଲା ନାହିଁ ରେଣୁ ।

କାହିଁକି ଗୋଟାଏ ଗୋଡ଼ାଙ୍କ ମେଣ୍ଢା ଫେଁ ଫେଁ ହଉଛୁ ମ ? ସେଇ ଟେରେଣ୍ଟେ ପାଖକୁ ଯା' ହସିବୁ ଯେ ସିଏ ଆଦର କରିବ । ଟେକି ଧରିବ ଛତେ ମୁଣ୍ଡରେ ।

ନାନି ! ଚିତ୍କାର କରି ଉଠିଲା ରେଣୁ ।—ମୁଣ୍ଡ ତୋ'ର ଖରାପ ହୋଇ ଗଲାଣି କ'ଣ ? ରେଣୁକୁ ଏତେ ଛୋଟ ମନେ କରୁଛୁ ? ରେଣୁ ରୂପ ହଇତାନ ମହନମୁହିଁ ନୁହେଁ । ପିଲାଟିଦିନୁ ସେ ଚଣ୍ଡୀ । ଯାହା କରିବ ଠୋକ ଠୋକ । ଯାହା କହିବ ଭିଡ଼ ଭିଡ଼ । ଚୁପି ଚୁପି ଆଖିଠାରି ନାକ ସଜେଇ ପ୍ରେମ କରିବା ଲୋକ ସେ ନୁହେଁ । ଆଉ ଟେରେଣ୍ଟା ? ପୁଣି ପରର ଉଚ୍ଛିଷ୍ଟ ? ଛି, ଛି, କିଏ ଦେଲା ତତେ ଏ ଘରବୁଡ଼ା ବୁଦ୍ଧି ?

ନିଜେତ ମୁଁ ଆଖି ଆଗରେ ଦେଖିଲି ।

କଣ ହସ ? ଅଛା ନକଲ ? ସେଇଟା କ'ଣ ଗୋଟାଏ ଏତେ ବଡ଼ ପାପ ? ଟିକିଏ ମନ ପୁରେଇ ହସିବ ନାହିଁ ? ପେଟ ଖୋଲି କଥା ହେବ ନାହିଁ ? ଖାଲି ସବୁବେଳେ ଗୁଁ ପୁଁ—ଅବିଶ୍ୱାସ—କୁଟିଳିଆ କଥା । ସେଇ ଯୋଗୁଁତ ଆମ ନାରୀ ଜାତି ହେଉଛି ଏତେ ଘୃଣାର ପାତ୍ର, ଦୟାର ପାତ୍ର । ଶ୍ୱାନ ଆଉ ଚଣ୍ଡାଳ ସଙ୍ଗେ ନାରୀ ଜାତିର ଆସନ । ସ୍ୱଭାବେ ନାରୀ ଜନ୍ମ

ହୋଇ, ଧର୍ମ ଅଧର୍ମ ନ ଜାଣଇଁ—ଭାଗବତରେ ପଦ ଅଛି । ପୂର୍ବାଗ୍ରେଣେ ଆହୁରି କହିଛନ୍ତି—'ବିଶ୍ୱାସଃ ନୈବ କର୍ତ୍ତବ୍ୟ ସ୍ତ୍ରୀଷୁ ରାଜକୁଳେଷୁଚ ।'

ଏ ସବୁ ସେଇ ପୁରୁଷଙ୍କ ଉଆଣ । ଆମକୁ ଚିରକାଳ ଦଳି ମକଚି ପାଦତଳେ ରଖିବାପାଇଁ ସେଇ ଧୂର୍ତ୍ତ ଶୃଗାଳର ଏ ଗୁଲ୍‌ବାଜି ।

କିନ୍ତୁ ତା'ବୋଲି ଆମେ ପୁଣି ଧୂର୍ତ୍ତ କାକ ହେବା କାହିଁକି ? ସରଳ ମୁହଁରେ ସରଳିଆ ହସଟିଏ ଖେଳେଇ ଗିରିନଦୀ ଭଳି କଳକଳ ଗୀତ ଗାଇ ଆମେ କାହିଁକି ଆଗେଇ ନଯିବା ପଥ ? ଯଦି କିଛି ସନ୍ଦେହ ହୁଏ, ଅବିଶୋଷ ହୁଏ, ଖୋଲିକରି ସଫାସଫା ପଚାରିଦେଲେ ତ କାମ ଛିଣ୍ଡିବ । ସିଏ ତା'ର ଉତ୍ତର ଦେବେ । ତେଣିକି ଆମ ମନ ବୁଝିଲେ ତ ଭଲ । ନ ବୁଝିଲେ ଆମେ ଆମର, ସିଏ ତାଙ୍କର···

'ହଁ, ନ ହେଲେ ଆମେ ଯାଇଁ ଆଉ କାହାକୁ ପେରେମ କରିବା ଚଣ୍ଡୀଭଳି...।'

ଆରେ ଆରେ ଜାନକୀ ନୁଆଉ ଯେ—ହସିହସି ପାଖ୍ରେଛି ଆଣିଲ ଯାଇଁ ରେଣୁ । —ଆସ, ଆସ । କେମିତି ଆସିଲମ ଏ ମେଘ ମେଦୁର ଆକାଶ-ତଳେ ? କେମିତି ସେ କଅଁଳ ପାଦ ଏ କଠିନ ଧରଣୀ ଛୁଇଁଲା ? ଦୁବଘାସ ମଥା ନୋଇଁ ଦେଲା ତ ?

ଦୁଲ୍ କିନା ପିଠିରେ ଗୋଟାଏ ବିଧା ବସେଇଲେ ଜାନକୀ—ରହିଲୁ ଚଣ୍ଡୀ, କେତେ ଲୋକଙ୍କୁ ଭଣ୍ଡି କେତେ ଘର ତୁ ମଣ୍ଡିବୁ । ତୋ'ର କାରକାଙ୍କଣ ଏକା ସହକାର ତଳେ ଫ୍ରିସ୍ଟଗଲା ଉଦ୍ଧବ ।

କେଉଁଆଡ଼ି ଗଲା ଉଦ୍ଧବ କି ବେକେ ମୋଦ୍ଧବ, କିଏ କହିବ ? ମୁଁ ତ ଆଗ ଖପରିକାଢ଼ି ମାରି ତା ତାଳୁ କଣା କରି ଅଧ କଂସାଏ ରକତ ପିଇବି ସେଇଠି ।

ହସି ହସି କୋଳ୍କୋଳି ହେଇ ଗଡ଼ି ପଡ଼ିଲେ ଜାନକୀ । ନର୍ମଦା ମୁହଁରେ ବି ଉଚ୍ଛୁଳି ଉଠିଲା ହସ ଆନନ୍ଦର ଜୁଆର ।



କେତେବେଳକେ···

ରେଷ୍ମ କହିଲା—କହିଲ ନୁଆଞ୍ଜ ! ମୁଁ କୁଆଡ଼େ ଚନ୍ଦ୍ର ଭାଇକ ପ୍ରେମ କରୁଛି ? ମୁଁ ରଙ୍କଣିଆ ହୋଇ ଛଡ଼େଇ ନଉଛି କାମାଠଉଁ ତା ବର ?

ନାଇଁ ମ, ତୁ ନକୁ କାହିଁକି ? ତୋର କ'ଣ ଆଉ ରଙ୍କଣିଆ ଖୋଇ ଅଛି ? ଖାଇ ଖାଇ ତ ମନ ଭାଙ୍ଗିଗଲଣି ।

'ଜାଙ୍ଗଲ୍'—ଜାନକୀର ଫାଲେ ଗାଲ ଚିପିଚିପି ସିଦ୍ଧେଇ ଦେଲା ରେଣୁ ।

ଆଲୋ ଆଲୋ ମୋ ଗାଲ କାହିଁକି ଚିପୁଛ ? ପୁରୁଷ ଗାଲ ଚିପିଲେ ସିନା ରସ ପାଇବୁ ।

ନାଇଁ ନୂଆଭଉ ! ସତ କହିଲ ମତେ କ'ଣ ତମେ ଏତେ ଶ୍ରେଷ୍ଠ ବୋଲି ଭାବୁଛ ?

କେ-ଜା-ଣି ? ନର କଥା ନାରାୟଣଙ୍କୁ ଅଜଣା ।

ନୂଆଭଉ ! —ଚିତ୍କାର କରି ଉଠିଲା ରେଣୁ । ଆଖି କୋଣରୁ ଝରି ଆସିଲା ଲୁହ । କହିଲା—ସତେ ? ସତେ ତମେ ଭାବ ମୋତେ ଏତେ ହୀନ ବୋଲି ? ଘୃଣ୍ୟ ବୋଲି ? ? ବେଶ୍ୟା ବୋଲି ? ? ?—ଭେ ଭେ କାନ୍ଦି ଉଠିଲା ରେଣୁ । ଉଠି ପଡ଼ି କୁଣ୍ଢେଇ ଧରିଲା ନର୍ମଦା । ଆଖିରୁ ଗଡ଼ି ଆସିଲା ଦୁଇଟି ଧାର । ଲୁହରେ ଲୁହ ମିଶିଲା ।

ବର୍ଷାର ବେଗ ଟିକିଏ କମି ଆସିଛି । ଝଡ଼ ବି କମିଛି ଅନେକଟା । ଆକାଶରେ କିନ୍ତୁ ତଥାପି କଳା ଅନ୍ଧାର ରାଜୁତି କରୁଛି । ଜହ୍ନ ଉଠିବାକୁ ଆହୁରି ଅନେକ ବେଳ ବାକୀ ।

ନର୍ମଦାର ଗୋଟିଏ ହାତ ଧରି ଜାନକୀ ଧୀରେଧୀରେ କହିଲା—ତୁ ଏମିତି ପାଗଳୀ କୋଉଦିନ ହେଲୁଲୋ ମାରୁ ! ଯାହାଙ୍କ ପାଇଁ ସେଦିନ ଜୀବନ ଦେବାକୁ ବସିଥିଲୁ—ଯାହାଙ୍କୁ ଦଣ୍ଡେ ନ ଦେଖିଲେ ବାଇଆଣୀ ହେଇଯାଉ, ତାଙ୍କୁ ତୁ ଆଜି କଥା କହୁନୁ ! ! କାହିଁକି ? କ'ଣ ତାଙ୍କର ଅପରାଧ ଶୁଣେ ?

ମୁଁ କହୁଛି—ଉପରେ ପଡ଼ି କହି ବସିଲା ରେଣୁ—କଥା କ'ଣକି ସିଏ ଆସି ଚଞ୍ଚଳ ଦେବୀଙ୍କୁ ନେଲେ ନାଇଁ, ସହଜେ ତ ସିଏ ଚନ୍ଦ୍ରମୌଳି ଅର୍ଥାତ୍ ଭୋଳାନାଥ । ସବୁବେଳେ ଭାଙ୍ଗରେ ବିଭୋର । ଗଞ୍ଜେଇରେ ଚୁର୍ । ନିଶାରେ ଟର୍ । ଘର ନାଇଁ, ଘାଟ ନାହିଁ । ବାଇଆଙ୍କ ଭଳି ପାଉଁଶ

ବୋଟେଁ ବୋଲି ହେଇଁ ଲଙ୍ଗଳା ହେଇ ମଶାଣିଏ ମଶାଣିଏ ବୁଲୁଛନ୍ତି । ଦେବୀଙ୍କ କଥା ସିନା ମନେ ପଡ଼ିଲେ ହୁଏ ? ଆଉ ଖାଲି ମନେ ପଡ଼ିଲେ ବି କ'ଣ ହବ ? ଆସିବାକୁ ହେଉଥା ସିନା ପାଖରେ ଥିଲେ । ସିଏତ ଯାଇଁ କୋଉଠି କା'ବାଲରେ ପଡ଼ି ଭୁଦା ଖାଉଥିବ । ମାହାଦେବଙ୍କ ଝଣ୍ଟ । କୋଉ ନଗା ନା ପଘା ।...

ହସି ହସି ଅନ୍ତୁଡ଼ୁଳା ଦୁର୍ହେଇ ଆସିଲଣି ଜାନକୀର । ବାଁ କାନଟାକୁ ମଗାଲି ଧଇଲୁ ନର୍ମଦା ।

ର' ର' ମୁଁ କ'ଣ ଭୁଲ କହିଲି ?

ଗମ୍ଭୀର ହେଇ ଜାନକୀ କହିଲୁ—ନାଇଁ, ଠିକଏ ତୁ ତୁନ ହୋ' ରେଣୁ । ଅସଲ କଥାଟା ବୁଝିବା ।

ମ' ମୁଁ ଆଉ କୋଉ ନକଲ କଥାଟା କହୁଛି କି ? ଆରେ ବୋକା, ଏତିକି ବୁଝି ପାରୁ ନା ? ସିଏ ତ ହେଲେ କିରାଣୀ । ମାକେ କେରାଣ୍ଡି ମାଛ ଠଉଁ ସ୍ଥାନ ଯାହାଙ୍କର ଅବସ୍ଥା । ଦିନଯାକ ଗଧ ଭଳିଆ ଫାଇଲ୍ ଟିପି ଟିପି ଅଙ୍କ କଷି କଷି, ଟେବୁଲରେ ବସି ବସି ସ୍ତ୍ରୀ'ଙ୍କ ଦଫା ଶେଷ । ଦିନ ରାତି ଖାଲି ଚିନ୍ତା—କୋଉ ପେପର୍ କୋଉ ଫାଇଲରେ ରହିଲୁ । କୋଇ ଫାଇଲ୍ ସାହାବ ଘରକୁ ଯିବ । କୋଉ ଟି. ଏ. ବିଲ୍ ସାହାବର ଟେବୁଲେଷ୍ଟ ପଠା ହେବ—ଏମିତି ନାନା ପର ଚିନ୍ତା କରି କରି ତ ଜୀବନ ଶେଷ ଘର ଚିନ୍ତା କରିବାକୁ ବେଳ କାହିଁ ? ଆଉ ହଁ, ମନେ ପଡ଼ିଲେ ବି କଟକ ସହରରେ ଘର ଖଣ୍ଡିଏ ମିଳିବା କ'ଣ ଏତେ ସହଜ ? ଗୋପୀନାଥ ମହାନ୍ତିଙ୍କ 'ଘର' ପଢ଼ିଛ ଟି ? ନାକରୁ ଦ' ବଣା ସିଂଘାଣି ଗଡ଼ି ପଡ଼ିବ ନାଇଁ ଘର ଖୋଜି ଖୋଜି । ତା' ପରେ ଧର ଘର ମିଳିଲୁ । କିନ୍ତୁ ଛୁଟି ? ଛୁଟି ପାଇଲେ ସିନା ଛୁଟି ଆସିବ ପ୍ରିୟା କୋଳକୁ । ଧର ବା ହେଡ଼୍ ଆସିଷ୍ଟାଣ୍ଟର ପୁଅକୁ କାଟେଇ ଲକେନସ ଦେଇ କୌଣସି ମତେ ଖୁରଦିନ ଛୁଟି ମିଳିଲୁ । କିନ୍ତୁ ହଡ଼ା ? ଓ, ଆଉ ମିଳ—ଗାଡ଼ି, ମଟର, ? ଏ ଓଡ଼ିଶାରେ ରଥ ଯାତ, ମନ୍ତ୍ରୀ ଯାଇ,

କାଳିଆ ବୋଦା ଯାତରେ ଏତେ ଲୋକ ଆତଯାତ ହେଉଛନ୍ତି ଯେ ହକ ଟିକେ ଧରି ଗାଡ଼ି ଭିତରକୁ ପଶି ଆସିଲେ ବି ନାକ ଖାଇ ଖାଇ କଫ, ବାତ, ପିତ ସବୁ ଏକାଠି ହୋଇଯିବ ।

ମରୁ ନାଉଁଲୋ ଅଣ୍ଡିରି ଚଣ୍ଡି ! ଜୋଉ ଧନ ଏଇଟା ଘଇତା ଘରକୁ ଯିବ, ସ୍ୱା ଉଲୁକୁମତା ଭାଙ୍ଗିବ ।···ହୁଁ, କହୁଛି ମାରୁ । କ'ଣ ପାଇବୁ ତୁ ସେ ଗୁରୁଗ୍ମ କଥାରୁ···

ଆରେ ଆରେ ତମେ ତ ମୋଟେ ଫାଳକଥା ଦେଖିଲ । ତତ୍ତ୍ୱଟାର ଆର ପାଖ ଦେଖିବ ନାହିଁ ?—ଜାନକୀ ବେକରେ ନାଉ ହୋଇ ପଡ଼ି ଅଳି କଲା ରେଣୁ ।

ହୁଁ, ମୋର ଆଉ ମୋଟେ ଦରକାର ନାହିଁ ।

ନାହିଁ ନାହିଁ, ତମ ଭାଇଗୁଣ । ଆଉ ଟିକଏ ଶୁଣ । ଯେତେବେଳେ ଗୋଟାଏ ଭଲ ଲୋକ ହୋଇ ଆସିଛ, ଦ' ପାଖର କଥା ନ ଶୁଣିଲେ ଗ୍ରସ୍ତ ଦେବ କିମିତି ? ସେ ଦିନା ଚନ୍ଦ୍ରମୌଳିଙ୍କ ଚରିତ ଶ୍ରବଣ କଲେ, ଏବେ ନଗାଧି ରାଜନନ୍ଦିନୀ ମନମୋହିନୀ ବନ ଦୁର୍ଗାଙ୍କ ଉପାଖ୍ୟାନ ଟିକଏ ଶ୍ରୁତି ଗୋଚରକୁ ଆଣ । ସ୍ୱାଙ୍କ ନାଁ ନର୍ମଦା । ଆଉ ସ୍ୱା'ଙ୍କର ସହଚରୀ ହେଉଛନ୍ତି ନର୍ମ ମା । ଡାକ ନାମ ସପନୀ ବୋଉ ।

ଠୋ ଠୋ ହୋଇ ହସି ଉଠି ଗଡ଼ି ପଡ଼ିଲେ ନର୍ମଦା ଆଉ ଜାନକୀ । ହସ କୋଳାହଳରେ ଝଡ଼ିଏ କାଳ ଫାଟି ପଡ଼ିଲା କୋଠା ।

ଶୁଣ, ଶୁଣ, ଖାଲି ହସିଦେଲେ ଚଳିବ ନାହିଁ । ମହାରାଣୀ ନର୍ମଦା ଦେବୀଙ୍କର ପାଟ ମୁଦୁସୁଲି ହେଉଛି ସପନୀ ବୋଉ । ସପନୀ ବୋଉ କହିବ—କଖାରୁ ତାଙ୍କ ନଅକନକ, ଆଉ ଏଣେ ମହାରାଣୀ ହେବେ ସଅକସକ, ଗୁହିଁ ରହିଥିବେ ବଅକବକ, ମୁଣ୍ଡ ହବ ଯାକେ ଧଅକଧକ ।

ତତେ ଆଉ ପାରହବ ନାହିଁ ଲୋ ଉଦଣ୍ଡୀ—ଦୁଲ୍ ଦୁଲ୍ ଦ'ଟା ବିଧା କଷି ଦେଲା ନର୍ମଦା । କୁତୁକୁ କାଳିଆ କରି ଅଧେ ଲଙ୍ଗଳାମୁକୁଲା କରି ପକେଇଲା ତା'କୁ ।

ମନ କହୁଛି—ମୁଁ କ'ଣ ମିଛ କହୁଛି ? କ'ଣ ସିଏ କହେନ୍ତି—ମିଣିପିଗୁଡ଼ା ସବୁ ତେମଣା । ଉପରେ ଖାଲି ଫଁ ଫଁ । ଭିତରେ ମୋଟେ ବଳ ନାହିଁ । ଯେମିତି ନଚେଇବ ସେମିତି ନାଚିବେ । ଆଉ ଏ କଥା ଶୁଣି ଆମ ବୀରାଙ୍ଗନା ଦୁର୍ଗାବତୀ, ଶୁକଦେଈମାନେ ଆନନ୍ଦରେ ଖାଲି କୁରୁଳି ଉଠନ୍ତି ମନେମନେ—ଯେମିତି ଘଇତା ଉପରେ ଇଏ ଗୃହଶତ୍ରୁ । ଅବଶ୍ୟ ଆମ ଗାନ୍ଧୀଙ୍କ କଥା ନିଆରା । ପୁରାଣ ଯୁଗର କୋଉ ପାର୍ବତୀ ସିନା ପଶୁପତିଙ୍କୁ ପାଇବା ପାଇଁ ଗିରି କନ୍ଦରରେ ଦୁଃଖ କଷଣରେ ତପସ୍ୟା କରି କରି ପାଷାଣ ହୋଇ ଯାଇଥିଲେ, ଆମ ପାର୍ବତୀ କିନ୍ତୁ ଠିକ୍ ଓଲଟା । କାହିଁକି ଶିବ ଆସିଲେ ନାହିଁ ଆଉ ତାଙ୍କୁ ପାର୍କ ବୁଲେଇ ନେଲେ ନାହିଁ ବୋଲି ଅଭିମାନରେ ଫୁଲି ଫୁଲି ସେ ଗାନ୍ଧିମତ ଗୋଟାଏ ସିରିଅସ୍ ଟକ୍ ଆରମ୍ଭ କରିଦେଲେ ଚିଫ୍ ଆଡ୍‌ଭାଇଜର ସପନାବୋଉ ଓରଫ୍ ନର୍ମଦା ଦେଈଙ୍କ ସହିତ । ଫଳ ହେଲା ପୁରିପୁରି ବୟକଟ୍—୧୯୨୧ର ସତ୍ୟାଗ୍ରହ ଆନ୍ଦୋଳନ । ଖାଲି ମୁଁ ଭିତରେ ପଶି ଗୋଟାଏ ତଉରତଉରା ଆରମ୍ଭ କରି ନ ଦିଏ, ମହ୍ଲା ଦେଈ ସତ୍ୟାଗ୍ରହ ଉଇଥ୍‌ଡ୍ର ନ କରନ୍ତି—

ଆଲୋ ହେ ଟୋକୀ ! କୋଉଦିନ ମୁଁ ତତେ କହିଲି ଚଉଁରିଭୁଣ୍ଡି ନଚେଇବା କଥା ?

ଠୋ ଠୋ ହସି ଛକ୍କାର କରି ଉଠିଲା ରେଣୁ—ଆସ, ଆସ ଧୁର୍ଜଟି ! ଜ୍ଞାନର ଆଲୋକ ବିକୀରଣ ହେଉଛି । ଦେଖିଯାଅ, ନେଇଯାଅ । କଲେଜରେ ଏ ପାଠ ପଢି ନଥିବ । ତଉରତଉରାରେ ଚଉଁରିଭୁଣ୍ଡିର ଆବିଷ୍କାର । ସାଧୁ ! ସାଧୁ ! ସାଧୁ !

ହସି ହସି ରେଣୁ ଉଠି ପଳେଇଲା । ଜାନକୀ ହସି ହସି ବେଦମ୍ ହୋଇ ପଡ଼ିଗଲା ଖଟ ଉପରେ । ନର୍ମଦା ବି କିଛି ନ ବୁଝି ହସି ଉଠିଲା ଫେଁ ଫେଁ ।

ଅନ୍ଧକାର ଅପସରି ଯାଇଛି । ଆକାଶ ନିର୍ମଳ । ଚନ୍ଦ୍ର ଉଠି ଆସୁଛି ଧୀରେ ଧୀରେ ଦିଗ୍‌ବଳୟ କୋଳରେ ।

'ନବ କି'ଗୋ ପାତଲଘଣ୍ଟା ? ନବ କି'ଗୋ ଝୁନ୍ଗା, ଶେମ୍ବି, ମାଖନ !'—ପ୍ରୌଢ଼ା ରମଣୀ ଜଣେ ନନ୍ଦପଡ଼ାର ସଂକୀର୍ଣ୍ଣ ଗଳିରେ ବୁଲି ବୁଲି ପରବା ବକୁଥିଲି । ମୁଣ୍ଡରେ ତେଲ ସର ସର ଚଳିଆ ଖୋସା । ଖୋସାରେ ଗୁଞ୍ଜିଆ, ନାକରେ ନଥ, ଦଣ୍ଡି, ଗୁଣା । କାନରେ ବେଣ୍ଟୁଲି, ଝଲ୍କା, ଶିଖଲ୍ ଆଉ ତା ତଳକୁ ଗଣ୍ଠିଆ । ଦେହରେ କୁର୍ତ୍ତାଥି, ମିଲ୍ର ଏକ କଳାମେଘି କୁମ୍ଭ ପକା ଶାଢ଼ୀ ।

ଦରଜାଟିଏ ଖୋଲିଲା । ବୁଢ଼ାଟିଏ ବାହାରି ଆସିଲା ପିଙ୍କା ଝଣ୍ଡେ ପାଟିରେ ପୂରେଇ ।

ପାତଲଘଣ୍ଟା ରଖିବୁ କାହିଁ ଗୋ ?

କସ ହେ ? ପାତଲଘଣ୍ଟା କସ ହେ ? ଓଡ଼ିଆରେ କହିବାର ଏକା । ଆମେ ବୁଝିବାର ନାହିଁ ।

କେଉଁ ଦେଶେ ତମ ଘର ଗୋ ?

ଗଂଜା । ଗଂଜା । ବରହମପୁର ଜାଣିବ କି ? ବରହମ୍ପୁର ଷ୍ଟେସନରେ ଗାଣ୍ଡି'ବାନ୍ଧିଲେ ସେଠୁ ଓହ୍ଲେଇ ବାସରେ ଯିବାର ଅଛି । ଆଗ ପଡ଼ିବ ହିଂଜିଲିକାଟୁ । ତା'ପରେ ଆସିକା । ସେଇଠୁ 'ରସୁଲକୁଣ୍ଡା । ରସୁଲକୁଣ୍ଡାରୁ କେଇଖଣ୍ଡ ପଦର ଡେଇଁଲେ ତ ଆମ ଗାଁ ଦିଶିବାର ହେ—

ନୀଳ ପରଦା ଦୋହଲିଗଲା । ଚମ୍ପା ଫୁଲଟିଏ ଫୁଟି ଉଠିଲା ରୂପ କାନ୍ତିରେ 'ଢଗଢଗ ଝଲମଲ' କରି । ତରୁଣୀ—ସୁହାସିନୀ, ସୁକେଶିନୀ, ସୁହସ୍ତା । ସପିଲି ବେଣୀ କଳମ୍ବ ଛୁଇଁଛି । ବେଣୀ ଅଗରେ ଫୁଲର ହାଟ । ଗୋଟାମଲ୍ଲୀର ହାରଟିଏ ମଥା ଦେହରୁ ବଙ୍କେଇ ବଙ୍କେଇ ଲମ୍ବି ଯାଇଛି ବେଣୀସାରା । କେତକୀ ଆଉ ରଜନୀଗନ୍ଧାର ନବଢ଼ କୋଳାକୋଳିରେ ମଲ୍ଲୀର

ଶେଷ ଅସ୍ତିତ୍ୱ କୋଉଠି ହଜି ଯାଇଛି ଜାଣି ହୁଏନା । ନାକରେ ଗୋଟିଏ ନାକଚଣା, କାନରେ ହଳଏ ଇଅରିଂ, ବେକରେ ଖଣ୍ଡେ ସୁନାର ତରସାରିଆ ଚେନ୍‌ଟିଏ । ଆଖିରେ କଜ୍ଜ୍ୱଳ ଝଟକୁଛି । ସୀମନ୍ତରେ ଗାରେ ସିନ୍ଦୂର । କପାଳରେ ଗ୍ରେଟ୍ ଏକ କୁଙ୍କୁମର ଟିପ ।

ବୁଢ଼ାର ପାଟି ଶୁଣି ତରୁଣୀ ମୁହଁ ଖୋଲିଲା—କ'ଣରେ ଦଣ୍ଡପାଣି ?

କସ ପାତାଳପୁର ଆଣିବାର ହେ । ଆଉ ଶେମ୍ବି । ଶେମ୍ବି କ ଶମ୍ବୁସ୍ୱସୁର ମତେ ବୁଝା ପଡ଼ିବାର ନାହିଁ—

ମୁକ୍ତା କେଇଟି ଝରି ପଡ଼ିଲା ଛଇଳୀବାଳାର ପୋହଳା ଅଧରରୁ । —ହଇ, ତୁ ଘରକୁ ଆ' । ଦଅ ମାଉଷୀ ଦ'ଅଣାର ପାତଲ୍‌ଘଣ୍ଟା, ଖଣ୍ଡେ ମାଖନ, ଚ୍ୱରି ପଇସାର କଞ୍ଚା ମିରଚୁ ।

ତମେ କେବେ ଆସିଛ ଗୋ ବୁଇ ?

ଏଇ ଆଠଦିନ ହେଲା ।

ବାବୁ କାଣା କରସନ୍ ?

କଲେଜର ପ୍ରଫେସର ।

ଏଁ ପଫେସର । ପଫେସରର କନିଆ ହେଇ ତମେ ଏଇ ଘରେ କିଁା କରି ରହିଛ ଗୋ ? ମାଛି, ମଶା, ନର୍ଦ୍ଦମା । କେନେ, ଭଲ ଘର କିନି ମିଲିବାକେ ?

ନାଇଁ ମିଳେ ।

ବୁହ ମୁଁ କାଲି ବୁଝି ଆସି କହିବି । ଖିରସ୍ଥାନପଡ଼ା, ପିକସିନପଡ଼ା, ସାକ୍ଷିପଡ଼ା—ଯୋଉଠି ହେଲେ ମୁକର ଘର ଥିବ । ଆହା ପଫେସରର କନିଆ – ରାଜଲକ୍ଷ୍ମୀ । ସିଏ ରହିବେ ଏମ୍ଲା ଅସ୍ୱଟିଆ ଅପରଛନିଆ ମାଛି ଭଲଭନ୍ ଗୁହଲେ ? ...ହଁ ଗୋ, କାହିଁ ତମ ସୁନା ଚଉଁରୀ, ପରଦାଶାଢ଼ୀ, ସୁନା ଟାହିଆ ? ତମର ବାବୁ କଛି କାଣା ନାଇଁ କଣନ ?

ସୁକୁମାରୀ ଲଳନାଟି ଖାଲି ମୃଦୁମୃଦୁ ହସିଲା । କିଛି ଉତ୍ତର ଦେଲାନ

ଓ, ମା'ଟି ମୋର ଖାସା ଲାଜକୁଳୀ । ତୁଣ୍ଡ ଖୋଲି କିଛି କହନ୍ତିନି ବୋଧେ ବାବୁଙ୍କୁ । ଛି, ମା', ଏତେ ଲାଜ କଲେ ଚଳିବ ? ଘର ସଂସାର କଲ । ପୁଣି ପଫେସରର ବୋହୂ । ମେଜେଷ୍ଟର, ସିଭିଲସର୍ଜନ, ଇଞ୍ଜିନିୟରର ବୋହୂ ସାଙ୍ଗରେ ମିଶିବ । ଗହଣାଗାଣ୍ଠିରେ, ବେଶଭୂଷାରେ ତାଙ୍କ ସାଙ୍ଗେ ସମସରି ହେଲେ ତ ! ନଇଲେ ତ ସିଏ ମଫସଲିଆ କହି ହସରେ ଉଡ଼େଇ ଦେବେ । ହଉ ମା ! କରିବ, କରିବ, ଆସ୍ତେ ଆସ୍ତେ କରିବ, ଗେରସ୍ତ ବେକରେ ଏକାବେଳକେ ଓହରି ପଡ଼ିଲେ ହବନାହିଁ । ଆଉ ହଁ ମା, ନ ଓହରିଲେ ବି କ'ଣ କାମ ହୁଏ ? ଯେତିକି ତାଙ୍କ ପିଠି ଦାନରାଡ଼ି ଲାଗିଥିବ —ଫଟେଇ ଫଟେଇ ଅଳି କରୁଥିବ, ସେତିକି ଯାଇଁ ସେ ଶୁଣିବେ ତମ କଥା । ତମେ ଚୁପ୍ ରହିଲେ ସେ କାହିଁକି ଟିକିଏ ଚଙ୍କିବେ ଭଲା ।

ଭିତର ଘରୁ ଡାକ ଶୁଭିଲା—ନର୍ମଦା ! ନର୍ମଦା !

ଯା' ମା' ଯା' । ସାଇବ ଡାକିଲେଣି । ଆହା ଅଳିଅଳ ରାଜପ୍ରତିମା —ଦେଖା ଦୁର୍ଗା···ବୁଢ଼ୀ ହାତ ବୁଲେଇ ଆଉଁସି ଆଣିଲେ ନର୍ମଦାର ମୁହଁ । ନର୍ମଦା ପାଟିରୁ ହଠାତ୍ ବାହାରିଗଲା—କାଲି ଆସିବ ମାଉସି !

* * * *

କାଲି ଠିକ୍ ସେତିକି ବେଳକୁ ମାଉସୀ ଆସି ଢୁକ୍ ।

ପାତାଳପୁର ଲେଡ଼ା ନାହିଁ ହେ । ଏଲ୍ପୋ, ଏଲ୍ପୋ—ଖିଙ୍କାରି ଉଠିଲା ଦଣ୍ଡପାଣି ।

ନାଇଁରେ ଖଣ୍ଡିଆ, ମୋ ମା'କୁ ଟିକିଏ ଡାକିଦବୁ ।

ଏଁ ମା ? ସେ ତ ମୋ ମା, ତୋ ମା' କେବେ ହେଲା ହେ ? ତୁ ତ ଚାରି ପଇସାର ପରିବା ବିକିବୁ, ବାଟେ ବାଟେ ବୁଲିଫିରୁ । ଏଠି ମା' ବାପ କିସ ହେ ? ମୋ ବାବୁ ଶୁଣିଲେ ବଡ଼ ଗୋଡ଼ା ହେବାର···

ଦଣ୍ଡପାଣି !—ଚିତ୍କାର କରି ଉଠିଲା ନର୍ମଦା—ଘରକୁ ଯା ।'

କାକୁସ୍ଥ ହେଇ ଉଠିଲା ବୁଢା ।

ହଁ ଲୋ ମା, ସବୁ ଠିକ୍ କରି ଆସିଲି । ଦିବ୍ୟସୁନ୍ଦର କୋଠା । ଦୋ'ମହଲା । ଗାଧୁଆଘର । ପିସାବ ଘର । ପିସାବ କରିବା ପାଇଁ ବଡ଼ ବଡ଼ ଧଳା ପଲମ । କଲେଜକୁ ମୋଟେ ଦି'ଖୋଜ ବାଟ, ଖିରଷ୍ଟାନ ପଡ଼ା । ଠିକ୍ ଆଇ ସାଆଁନ୍ତଙ୍କ ଘର ଆଗରେ ।

କେତେ ଭଡ଼ା ?

ବେଶୀ ନୁହେଁମ, ମୋଟେ ପଚିଶ । ଖିଆ ସଫା ସୁଦ୍ଧା ନଅମଲ ଲାଗାନ୍ତି ।

ଆଖପାଖରେ କିଏ ଅଛନ୍ତି ?

କେତେ ସାଇବସୁବା—ବଡ଼ ଲୋକ । ଗୁରୁପାଖେ ଖାଲି ବଙ୍ଗଳା । ରାତି ନ ବାଜୁଣୁ ମେମ୍ ସାହେବମାନେ ଭଲ ଭଲ ଶାଢ଼ୀ ପିନ୍ଧି ଆସ୍ତ-ଅଳଙ୍କାରରେ ମଣ୍ଡି ହୋଇ ବୁଲି ବାହାରନ୍ତି—ଏ ଘରୁ ସେ ଘର, ସେ ଘରୁ ଏ ଘର—କୋଉଦିନ ବା ବୁଢ଼ା ରଜା । କୋଉଦିନ ସମଲେଶ୍ୱରୀ, ହସ୍ପାଟରେ ଗୁରୁଥର ବାଇସ୍କୋପ୍ ।

ସେ ବଙ୍ଗଳା ସବୁରେ ଇଲେକ୍ଟ୍ରିକ୍ ଅଛି ?

ଇଲେକ୍ଟ୍ରି କ'ଣ ଲୋ ମା, ସେଠିତ ସାକ୍ଷାତ କଳ୍ପତରୁ । ସନ୍ଧ୍ୟା ନ ହଉଣୁ ଘରଦାଣ୍ଡ ଆଲୋକମୟ । ପୁଣି ନେଳି ଆଲୁଅ, ନାଲି ଆଲୁଅ, ବଜୁଳି-ପଙ୍ଖା, ଝିଲମିଲ୍ ସିଲ୍କ୍ ପରଦା । ଇନ୍ଦ୍ର ଭୁବନତ ! ଏମିତିକା ଘର ସିନା ମୋ ମା' ଲାଗି । ଆହା ଏତେ ଦେବୀ ପ୍ରତିମା । ଏତେ ସୁନ୍ଦର ଝିଅ ସେ ଘରେ ରହିଲେ ଘର ଖାଲି ପୁରି ଉଠିବ । ଆଉଟା ସୁନାଭଳି ଦାଉ ଦାଉ ହୋଇ ଜଳି ଉଠିବ ମୋ ମା'ର ରୂପ—

ଏ ଫନାର ମା ! ଭ୍ୟାସଲିନ୍ ଅଛି କି ଗୋ ?

ନାହିଁ ।

ଶେମ୍ପୁ ?

ନାହିଁ ।

ଶାଗ୍ ?

ନାଇଁ ଗୋ —

ଟିକାଏ ବିରକ୍ତ ହୋଇ ଉତ୍ତର ଦେଲା ଫକୀର ମା' । ଲୋକଟି ଚାଲିଗଲା ।

କେତେ ମାଉସୀ ! ଶେମ୍ବି ତ ଅଛୁ ଦେଲ ନାହିଁ ?

ମୁଁ କ'ଣ ଶେମ୍ବି ବିକିବାକୁ ଆଣିଛୁ ? ମୋ ମା' ପାଇଁ ଏତିକ ଶେମ୍ବି ପାଉଲଘଣ୍ଟା ଆଣିଛୁ ଖୁସିରେ । ଦୁଃଖୀ ଘର ମା' । ବଡ଼ ଲୋକଙ୍କୁ ଆମେ କ'ଣ ଦେଇ ପାରିବୁ ?

ଫକୀର ମା' ଝଟକେ ଉଠିଯାଇଁ ବାଡ଼ିଘରୁ ଗୋଟିଏ ବାଉଁଶିଆ ଆଣି ପରବାତକ ସେଥିରେ ଅଜାଡ଼ିଲା । ନର୍ମଦା ନାହିଁ କରୁ କରୁ ଘଣ ନମସ୍କ ପକେଇ ଧୋଇ ଦେଇ ଆସିଲା ନେଇ କବାଟ ପାଖରେ । ଆହୁରି କେତେ ଦୁଃଖସୁଖ ହେଲେ । ନର୍ମଦାର ବାପଘର କେମିତି ବଡ଼ ଲୋକ । ସେଠି କେମିତି କୋଠାବାଡ଼ି ଅଛି, ଧନ ଦଉଲତ ମାଡ଼ି ଯାଉଛି ଆଉ ଏଠି ଏମାନେ କେମିତି କଷ୍ଟରେ ଚଳୁଛନ୍ତି—ସବୁ ଗୋଟି ଗୋଟି କରି ନର୍ମଦା ବଖାଣିଲା ଫକୀର ମା' ଶୁଣୁ ଶୁଣୁ କାନ୍ଦ ପକାଉଥାଏ । ଆହା ଆହା କହୁ ବାରମ୍ବାର ଧରି ପକାଉଥାଏ ନର୍ମଦାର ଓଠ ।

ହଁ ଲୋ ମାରୁ ! ବାବୁଙ୍କର ତ ଏତେ ଅବସ୍ଥା, ପାଠ କେମିତି ଏତେ ପଢ଼ିଲେ ମ ? — ଫକୀର ମା' ପଚାରିଲା ।

ଆଇ. ଏ., ବି, ଏ, ଏମ୍, ଏ,—ସବୁ ପାରକର ଖର୍ଚ୍ଚ ମୋ ବାପା ବୋଉ ଦେଇଛନ୍ତି । ସେମାନେ ଜାଣି ମଣିଷ କରିଛନ୍ତି ସ୍ୱାଙ୍କୁ । କ'ଣ ଥିଲା ସ୍ୱାଙ୍କର—

ଭଲା ସ୍ୱା'ଙ୍କ ବାପମା' ଅଛନ୍ତି ?

ଅଛନ୍ତି ବୋଲି ତ ଶୁଣିଛୁ, ମୁଁ ଦେଖି ନାହିଁ । କିଏ ଯିବ ମୋର ସିଏ ପାଣି କାଦୁଅର ତଳହଟି ଗାଁକୁ ? ଆଳି—ଢନଟା ନଈ, ଢ'ଟା ଗସ୍ତର,

କାଦୁଅ ପଚପଚ, ମଶା ଡାଆଁଶ, ଜୋକ, କୁମ୍ଭୀର—ଏ ଗାଁରେ କ'ଣ ମଣିଷ ରହନ୍ତି ? ମଟରରୁ ଓହ୍ଲାଇ ପୁଣି ଆଠ କୋଶ ବାଟ ଚାଲିକରି ଯିବାକୁ ହେବ । ଭଲ ସାଇକଲ ରାସ୍ତାଟିଏ ଥାଆନ୍ତା । ଅଉ କ'ଘର ବା ଯିଏ । ଭଙ୍ଗା ଦଦରା ଦୁ'ବଖରା ଚାଳିଆ ! ବଢ଼ି ଆସିଲେ ଘରେ ହୁଏ ବେକେ ପାଣି । ବାଲି ତ ଖାଲି ନାଁକୁ । ବର୍ଷେ ହେଲେ ଦଶ ବର୍ଷ ଧୋଇ । ବୁଢ଼ାବୁଢ଼ୀ ଦୁ'ଟା ଅଛନ୍ତି । ମଲେ ଆମେ ତ୍ରାହି । ଘର ଯିଆଡେ ଆମେ ଇଆଡେ଼ ।

ଇଆଡେ କୋଉଠି ଘର ଦୁଆର କଲଣି ?

ଛି, ସ୍ତ୍ରୀଙ୍କର ଯୋଉ ପାଗଳାମିର ପଣ । ଏଇ କରିବେ ଘର ? ସେଇ ବାପା ବୋଉଙ୍କୁ ଶେଷରେ ନକୁଚି ହେଇ ମାଗିବେ । ସେଇ କଲେ କରିଦେବେ । ସେଇ ତ ପାଠ ପଢ଼ିଲେ, ବାହାସାହା କଲେ । ଇଏ ହେଇ ହେଇ କରି ବାହାଘର ଖର୍ଚ୍ଚକୁ ହଜାରଟି ଟଙ୍କା ଦେଇଥିଲେ ।

ଏ ଗହଣାଗାଣ୍ଠି ସବୁ ବାପଘର କରିଛନ୍ତି ?

ନାଇଁ, ବାପା ବୋଉ ଦେଇଛନ୍ତି ଏଇ କାଚ ଚୁରି ଚୁଡ଼ିପଟ, ନାକଚଣା, ମୁଦି ଆଉ ଶଙ୍ଖୁଳା । ବାକୀ ରୁଲି, ବାଜୁ, ହାର ଆଉ ଇଅରିଂ ସବୁ ଇଏ କରିଛନ୍ତି ।

ସତେ ? ତା'ହେଲେ ତ ଖୁବ୍ ଦେଖିପାରନ୍ତି ? ଏତେ ଜିନଷ କରି ଦେଇଛନ୍ତି ?

ସେ କେତେ କଷ୍ଟରେ ନା, କିଛି କରୁ ନଥିଲେ । ମୁଁ ଯୋଷା ହେଲି, କାନ୍ଦିଲି, ମାସେ କାଳ କଥା କହିଲି ନାହିଁ । ସେଇଠୁ କୁଆଡୁ ଟଙ୍କା କରଜ କରି, ସେ ଜଲଦିଟି ଜମି କେଯା ବନ୍ଧ ଏତକ କରି ଦେଇଛନ୍ତି । ଘୁକାସି ଭଲେ ତ ଟଙ୍କା ସୁଝା ହେବ । ପଇସା ଥିଲେ ତ କାଲି ସକାଳେ ଜମି । ଦେହକୁ ଦୁ'ଖଣ୍ଡ ଗହଣାଗାଣ୍ଠି ନଥିଲେ···

ହଁ, ଦାଣ୍ଡ ଲୋକଙ୍କ ସାଙ୍ଗରେ ମିଶିହୁଏ ନାହିଁ ।

ଦାଣ୍ଡ ଲୋକ କାହିଁକି, ଆମ ନିଜ ଘରେ ଚଳିବା ମୁସ୍କିଲ । ମୋ ଭାଉଜମାନେ ସୁନା ଅଳଙ୍କାରରେ ଖାଲି ଗୁଡ଼ି ହେଇଛନ୍ତି । ପାଟ ପୀତାମ୍ବର

ଭାସୁଛୁ ଆମେ କ'ଣ ସ୍ୱାଙ୍କ ଘରେ ବସିବା ଲୋକ୍ । ଖାଲି ଆମ ଗାଁ ଦେବବ୍ରତ ଘରକୁ ଭଏ ନ ଯା'ନ୍ତୁ, ମୁଁ ସ୍ୱା'ଙ୍କ ରୂପ ଦେଖି···

·ଛାଲି ପଡ଼ିଲ, ନା ·? ହଉ ଗୋ ଷଡ଼ 'କ'ଣ ? ଆଜିକାଲି ତ ସ୍ତ୍ରୀଆଡେ଼ ବଙ୍ଗାଳି ଫେସନ ହେଲଣି । ଦେଖି ଗୃହିଁ ନିଜ ·ଗୁଳିଭୁଜାରେ ବାହା ହେଉଥିଲେ ପଛରେ ଆଉ କଳିତକରାଳ, ମନାନ୍ତର କିଛି ନଥିବ । ବାବୁ ତମକୁ ଖୁସି ଦେଖି ପାରନ୍ତି – ନା ?

ହଁ, ଖୁସି ଭଲ ପାଆନ୍ତି । କେବେ ଦିନେ ମୋ କଥା ପକେଇ ଦେଇ ନାହାଁନ୍ତି । ଖାଲି ମାସକୁ ମାସ ବୁଢ଼ା ବୁଢ଼ୀଙ୍କ ପାଖକୁ କିଛି କିଛି ଟଙ୍କା ପଠଉଛନ୍ତି ଯାହା ।

ଭଲ ଭଲ ମା' ଖୁସି ସୁନା ଝିଅଟି ତୁ । ତାଙ୍କୁ ଏମିତି ସବୁଦିନେ କାନି ଅଗରେ ବାନ୍ଧିଥିବୁ । ପୁରୁଷ ପୁଅ ଥରେ ଖସିଲେ ଆଉ ଧରା ଦେବେନି । ହଁ ମା', ଲଗିପଡ଼ି ବାବୁଙ୍କୁ ବୁଝେଇ ଏଇ ଦିନେ ଦି'ଦିନ ଭିତରେ ସେ ନୂଆ ଘରକୁ ଚାଲିଆସ । ନିତି ଆସି ମୋ' ମା ପାଖରେ ଘଡ଼ିଏ ବସି ମୁଁ ଦୁଃଖ ସୁଖ ହେବ । ପାଞ୍ଚ ପାଇଟି କରିଦେବ । ପାଞ୍ଚ ଚିଜ ଆଣିଦେବ ବଜାର ଘାଟରୁ । ଯାଉଛି ମା' ଡ଼େରି ହେଲଣି । କାଲି ଆସିବ ।··ମିଠା ହସଟିଏ ହସି ନର୍ମଦାର ଓଠ ଛୁଇଁ ବୁଢ଼ୀ ଉଠିଲା ।



ସେଇଦିନ ରାତିରେ । ଅଶ୍ରୁ ଝରୁରି ନାହିଁ—

ଟେବଲ୍ ପାଖରେ ବସି ଚନ୍ଦ୍ରମୌଳି ଗୋଟାଏ ଥେସିସ୍ ଲେଖୁଥିଲା—'ବିଶ୍ୱ ସଭ୍ୟତାକୁ ନାରୀର ଦାନ' । ସେଦିନ ସପନୀବୋଉ କଥାରେ ସେ ଯେପରି ଅପମାନିତ ହୋଇଥିଲା ଓ ନର୍ମଦାର ଉଦାସୀନତାରେ ଯେତେ ଆହତ ଓ ବିକ୍ଷୁବ୍ଧ ହୋଇ ଉଠିଥିଲା, ତା' ନିମିଷକେ ଭୁଲିଗଲା ଯେତେବେଳେ ବର୍ଷାକାଳର କୂଳ ଉଚ୍ଛୁଳା ତରଙ୍ଗିଣୀ ଭଳି ହସର ଜୁଆରରେ ଦିଗନ୍ତର ଭସେଇ ଦେଇ ଧାଇଁ ଆସିଲା ଚପଳା କିଶୋରୀ ରେଣୁ । ମୁହଁରେ ହସ, କଥାରେ ହସ, ଚାଲିଗଲେ ହସ, ତୁଣ୍ଡ ଖୋଲିଲେ ହସ,—ଜୀବନଟାକୁ ଖାଲି ହସି ହସି ଉଡେଇ ଦବାକୁ ଚାହେଁ ସେ । ଜୀବନର ସବୁ ଦୁଃଖ ଦୈନ୍ୟ, ନିର୍ଯ୍ୟାତନ ଖାଲି ଗୋଟାଏ ଠୋ ଠୋ ହସରେ ଲକ୍ଷ ଯୋଜନର ଦୂରକୁ ଫିଙ୍ଗିଦିଏ ସେ ଛଇଳା କିଶୋରୀ । ଚିରହାସ୍ୟମୟୀ, ଚିରଲାସ୍ୟମୟୀ, ଚିର ପ୍ରଫୁଲ୍ଲ ତା'ର ଅନ୍ତର । ମୁହଁରେ ତୃପ୍ତିର ଆଭା, ସନ୍ତୋଷର ରଙ୍ଗିନ୍ ଆଲେଖ, ପୁଣି କେତେ ବୁଦ୍ଧିମତୀ ସେଇ ବର୍ଦ୍ଧିଷ୍ଣୁ ବାଳିକା । ସେ ଦିନ ଆରପାଖ କୋଠରୀରେ ବସି ବସି ଶୁଣିଛି ଚନ୍ଦ୍ର । ଖାଲି ଗୋଟାଏ ସରଳିଆ ପେଟଖୋଲା ହସରେ ଉଡେଇ ଦେଇଛି ସେ ନର୍ମଦାର ସବୁ ଗୁରୁତର ଅଭିଯୋଗ । ନିଜେ ହଳାହଳ ଆକଣ୍ଠ ପାନ କରି ନୀଳକଣ୍ଠ ଭଳି ଆନନ୍ଦରେ ନୃତ୍ୟ କରୁଛି ସେ । ଅନ୍ୟକୁ ହସେଇଛି । ଅନ୍ୟକୁ ଭସେଇ ନେଇଛି ସେଇ ଆନନ୍ଦର ସ୍ରୋତରେ ।

ହାୟ୍ଃ ହତଭାଗ୍ୟ ଦେବବ୍ରତ ! କେବେ ତୋ'ର ଆଖି ଖୋଲିବ ? କେବେ ତୁ ଚିହ୍ନିବୁ ବିଶ୍ୱର ଶ୍ରେଷ୍ଠ ରତ୍ନ ନାରୀକୁ ? ଛନ୍ଦ ନାହିଁ, କପଟ ନାହିଁ, ମାୟା ନାହିଁ, ଆତ୍ମବଞ୍ଚନା ନାହିଁ । ଖାଲି ହସ ଆଉ ହସ । ହସ ହସର ଜୀବନ୍ତ ପ୍ରତିମା । ପ୍ରେମର ସ୍ୱଚ୍ଛସଲିଳ ଫଲ୍‌ଗୁ । ଜୀବନର ସବୁ ପରାଣ ଦୂର ହୋଇଯାଏ ନାରୀର ପଦଏ କଅଁଳ କଥାରେ—ଗୋଟିଏ ସୁନା ହସରେ ।

କ'ଣ ମା ! ମୋ କଥା ମନକୁ ଆସୁଛି ?—ଫକୀର ମା' ପଚାରିଲା ।

ହଁ, ଆସୁଛି ଯେ, କିନ୍ତୁ ତଥାପି ସେ ଯଦି ନ ଡାକନ୍ତି ?

ତାଙ୍କ ବୋପା ଡାକିବ । ଡାକିବେ କ'ଣମ, ଆସି ପୁଣି ଥରେ ଲମ୍ବ ହୋଇ ଗୋଡ଼ତଳେ ପଡ଼ିବେ ।

ଏତେଟା କରିବାକୁ ଆଜି ମୋଟେ ମନ ନ ଥିଲା ନର୍ମଦାର ରୁଥିଲା—ଯା' ହବାର ହେଲାଣି । ନିଜେ ଦୁଷ୍ଟୁକି ଦୁଷ୍ଟୁର ଯିବ । ତାଙ୍କ ଗୋଡ଼ ଧରି ମୁଣ୍ଡ କୁଟି କ୍ଷମା ମାଗିବ । କିନ୍ତୁ ପୁଣି କି ଗୋଟାଏ ଅଦ୍ଭୁତ ମ୍ମ-ଅଭିମାନ ଆସି ଚପି ଧରୁଥିଲା ତାକୁ—ନା, ନା, ଯା' ହୋଇ ନ ାରେ । ଲୋକେ କ'ଣ କହିବେ ? ପୁଣି କେତେବେଳେକେ—ଭିନ୍ନ ଭିନ୍ନ ତି ବିକଳ ହୋଇ କହିଲା—ନାଇଁ ମା ! ଥାଉ ! ଆଜି ତାଙ୍କ ମନରେ ଷ୍ଟ ଦେବି ନାଇଁ । ବହୁତ ପାପ କଲିଣି । ଏତେ ପାପ ଧରିତ୍ରୀ ସହିବ ାଇଁ । ମୁଁ ନିଜେ ଯିବି । ମୋର ସବୁ ଅଭିମାନ ଚୂର୍ଣ୍ଣକି ଯାଉ । ତାଙ୍କର ରଣ ଧୋଇଦେବି ଆଖିଲୁହରେ । ସେଇ ମୋର କୋଟି ସ୍ୱର୍ଗ ।

ତୁ କ'ଣ ବାଇଆଣୀ ହେଲୁ ନାକି । ଏଇ ସେଦିନ ମାଡ଼ ଖାଇ ଗାଲ ଇଁଆ ବାଇଗଣ ହୋଇଥିଲା କ'ଣ ଭୁଲିଗଲୁ ? କାଲି ପରା ମୁଁ ଆସି ନ ଲେ ତୋତେ ଜୀବନରେ ମାରି ତୋ ରକ୍ତ ଚକ୍ଷା ପିଇଥାନ୍ତେ । ତୁ ପିଲା ତେ ବିଭଟେ । ପୁରୁଷ ପୁଅଙ୍କୁ ଚହ୍ନିଛୁ ? ତାଙ୍କୁ ବେଳ ଥାଉଁ ଥାଉଁ ବତ ନ କଲେ, ଆଉ ଭବିଷ୍ୟତକୁ ରକ୍ଷା ଅଛି ? ସେଇ କ'ଣ ଦିନେ ା ଗୁହରେ ଛୁରୀ ମାରି କଲିଜା ଝୁଣିବ ନାଇଁ ?

ମା ! କ'ଣ ତୁ କହୁଛୁ ମା ?

ହଁ ଲୋ ଝିଅ ! ସବୁ ସତ । ଏଇ ଅଙ୍ଗେ ନିଭେଇଛି । ଏଇ ଆଖିରେ ଖି ଦେଖି ବୁଢ଼ୀ ହେଲିଣି । ବାଳ ଦେଖୁଛୁ ? ହୋଟ । ସେଇଥିପାଇଁ ମୁଁ କହୁଛି ବେଳ ଥାଉଁ ଥାଉଁ ଉପାୟ କର । ଖାଲି ଗୋଟାଏ ଧମକ । ଗୋଟାଏ ଚଣ୍ଡା କି ଦୋରଷ । ଅଧଘଣ୍ଟା ପରେ ତାଙ୍କ ମନ ଘର ଧଉଡ଼ । ତୁ ଝାଉଁଳି ହୋଇ ବସିବୁ ।

କିନ୍ତୁ ମୋ ପାଖରେ ତ ଅବିକା ନାଇଁ ମା !

ଆଲୋ ହୁଣ୍ଡି ; ମୁଁ ଆଣିଦେବ ନାହିଁ ?
ମତେ କିନ୍ତୁ ଭାରି ଭୋକ ହେଉଛି ମା !

ଦେବ ଲୋ ଦେବ । ସବୁ ଆଣି ଦେଉ । ସିଏତ ଉପର ମହଲାରେ କବାଟ କିଳି ବସିଛି । ତୁ ଇଆଡେ ଇଆଡେ ଚୁପ୍‌ଚେପ ଖାଇଦବୁ···

ଫକୀର ମା ଚଟ୍‌କରି ଯାଇ ସେରେ ଖିରମୋହନ ଓ ଫେଣାଏ କଦଳୀ ଧରି ଫେରିଲା । ସିଅଡ଼ୁ ଗୋଟାଏ କଦଳୀ ଛଡ଼େଇ ସେଥିରୁ ଫାଳକରେ କ'ଣ ପୂରେଇ ଆଣିଦେଲା—ନେ' ଖାଇଦେ ।

କିନ୍ତୁ···
ଖା'ନ !' ମାଆକୁ କ'ଣ ଅବିଶ୍ୱାସ ?
ଆଉ କ'ଣ ଖାଇବାକୁ ଆଣିଛୁ ଭଲା ?
ଆଣିଛୁ ଖିରମୋହନ ।

ଖିରମୋହନ ଦେଖିଲାମାତ୍ରକେ ଝକ୍‌କିନା କଦଳୀ ଫାଳକ ଗିଳିଦେଲା ନାନୁ । ତା'ପରେ ଗୋଟାକ ପରେ ଗୋଟାଏ ଦୁ'ଗଣ୍ଡା ଭଲ ଖିରମୋହନ ଚର୍ଭସାତ୍ କଲା ! ପାଣି ଟିକିଏ ଆଣି ଦେଇ ଫକୀର ମା' କହିଲା—ନୁଅଲୋ ! ଟିକିଏ ଶୋଇପଡ଼ । ଖାଲି ପେଟ ଆଉଁଶେଇ ଦେବ ।

ପାଞ୍ଚ ଦଶ ମିନିଟ ପରେ ଆଖି ବୁଜି ହୋଇ ଆସିଲା—ଟିକିଏ ନିଦ ହେଲା ବି ।

ଅଧଘଣ୍ଟା ପରେ—
"ଟେଲିଗ୍ରାମ—ଟେଲିଗ୍ରାମ ବାବୁ !"

ଘର ଭିତରୁ ଚିତ୍କାର କରି ଦଉଡ଼ି ଆସିଲା ଚନ୍ଦ୍ରମୌଳି—ବାପା ! ବାପା ! ! ତମେ ଅଛ ? ତମେ କ'ଣ ଛାଡ଼ି ଚାଲିଗଲ ଏ କୁଳାଙ୍ଗାର ପୁଅକୁ ?

ଏକ୍‌ସପ୍ରେସ୍‌ ଟେଲିଗ୍ରାମ—ବାପା ଚାଲିଗଲେ । ବୋଉ ଅନ୍ଧୁଣୀ ହୋଇ ଧୂଳିରେ ଲୋଟୁଛି ।

ନାରୀ କୁତ୍ସିତକୁ ସୁନ୍ଦର କରେ, ଅନ୍ଧ ନୟନରେ ଆଲୋକ ଦିଏ, ମଲା ଦେହରେ ସଞ୍ଚାର କରେ ଜୀବନ । ସେଇ କଲ୍ୟାଣମୟୀ, କରୁଣାମୟୀ, ଆନନ୍ଦମୟୀ ନାରୀର କୋମଳ କର ପରଶରେ ମର ଧରଣୀରେ ରଚିତ ହୁଏ ସ୍ୱର୍ଗ—ମରୁଭୂଇଁରେ ଫୁଟି ଉଠେ । କୋଟି ନନ୍ଦନର ଗନ୍ଧଭରା ପାରିଜାତ...

ଶୁଣୁଛ ?

ଚନ୍ଦ୍ରମୌଳି ମଥା ଟେକି ଚାହିଁଲା—ସମ୍ମୁଖରେ ନାରୀ । ତରୁଣୀ, ରୂପସୀ, ଲାବଣ୍ୟମୟୀ । ଫାଟି ପଡ଼ୁଛି ରୂପ, ଫୁଟି ଉଠୁଛି ଉନ୍ନତ ବକ୍ଷ । ନୀଳ ପାତଳ ବସନଟି ହାଲୁକା ଭାବରେ ଘେରେଇ ହୋଇଛି ଖାଲି ଦେହ ସାରା । ଏତେ ରୂପ ଧରି ରଖି ପାରୁ ନାହିଁ ସେ । ଦୁଷ୍ଟ ପବନଟା ପୁଣି ଝରକା ଫାଙ୍କରେ ପଶି ଆସି ଦେହ ମୁଣ୍ଡରୁ ଉଡ଼େଇ ନେଉଛି ଅଧେ ଲୁଗା । ଦର ଫୁଙ୍ଗୁଲା ଗୁଚ୍ଛ । ଦର ଲଙ୍ଗଳା ଦେହ । ମୁହଁରେ ହସର ଢେଉ । ଆଖିରେ ମହୁଆ ନିଶା । ଇଶାରା ଦେଉଛି । ସତେ କି ରୂପପାୟୀ ପିଲୁଣ୍ଟକୁ ।

ମୁଗ୍ଧ ନୟନରେ ଚନ୍ଦ୍ରମୌଳି ଚାହିଁ ରହିଲା । ସେଇ ଫୁଟନ୍ତା ଗୋଲାପଟି ଆଡ଼େ । ଏତେ ରୂପ, ଏତେ ସୌନ୍ଦର୍ଯ୍ୟ, ଏତେ ଉଜ୍ଜଳ ଆଲୋକର ଦୀପ୍ତି !! ଆଖି ଝଲସି ଉଠିଲା ତା'ର । ମନେ ମନେ ସ୍ରଷ୍ଟାଙ୍କୁ ଲକ୍ଷେ ପ୍ରଣିପାତ କଲା ଚନ୍ଦ୍ରମୌଳି ।

କ'ଣ ଏତେ ଦେଖୁଛମ ? ତମେ ସିନା ପ୍ରଫେସର ହେଲ ଯେ ବଦଳି ଗଲ, ମୁଁ ତ ଆଉ ବଦଳି ନାହିଁ ।

କିନ୍ତୁ···କିନ୍ତୁ ତମେ ଏତେ ସୁନ୍ଦର, ଏତେ ସୁନ୍ଦର ମାରୁ ।···କଥା କହିବାକୁ ଆଉ ବେଳ ନ ଥିଲା । ଅରଣା ଆଶା ଚେଇଁ ଉଠିଥିଲା । ନବଢ଼-ଭାବେ ଛନ୍ଦ ଧରିଲା ସେ ତରୁଣୀଟିକ ।

ହରିଣୀ କହୁ ଉଠନ୍ତି । ଗ୍ରୁଣ୍ଟିପିଟି ହେଇ ଭଙ୍ଗମୋଡ଼ ହେଇ ବାହାର ଆସିଲା ସେ ବାହୁପାଶରୁ । କହିଲା—ତମେ ଠକ । ସବୁବେଳେ ମତେ ଠକି ଠକି ଆସିଛ ।

ମାନେ ?

ମାନେ ଅତି ସହଜ । ଖାଲି ଉପର ମନରେ ଏ ହସ । ଭିତରେ ଇଚ୍ଛା—ମୁଁ ମଲେ ତମେ ବାଞ୍ଛ !

ମରୁ !

ଠିକ୍ ସତ । ମୁଁ ତମର ବୋଝ ହେଇଛି । ମତେ କୌଣସିମତେ ତଡ଼ି ପାରିଲେ ତମର ସୁଖ, ତମର ଶାନ୍ତି ।

ଏ କ'ଣ କହୁଛ ମରୁ ? ମତେ ଶ୍ରେଷ୍ଠ ମଣୁଛ ?

ନା, ତମେ କାହିଁକି ଶ୍ରେଷ୍ଠ ହେବ ମୁଁ ଇ ଶ୍ରେଷ୍ଠ । ପାଣ କଣ୍ଠାଗ୍ରକରୁ ହୀନ ମୋ ଅବସ୍ଥା । ତା' ନହେଲେ ସେଦିନୁ ଆସି ଏଇ ଦଦରା ଗୁଳଘରେ ଅନ୍ଧାର ଭିତରେ ପଡ଼ି ନଥାନ୍ତି ।

କେନୁ ଘର ତ ଆଉ ମିଳୁ ନାହିଁ ମରୁ !

ମିଳୁ ନାହିଁ ? ଯଥେଷ୍ଟ ଘର ଅଛି । ହିଂସାକୁ ତମର ମନ ନାଇ କୁହ ।

ଘର ଅଛି ?

ମୁଁ ଘର ଠିକ୍ କରିଛି, ଶିବ ? ଦେବୀସ୍ଥଳର ଭୋଠା, ବକୁଳବଣ, ପାଣି କଳ, ଫୁଲ ବଗିଚା…

ତୃପ୍ତ ହୋଇ ବସି ପଡ଼ିଲା ଚନ୍ଦ୍ରମୌଳି, ନିଶା ତା'ର ଗ୍ରାସ୍ତ ଆସି ଥିଲା, ଫୁଲ ବଗିଚାର କଳ୍ପନାଏ ଅସି ଯେମିତ ମାତିଗଲା ତା' ହୃଦୟରନ୍ଧ୍ରରେ । ଉତ୍ସାହ ବେଳର ଦେ'ଣା ମୂର୍ଚ୍ଛା ହେଉଛି । ବ୍ୟକୁଣ୍ଠା ପ୍ରଶି ପରଫୁର ଅସ୍ଥାୟୀ । ମୋଟେ ଦୁଇଟି ବର୍ଷ । କାଲିଠାରୁ ଫାଲୋଫୁଲ ଫେରିବା ଯାଏ…

କ'ଣ ଯିବନି ? ତମ କଲେଜକୁ ମୋଟେ ପାଞ୍ଚ ମିନିଟର୍ ବାଟ । ଠିକ ଆଇ ହାଆନ୍ତରଙ୍କ ଘର ସାମନା ।

ଆଇ ସାଆଁନ୍ତର ?

ନ' ସେଇ ବଡ ରୋଗରେ ବଡ ଡାକ୍ତର ।

ବୁଝିବ କି କାହିବ କିଛି ଭାବି ପାରିଲା ନାହିଁ ଚନ୍ଦ୍ରମୌଳି, ଏଇ ଅଳ୍ପ ଶିକ୍ଷିତା ସ୍ତ୍ରୀଅମାନେ ନା ବୁଝନ୍ତି ଅର୍ଥନୀତି, ନା ବୁଝନ୍ତି ଦେଶ ବିଦେଶର କଥା । ଦେଶର ମାନ୍ୟଗଣ ଲୋକଙ୍କୁ ଚିହ୍ନନ୍ତି ନାହିଁ । ଚିହ୍ନନ୍ତି ନାହିଁ ନିଜର ସ୍ୱାମୀକୁ । ନିଜକୁ ନିଜେ ଚିହ୍ନନ୍ତି କି ନାହିଁ ସନ୍ଦେହ ।

ଦେଖ ମାନୁ ! ଆମର ଯାହା ଅବସ୍ଥା ସେଥିରେ ମାସକୁ ତ୍ରିଶ ପଚିଶ ଟଙ୍କା ଦେଇ ଆମେ କ'ଣ ସେ ଘରେ ରହିପାରିବା ?

କି ଅଶୀ ଟଙ୍କାରୁ ଆସି ଦୁଇଶ' କୋଡିଏ ଟଙ୍କା ଦରମା ହେଲା । ତଥାପି କ'ଣ ଆମ ଅବସ୍ଥା ବଦଳିଲା ନାହିଁ ? ସବୁ ଦିନେ ସେଇ ଭାତ ଡାଲି ଖାଉଥିବା, ଦିନେ ଖିରିପୁରି ଅନଓଳି କରିବା ନାହିଁ ?

କରିବା, ଟିକିଏ ସବୁର କର । ସବୁରରେ ମେୱା ଫଳେ । ଆମର ଏ ଗୃହସ୍ଥିରେ କିଛି ଭଲ ହାତଗୋଡ଼ ଅଛି ? କେତେ କଷ୍ଟରେ କେତେ ଚେଷ୍ଟା ଚରିତ୍ର କରି ଗୃହସ୍ଥି ହୋଇଛି । ତା ଆଗ ସ୍ଥାୟୀ ହେଉ । ଚେର ଟିକିଏ ଭିତରକୁ ଯାଉ । ତା' ପରେ ଯିନା, ତା' ନ ହେଲେତ ଯୋଉ କଷ୍ଟୀଙ୍କୁ ସେଇ କଣ୍ଟା, ସେକେଣ୍ଡ କ୍ଲାସ ଏମ. ଏଙ୍କୁ ଆଜିକାଲି ପଚାରେ କିଏ ? ବିଶେଷତଃ ଗଭର୍ଣ୍ଣମେଣ୍ଟ କଲେଜରେ···

ଏତେ ଯଦି ଅସୁବିଧା ତା'ହେଲେ ବାହା ହେଲ କାହିଁକି ? ତମେ ସିନା ମାଟି କାଦୁଅ ଘରେ ମଶାଡାଆଁଶ ଭିତରେ ବଢ଼ି ଆସିଛ ଯେ ଯାବତ ଗୁହାଳ ଘରେ ଚଳିଯିବ, ମୁଁ ତ ଚଳି ପାରିବି ନାହିଁ । ମୁଁ ତ କୋଠା ଛଡ଼ା ମାଟି କେବେ ଜୀବନରେ ଦେଖିନି···ମୁହଁ ଫଣ ଫଣ କରି ଘରୁ ବାହାରିଗଲା ଉର୍ମିଳା ।

ତଡ଼ିତର ସ୍ପନ୍ଦନ ଖେଳିଗଲା ଚନ୍ଦ୍ରମୌଳି ଅନ୍ତରରେ । ପୌରୁଷରେ ଲାଗିଲା ଏକ ଗୁରୁ ଆଘାତ । ଘଣ୍ଟାଏ କାଳ ଅବା ହୋଇ ବସିଗଲା ସେ... । ମାତ୍ର ବସିଲେ ହେବ ନାହିଁ । ଉଠିବାକୁ ହେବ । ଡାକିବାକୁ ହେବ । ହସି ହସି ଆପଣା ହାତରେ ତୋଳି ନେଇଛୁ ଯେଉଁ ପୁଷ୍ପଟି ସେଥିରେ କୀଟ ଦେଖି ଭୀତତ୍ରସ୍ତ ହେଲେ ଚଳିବ କେମିତି ? ଉଠି ଯାଇଁ ଚନ୍ଦ୍ର ହାତ ଧରିଲା । କଅଁଳ କଣ୍ଠରେ କହିଲା—ଛି, ଏମିତି ବାଇଆଣି ହୁଅନ୍ତି କରୁ ! ମୁଁ ତମର ଭଲ ପାଇଁ କହୁଥିଲି ସିନା ! ନ ହେଲା କାଲି ଯିବ । ବ୍ୟସ୍ତ କାହିଁକି ? ... କାଲିକୋ ରୁମାଲରେ ଚନ୍ଦ୍ରମୌଳି ନର୍ମଦାର ମୁହଁ ପୋଛିଲା । ଦୁଫେନ ଧବଳ ଶଯ୍ୟା ଉପରେ ଶୋଇ ଶୋଇ ଫୁଲି ଫୁଲି କାନ୍ଦୁଥିଲା ନର୍ମଦା । କିଛି ଉତ୍ତର ଦେଲାନି । ସେମିତି କାନ୍ଦିବାକୁ ଲାଗିଲା ।

ଛି, ଉଠ ମୋ ସୁନାଝିଅ । ମୋ ମୁଣ୍ଡ ଖାଅ ।

ହାତ ଛାଡ଼ିଆଣି ଦେଲା ନର୍ମଦା—ଯାଅ, ଚାଲିଯାଅ ଏଠୁ କହୁଛି ! ଘର ଖଣ୍ଡେ ଯିଏ ବୁଟି ନ ପାରୁଛି, ତାର ପୁଣି ସୁଆଗ ! ବାପ ମା ଅନ୍ଧ । ଅନ୍ଧଡ଼-ଶାଳରେ ଭର୍ତ୍ତି ଚପି ନ ଦେଇ ଏମିତିକା ଅପଦାର୍ଥ ଅଯୋଗ୍ୟ ହାତରେ ଆଣି ଯା ଦେଲେ ! —ବେଳୁବେଳ ବେଶି ବେଶି କାନ୍ଦିବାକୁ ଲାଗିଲା ସେ । ଚନ୍ଦ୍ରମୌଳି ସ୍ତବ୍ଧ । ଧାରଟିଏ ଧୀରେ ଧୀରେ ଗଡ଼ି ଆସିଲା ସ୍ୱପ୍ନବିଭୋର ନୟନରୁ ।

* * * *

କାରକେନ୍ଦ୍ରୁ ଭଳି ନିର୍ମଳ ଜଳ ଫୁଆରର ଝୋଳି ତାର ବେଗରେ ଉର୍ଦ୍ଧ୍ୱକୁ ଉଠୁଥିଲା । ଆଉ ଉପରେ ଶତ ଇନ୍ଦ୍ରଧନୁର ବର୍ଣ୍ଣବିଭା ରଚି ବର୍ଷି ହୋଇ ପଡ଼ୁଥିଲା ପୁଣି ଚକ୍ରାକାର ସବୁଜ କୁଞ୍ଜ ଉପରେ । କାରୁସରେ କଠା କ୍ରୋଟନର ବାଡ଼—ଘଞ୍ଚ, ବର୍ତ୍ତୁଳ, ଶ୍ୟାମ ବାଡ଼ର ଧାରେ ଧାରେ ଯୁଇ ଶେବତୀ, ରଜନୀଗନ୍ଧା ଆଉ ନାନା ଜାତିର ଗୋଲାପ । ଗୋଲାପର ପାଦ ଦେଶରୁ ରଙ୍ଗାକୁଞ୍ଜ ଯାଏ ଲମ୍ବି ଆସିଛି ଗାଲିଚାଟିଏ—ଖାଲି ଘାସ ଆଉ ଘାସ—ସବୁଜ କଅଁଳ, ନରମ ଛନଛନ...ଲନ...ଦୋମହଲା ଉପରେ ଗୋଟିଏ ଶୁଭ୍ର

ସୋଫା କୋଳରେ ଢଳି ପଡ଼ି ନର୍ମଦା ଗୃହିଁ ରହିଥିଲା ଏଇ ସୁଦୃଶ୍ୟ ଲନ୍‌ଟି ଆଡ଼େ ।

ଚନ୍ଦ୍ରମୌଳି ,କିନ୍ତୁ ଏତେ କଳ୍ପନାବିଳାସୀ ହୋଇ ପାରୁ ନ ଥିଲା ନୂତନ ଗୃହରେ । ଆଖି ଆଗରେ ତାର ଗୋଲାପ ଦିଶୁ ନ ଥିଲା । ଦିଶୁଥିଲା ଖାଲି ଫରଗେଟ-ମି-ନଟ, ଯୋଉଥିରେ ସୌନ୍ଦର୍ଯ୍ୟ ଅଛି, ସୌରଭ ନାହିଁ । —ମୋହ ଅଛି ମମତା ନାହିଁ—ଆକର୍ଷଣ ଅଛି ଆଦର ନାହିଁ । କାଗଜ ପରି ତା' ଶୁଷ୍କ, ନୀରସ, ଜଡ଼ । ଗୃହିଁ ଗୃହିଁ ଅନ୍ତରାତ୍ମା ଥରି ଉଠୁଥିଲା ତା'ର ସେ ତା ହେଲେ ପଥ ହୁଡ଼ିଛି ? ଭୁଲ କରିଛି ? ଖାଣ୍ଟି ସୁନା ବୋଲି ଯାହାକୁ ତୋଳି ନେଇଥିଲା ତା' ଖାଣ୍ଟି ତ ନୁହେଁ. ସୁନା ବି ନୁହେଁ, ତୁଚ୍ଛା ଏକ ବେଙ୍ଗ ପିତଳ ! ହାୟଃ ହାୟଃ ନିୟତିର କି ନିର୍ମମ ଉପହାର !

ଆଖି ମେଲି ଚନ୍ଦ୍ରମୌଳି ଗୃହିଁଲା —ଦୂରରେ —ବେଶି ଦୂରରେ ନୁହେଁ; ଏଇ—ଏଇ ଆସୁଛି—ଘୂର୍ଣ୍ଣିବାୟୁ ଖଣ୍ଡେ ଲତା ପତର ଉଡ଼େଇ ଧୂଳି ମଣ୍ଡଳ ତୋଳି ହୁହୁ ମାଡ଼ି ଆସୁଛି । ଆକାଶରେ କଳାହାଣ୍ଡିଆ ମେଘ—ଆଉ ସେଇ ମେଘ ବାଦଲ ଭିତରେ ଝଡ଼ଝଞ୍ଜା ଭିତରେ ସେ ଯେମିତି ହଜି ଯାଉଛି—ହଜି ଯାଉଛି ତା'ର ଶେଷ ଅସ୍ତିତ୍ୱ ଟିକିକ ।

ନୂତନ ଘର । ନୂତନ ପରିବେଶ, ନୂତନ ସୂର୍ଯ୍ୟର କନକ ରଶ୍ମି । ହେଲେ ନୂତନତା କାହିଁ ? କାହିଁ ଆନନ୍ଦ ? କାହିଁ ଆଲୋକ ? ଆକାଶ ମେଘାଚ୍ଛନ୍ନ । ଶ୍ରାବଣ ସଞ୍ଜ ଘୋଟି ଆସିଛି—ଚଉଦିଗୁ ଖାଲି ଅନ୍ଧାର ଆଉ ଅନ୍ଧାର ।



ନା, ଖାଲି ଅନ୍ଧାର ନୁହେଁ, ଅନ୍ଧାର ଆଲୋକର ସମିଶ୍ରଣ । ଆଶା ନିରାଶାର ଲୁଚକାଳି । ପଂଚବଟୀ ବନରେ ସ୍ୱର୍ଣ୍ଣମୃଗ ଯେପରି ଇନ୍ଦ୍ରଜାଲ ବୁଣି ମନ୍ତ୍ରମୁଗ୍ଧ କରାଇ ଟାଣି ନେଇଥିଲା ରାମଙ୍କୁ, ଠିକ୍ ସେଇମିତି ଇଏ ବିଚିତ୍ର ରଙ୍ଗ ହାବେଳି ଜାଲି ନାନା ପ୍ରଲୋଭନରେ ଛନ୍ଦି ଦେଇ ଅନ୍ଧ କରି ଦେଇଛି ଆମକୁ । ଲକ୍ଷ ମନରେ ଜାଗି ଉଠିଛି ସ୍ୱର୍ଣ୍ଣର ସ୍ୱପ୍ନ । କୁରଙ୍ଗୀ ଧରା ହେବ । ବନ କୁରଙ୍ଗୀ ବନ କୁଞ୍ଜରୁ ଆସି ଲୀଳାୟିତ ଛନ୍ଦରେ ନୃତ୍ୟ କରିବ ସଜ୍ଜିତ ଅଙ୍ଗନରେ । ଧନଧାନ୍ୟରେ ପୂରି ଉଠିବ ଘର । ପ୍ରେମର ଅଫୁରନ୍ତ ଝରଣା ବହିଯିବ ପ୍ରାଣରେ । କିନ୍ତୁ କାହିଁ ସେ କୁରଙ୍ଗୀ ? କାହିଁ ତାର ଅପରୂପ ରୂପ ? କେଉଁ ଦୁର୍ଜ୍ଞେୟ ପ୍ରକୃତିରେ ସେ ହେମ କୁରଙ୍ଗୀ ନା ଗୋଟାଏ ମାୟାବିନୀ, ଛଳନାମୟୀ ରାକ୍ଷସୀ ?...

ରା—କ୍ଷ—ସୀ ! ! — ସହଯାତ୍ରୀ ଜଣେ ଚିତ୍କାର କରି ଉଠିଲେ ।

ଦୀର୍ଘ ଶ୍ୱାସଟିଏ ଟାଣି ବାହାରକୁ ଦୃଷ୍ଟି ନିକ୍ଷେପ କଲା ଯୁବକ । ସମ୍ବଲପୁର ଲୋକାଲ୍ ଟ୍ରେନ୍ ଝାରସୁଗୁଡ଼ା ଅଭିମୁଖେ ଗତି କରୁଥିଲା । ଶୀତ ସନ୍ଧ୍ୟାର ଆଚ୍ଛନ୍ନ କୁହେଳି ।

ମୋର ମନେହୁଏ ଆପଣ ଭୁଲ କରୁଛନ୍ତି—ସହଯାତ୍ରୀ କହିଲେ ।

ଭୁଲ୍ ?

ହଁ ଭୁଲ୍ । ସମଗ୍ର ମାନବ ଜାତି ଯାହାକୁ ସୃଷ୍ଟିର ଶ୍ରେଷ୍ଠ ରତ୍ନ ବୋଲି ଧରି ନେଇଛି, ତା'କୁ ହୀନ କରିବାକୁ ଯାଇଁ ଆପଣ ନିଜେ ହୀନ ହୋଇ ଯାଉ ନାହାଁନ୍ତି ତ ?

ହୋ ହୋ ହୋଇ ହସି ଉଠିଲା ଯୁବକ । କହିଲା—ଏଇ ଆପଣ-ମାନଙ୍କର ଭ୍ରମ ଧାରଣା । କାହାରିକୁ ହୀନ ପ୍ରତିପନ୍ନ କରିବା ମୋର ଲକ୍ଷ ନୁହେଁ । ଶିଳ୍ପୀର ଭୂମିକା ମୂଳରେ ମୁଁ ଛବି ଆଙ୍କୁ ନାହିଁ । ମୁଁ ଖାଲି

ଆଲୋକ ଚିତ୍ରଟିଏ ନେଉଛନ୍ତି । ଏଥିରେ ନାୟିକା ମୁହଁରେ ହସ ନ ଫୁଟି ଯଦି ଅଶ୍ରୁ ଝରେ, ସେଥିପାଇଁ ବିଚାରା ଫଟୋଗ୍ରାଫର କ'ଣ ଦାୟୀ ?

ହୁଏତ ନୁହେଁ, କିନ୍ତୁ ଆପଣ ଇଚ୍ଛା କରି ଯଦି ଆଲୋକ ନ ଦେଖନ୍ତି, ତା ହେଲେ ତ ଚିରଦିନ ଅନ୍ଧାରରେ ଘାଣ୍ଟି ହେବା କଥା ।

ହେଇ ଦେଖନ୍ତୁ ଆଲୋକ—ଯୁବକଟି ଉଦ୍‌ବେଗରେ ହଲାଇ ଦେଲା—ହେଇ, ହେଇ ଦିଶୁଛି ରାଜ ଅଟ୍ଟାଳିକାଟିର ନଭସ୍ପର୍ଶୀ ଶୁଭ୍ର ଗମ୍ବୁଜ । ଗମ୍ବୁଜ ଉପରେ ଅଗଣିତ ନୀଳ ଆଲୋକମାଳା···

ଓ, ସ୍ୱର୍ଗକୁଦ ?

ହଁ, ଆପଣ କହିବେ 'ଦିଜ୍ ଡ୍ରଇଲ୍ ବ୍ରିଙ୍ଗ୍ ପରପିଚୁଆଲ୍ ସୋର୍ସ ଅଫ୍ ହନି ଆଣ୍ଡ୍ ମିଲକ୍ ଟୁ ଅସ୍' ମାନୁଛି, କିନ୍ତୁ ସେହି ଦୁଧ, ମହୁର ମହୋଦଧି ଉଚ୍ଛୁଳି ଉଠିବା ଆଗରୁ ଏଠି ଦିନ ଦି'ପହରେ ଘୋର ଡକାୟତି ଚାଲିଲା, ଘୋର ଅଶ୍ରୁର ହାହାକାର ଉଠିଲା । ତା' ତ ଆଖି ଆଗରେ ଦେଖି ଆସିଁ । ଏଇ ଧଳା ସଉଧ ପଛପଟେ କେତେ ଯେ କଳା ବଉଦ ଲୁଚି ରହିଛି, ତ' କ'ଣ ଆପଣ ଅସ୍ୱୀକାର କରିବେ ?

ବେଶ୍ ତାହାହିଁ କରନ୍ତୁ । ଧଳା କଳା ଉଭୟର ସ୍ଥାନ ଅଛି ଦୁନିଆରେ । ଫୁଲର କଣ୍ଟା ଅଛି । ବାସ ବି ଅଛି ।

କିନ୍ତୁ ବାସ ଥିବା ଫୁଲର ସଂଖ୍ୟା ଖୁବ୍ କମ୍ । ଏଠି ପ୍ରଚୁର ସଦା ବହାର, ଯଥେଷ୍ଟ ପଳାଶ । କିନ୍ତୁ ହେନା କାହିଁ ? କୋଉ ଲୋକଲୋଚନ ଅନ୍ତରାଳରେ ଯେ ହେନା ଫୁଟେ—ସହଜଭାବେ ମହକାଏ ଦିଗବିଦିଗ, ତା' କିଏ ଦେଖେ ? କିଏ ବୁଝେ ସେଇ ରୂପହୀନ, ଆଡ଼ମ୍ବରହୀନ, ନଗଣ୍ୟ ଫୁଲଟିକି ? ସମସ୍ତେ ରୂପ ପାଇଁ ବାଇ । ରୂପର ଆଲୋକରେ ଅନ୍ଧ ।

ଗାଡ଼ି ଅଟକିଲା । ରେଙ୍ଗାଲି । ତରୁଣୀ ଜଣେ କୋଠରୀରେ ଉଠିଲେ । ଆଧୁନିକା, ରୂପବତୀ, କୁଞ୍ଚିତକୁନ୍ତଳା । କନିଆର ଫୁଲ ଭଳି ଦେହର ବର୍ଣ୍ଣ । ପୂର୍ଣ୍ଣ ଯୌବନ । ସଙ୍ଗରେ ତରୁଣ । ବୋଧେ ସ୍ୱାମୀ ହେବେ । ବେଶ୍

ଫିଟ୍‌ଫାଟ୍, ସିଲ୍‌କ ସୁଟ୍, ବଳିଷ୍ଠ ସ୍ୱାସ୍ଥ୍ୟ । ଗାତ୍ର ବର୍ଣ୍ଣ ଟିକଏ ଶ୍ୟାମଳ । କନକଗୋସ୍ୱାଙ୍କ ଅନ୍ୟକଣ, କଳା । ରାଧା ଆଉ କୃଷ୍ଣ । ସୁନ୍ଦରୀ ମଥାରେ ସିନ୍ଦୂର ଟୋପା ଦାଉ ଦାଉ ଝଟକୁଛି । ଦେହରେ ସ୍ୱର୍ଣ୍ଣ ଆଭରଣ । କୋଠରୀରେ ତିଳ ଧାରଣର ସ୍ଥାନ ନାହିଁ । ଯୁବକଟି ଉଠି ସସମ୍ଭ୍ରମେ ସ୍ଥାନ ଦେଲା ତରୁଣୀଙ୍କୁ ।

'ଧନ୍ୟବାଦ'—ବୀଣାର ତାରଟିଏ ମୂର୍ଚ୍ଛନା ତୋଳି ମିଳେଇଗଲା ଶୂନ୍ୟରେ । ମୁହୂର୍ତ୍ତେ ମାତ୍ର ମୁହଁକୁ ଚାହିଁ ଦେଇ ଯୁବକଟି ମଥା ପୋତିଲା ।

ଯୁବକ ଠିଆ ହେଲା । ଠିଆ ହେଇଥିଲା ତରୁଣ । ଆଲାପ ହେଲା । ପ୍ରାଣଖୋଲା ମଧୁର ଆଳାପ । ତରୁଣ ଚିତ୍କାର କରି ଉଠିଲା—ଚିହ୍ନା—ଚିହ୍ନା ସ୍ୱପ୍ନା ? ଏଇ ହେଉଛନ୍ତି ଝିଣ୍ଟିକାଳର ବିପ୍ଳବୀ କବି ଦେବବ୍ରତ ରାଓ ପଟ୍ଟନାୟକ ।

ନମସ୍କାର ! ମଥା ନୋଇଁ ପ୍ରଣତି ଜଣାଇଲା ସ୍ୱପ୍ନା । କଣ୍ଠରେ ନମ୍ରତାର ଚରମ ଝଙ୍କାର । ଚାଞ୍ଚଲ୍ୟ ଖେଳିଗଲା କୋଠରୀରେ । ସମସ୍ତେ ଏକ ନୟନରେ ଚାହିଁ ରହିଲେ ଦେବବ୍ରତ ଆଡ଼େ । ବିଶେଷତଃ କଲେଜ ପିଲାଏ ବେଶୀ ଉଦ୍‌ଗ୍ରୀବ ହେଇ ଉଠିଲେ । ସ୍ୱାଙ୍କର 'ରକ୍ତବାହିନୀ ଘାଲ୍‌ଟର ଘୃଲ୍'—ବି. ଏ.ରେ କୋର୍ସ ।

ଭୁଲ କରୁଛନ୍ତି ରତିକାନ୍ତ ବାବୁ ! ଜଣେ ନଗଣ୍ୟ ଲୋକକୁ...

ନା, ଆପଣ ମୋର ଏକାନ୍ତ ପ୍ରିୟ—ଅକସ୍ମାତ୍ ବାହାରି ଆସିଲା ଲଜ୍ଜାବତୀ ଅନ୍ତରରୁ । ରତିକାନ୍ତ ଅପ୍ରତିଭ ହେଲା ।

ମୁହୂର୍ତ୍ତେ ଗଲା ! ରତିକାନ୍ତ କହିଲା—ସତେ, ଆପଣଙ୍କର 'ମରିନାହିଁ ସେ ତ ମରଣଜୟୀ', 'ବନ୍ଧ ଶୃଙ୍ଖଳ ଆମେରେ କରିବୁ ଛିନ୍ନ', 'ସାରା ଗର୍ଭରେ ଭରିଲା କିଏରେ କଙ୍କର' ବା 'ଟିକାଳିରେ ହେବ ରକ୍ତର ହୋରିଖେଳ' ବାସ୍ତବିକ ଏକ ଏକ ମହାମୂଲ୍ୟବାନ ଜ୍ୱାଳାମୟୀ କବିତା ।

ଅଗ୍ନି ବର୍ଷଣ କରିଯାଏ ଦେଶସାରା । ଯିଏ ଥରେ ପଢ଼ିଦେଲେ ବଜ୍ର ହୁଙ୍କାର କରି ପ୍ରଭଞ୍ଜନ ବହିଯାଏ ଅନ୍ତରରେ···

ଆଉ ପ୍ରଦୀପକୁ ଆପଣ ସୂର୍ଯ୍ୟର ସମ୍ମାନ ଦେଉଛନ୍ତି ।

ହଁ, ପ୍ରଦୀପଟି କ୍ଷୁଦ୍ର । କିନ୍ତୁ ତା'ର ଅଗ୍ନିଶିଖା କ୍ଷୁଦ୍ର ନୁହେଁ । ଦେଶର ଏ ପ୍ରାନ୍ତରୁ ସେ ପ୍ରାନ୍ତ ଯାଏ ବିପ୍ଳବର ଅନଳ ଜାଳିଦେବାକୁ ଏଇ କ୍ଷୁଦ୍ର ଝୁଲକଟିହିଁ ଯଥେଷ୍ଟ ।

ସେ ଆପଣମାନଙ୍କର ଉଦାରତା ।

ଉଦାରତା ନୁହେଁ ସତ୍ୟ । ତମ ଲାଗି ଉତ୍କଳ ଆଜି ଧନ୍ୟ । ଏଇ ନିଶ୍ଚେଷ୍ଟ, ପଙ୍ଗୁ, ମୃତ ଜାତିର ପ୍ରାଣରେ ତମେ କରିଛ ଆଲୋକର ସଞ୍ଚାର, ଭରିଛ ରକ୍ତର ବହ୍ନି, ଧରିଛ ମୁକ୍ତିର ମଶାଲ ଆଉ ବଜାଇଛ ବିପ୍ଳବର କଲ୍ଲୋଲ ଶଙ୍ଖଧ୍ୱନି···

ରତିକାନ୍ତ ବାବୁ ! !—ଚିତ୍କାର କରି ଉଠିଲା ଦେବବ୍ରତ—ଏକା-ବେଳକେ ସ୍ୱପ୍ନବିହ୍ୱଳ ହୋଇ ଉଠିଲେ ଯେ । ଏଇଟା ଯେ ନିଶ୍ଚିତ ବାସ୍ତବ କ୍ଷେତ୍ର—ଏଇଟା ଯେ ଟ୍ରେନ୍ । ହାଇ ତୁ ଇଉ ଫରଗେଟ୍ ଇଟ୍ ?

ସ୍ୱପ୍ନା ମଥା ନୋଇଁ ଟିପି ଟିପି ହସୁଥିଲା ଖାଲି । ବେଳେବେଳେ ସମସ୍ତଙ୍କର ଅଲକ୍ଷ୍ୟରେ ଉତ୍ସୃଷ୍ଟ ନୟନରେ ଚାହିଁ ରହୁଥିଲା ଦେବବ୍ରତ ମୁହଁକୁ ।

ଭଜନାରେ·!—ରେ' ବଇରାଗିଆ ! ଧ'ବେ ଗଣ୍ଠିଲିଟା···ଆଲୋ ଏ କୋଉ ଷ୍ଟେସନ ? ଆଲୋ ସାରିଆ, ମୋ କାନିଟା ଧରିଥାଲୋ । ଡଙ୍ଗା ଟୋକଲିଟା କୁଆଡ଼ିକି ଅନେଇଛୁ ?···ରେ ଗନ୍ଧିଆ···ଫେରିଅ'ନା ଜାଗୁଣୀ, ଫେରିଅ'ନା ଲୋ ବାଜଲକ୍ଷ୍ମୀ ନାଗେଶ୍ୱରୀ ବାଜଣା । ସାତତାଳ ପୋଖରୀରୁ, ଡାକୁଅଛୁ ପାଣିଢାଲୁ...ଝାରସୁଗୁଡ଼ା । ଜଣ ଜଣ କରି ସଭିଏଁ ଅବତରଣ କରି ଆସିଲେ । ଫାଟକ ନିକଟରେ ଭୟାନକ ଭିଡ଼ । ଆଗରେ ରତିକାନ୍ତ ।

ମଝିରେ ସ୍ୱପ୍ନା । ପଛରେ ଦେବବ୍ରତ ଠେଲାଠେଲି ପେଲାପେଲରେ ରତିକାନ୍ତ ଟିକଏ ଆଗକୁ ଚାଲିଗଲା ଜ ସ୍ୱପ୍ନା ଇଚ୍ଛା କରି ଦ'ପାଦ ପଛକୁ ରହିଗଲା । ଭିଡ଼ହେବନ । ଅସମ୍ଭବ ଭିଡ଼ । ହୋ ହୋ ଧୋ ଧୋ । ସ୍ୱତ ନ', ଚଲା କିଟିକିଟି ଅନ୍ଧାର ବମ୍ବେ ମେଲ୍ ଟାଇମ୍ ହୋଇ ଆସିଥାଏ । ତେଣୁ ବ୍ୟଗ୍ର ଜନତା ଫାଟକ ପାରହେବାକୁ ଏକାନ୍ତ ଉଦ୍‌ଗ୍ରୀବ । ଲମ୍ବସା ଉଠେଲି ପର ଜଣଙ୍କ ପରେ ଜଣେ ଆସି ପିଟି ହେଉଥାନ୍ତି ଖାଲି । ହଠାତ୍ ଆଗରୁ ଗୋଟାଏ ଗୋଟାଏ ଧକ୍କା ଆସିଲା । ସ୍ୱପ୍ନା ଗୋଟିପଣେ ଆସି ଢଳି ପଡ଼ିଲା ଦେବବ୍ରତ କୋଳରେ ··ଏଁ, ଗୁଉଁଜନା ଚମକି ପଡ଼ିଲା ଦେବବ୍ରତ । ବିଦ୍ୟୁତ୍‌ର ସ୍ପନ୍ଦନ ଖେଳିଗଲା ଦେହରେ । ଜନ୍ତୁ ନିରୁପାୟ । ହଲଚଲ ହେବାର ଯୁ' ନାହିଁ । ଉଠିପିବାର ଉପକ୍ରମ ନକରି ଇଚ୍ଛାକରି ଯେମିତି ଛାତି ଉପରେ ଆଉଜି ହେଲ ସ୍ୱପ୍ନା ! ! ଦେବବ୍ରତର ହାତଯୋଡ଼ିକ ସ୍ୱପ୍ନାର ଉଦ୍ଧତ ବକ୍ଷ ଛୁଇଁବା ଛୁଇଁବା ଉପରେ । ଦୁଇ ମିନଟ୍—

ଦୁଇ ମିନଟ୍ ପରେ ଏକପ୍ରକାର ଶୂନେ ଶୂନେ ପିଟକି ଆସି ଫାଟକ ବାହାରେ ଠିଆ ହେଲେ ସ୍ୱପ୍ନା ଓ ଦେବବ୍ରତ ।

ହାୟରେ ଅବଳା ! ଏତେ ଦୁର୍ବଳା ହେଲେ କେମିତି ଚଳିବ ତମେ ଏ ସ୍ୱାଧୀନ ଯୁଗରେ ?—ହସି ହସି କହିଲା ରତିକାନ୍ତ । ମୁହଁପୋତି ସ୍ୱପ୍ନା ଖାଲି ହସିଲା । ଦେବବ୍ରତ କେମିତି ବିବ୍ରତ ହେଲା ଭଳି ଦିଶୁଥାଏ ।

ଅପର କ୍ଲାସ ରିଫ୍ରେସମେଣ୍ଟ ରୁମ୍ । ଗୋଟିଏ ଟେବଲରେ ବସି କଫି ଖାଉଥିଲେ ଦୁଇଟି ତରୁଣ ଓ ଗୋଟିଏ ଅସାମାନ୍ୟା ସୁନ୍ଦରୀ ତରୁଣୀ । ବିଦ୍ୟୁତ୍ ଆଲୋକରେ ଚକ୍ ଚକ୍ କରୁଥିଲା ସୁନ୍ଦରୀର ଲାବଣ୍ୟବୋଳା ମୁଖମଣ୍ଡଳ । ଦେହରେ ଦାମୀ ଅଲ୍‌ଷ୍ଟ୍ରେଚ୍ଛାର୍ । ମଥାରେ କୁଞ୍ଚିତ କେଶ ତଳେ ହସହସ ସୁନ୍ଦର ମୁହଁଟି । ଶ୍ୟାମଳ ପତ୍ର ଗହଳରେ ଯେମିତି ବିକଚ ପଦ୍ମ । ...ବୟ ଆଣି ଗରମ ଗରମ ଓମଲେଟ୍ ଓ ମଟନ୍ ଚପ୍ ଦେଇଗଲା ।

କଟ୍‌ଲେଟ୍ ଆଉ କଫି ! —ରଥକାନ୍ତ ଅର୍ଡ଼ର ଦେଲେ

ଆଉ ଫ୍ରୁଟ୍‌ସ୍ ?—ହସି ପଚାରିଲେ ସ୍ୱପ୍ନା ।

ହଁ ଫ୍ରୁଟ୍‌ସ୍—ପାଇନଆପ୍‌ଲ୍, ନାସପାତି, ଅଙ୍ଗୁର । ଜଲଦି—ରଥକାନ୍ତ କହିଲେ ।



ରିଫ୍ରେସ୍‌ମେଣ୍ଟ୍ ମନ୍ଦ ହେଲାନି । ତିନହେଁ ବସି ହସି ହସି ଗପ ଯୋଡ଼ିଦେଲେ । ବନ୍ଧୁ ସୃଷ୍ଟି ଛଡ଼ା ପ୍ରାଣଖୋଲା ଗପ । ଯେମିତି ତିନହେଁ କୋଉ ଯୁଗ ଯୁଗାନ୍ତରର ବନ୍ଧୁ । ଟିକିଏ ଛଳ ନାହିଁ, କପଟ ନାହିଁ, ସଙ୍କୋଚ ନାହିଁ ।

ମାର୍କୋଭିଚ୍ ଖଣ୍ଡକରେ ନଅଁ ଧରନ୍ତି ଧରନ୍ତି ଦେବବ୍ରତ ପଚାରିଲେ—ଆପଣ ତା'ହେଲେ କିଛି କଲେ ନାହିଁ ରଥକାନ୍ତ ବାବୁ ?

କରିବାର ଆବଶ୍ୟକତା ନ ଥିଲା ।

ମାନେ ?

ମାନେ ବାପାଙ୍କର ଯାହା ଗଚ୍ଛିତ ସମ୍ପତ୍ତି, ସେଥିରେ ଗୋଟାଏ ପୁରୁଷ କାହିଁକି ତିନି ପୁରୁଷ ସ୍ୱଚ୍ଛନ୍ଦରେ କଟିଯିବ । ଏଥିରେ ଆଉ ଗୋଟାଏ ପ୍ଲକଷ୍ଣ...

ପ୍ଲକଷ୍ଣ ନ ହେଲା ଗୋଟାଏ କିଛୁ ବିଜିନେସ୍ । ଏଇ ଧର କଣ୍ଟ୍ରାକ୍ଟ୍ରି ନଇଲେ ମାଇନିଂ ।

ବଟ୍ ହ୍ୱାଇ ଦସ୍ ଅନ୍‌ନେସେସେରି ଟ୍ରେଏରିକ ? ଆଇ ଆମ୍ ନଟ୍ ଏ ମାରଓ୍ୱାରି !

ଆଶ୍ଚର୍ଯ୍ୟ ହୋଇ ଦେବବ୍ରତ ପୁଛିଲା—ମାରଓ୍ୱାରି ହେବାଟା କ'ଣ ପାପ ? ଅଧ୍ୟବସାୟକୁ ଆପଣ ଘୃଣା କରନ୍ତି ?

ଠିକ୍ ଘୃଣା ନୁହେଁ ଅନୁକମ୍ପା । ନିଜେ ନ ଖାଇ ନ ପିଇ ମହୁମାଛି ଭଳି ଏତେ ସଞ୍ଚୟ କରିବାରେ କିଛି ମୂଲ୍ୟ ନୁହେଁ ।

ହଁ, କୃପଣ ହେବା ନିନ୍ଦନୀୟ । କିନ୍ତୁ କର୍ମପ୍ରବଣ ନହେଲେ ଜୀବନରେ ସୁଖ ଆସିବ କାହୁଁ ? ଶାନ୍ତି ଆସିବ କାହୁଁ ?

ଆପଣ କ'ଣ ଭାବୁଛନ୍ତି ଏ ସାରା ଜୀବନଟା ମୁଁ ଖାଲି ବସି ବସି କଟେଇଛି । ନା, ମୋର ମଧ୍ୟ ଯୋଜନା ଅଛି । ମୁଁ ମଧ୍ୟ ଅହରହ ନାନା କର୍ମ ଜଞ୍ଜାଳରେ ବ୍ୟସ୍ତ ।

ସତେ, କ'ଣ କରନ୍ତି ଆପଣ ?

ଏଇ, ହଣ୍ଟିଂ ଗୋଟାଏ ମୋର ବଡ଼ ହବି । ବେଳେବେଳେ କାର୍ ଖଣ୍ଡିକ ଧରି ଜଙ୍ଗଲସାରା ବୁଲୁଥାଏ । କେତେବେଳେ ହରିଣ, କେତେବେଳେ କୁଟୁରା, କେତେବେଳେ ବା ମଣିଷଖିଆ ପାନ୍ଥର୍ ।

ଓ, ତା'ହେଲେ ତ ଆପଣ ଜଣେ ବଡ଼ ଶିକାରୀ ।

ହଁ, ଶିକାର କରେ, କିନ୍ତୁ ଶିକାରଟା ମୋର ଏକମାତ୍ର ପେଶା ନୁହେଁ । ଏ କେତେ ମାସ ହେଲା ଗୋଟାଏ ବଡ଼ ଥିଏଟର ପାର୍ଟି ଅର୍ଗାନାଇଜ୍

କରୁଛୁ । ବଡ଼ ବଡ଼ ଆକ୍ଟର, ଆକ୍ଟ୍ରେସ୍‌ଙ୍କୁ ନେଇ ଗୋଟାଏ ରିଭଲ୍‌ଭିଂ ଷ୍ଟେଜ୍ କରୁଛୁ ରାଉରକେଲାରେ ।

ଏତେବେଳକେ ତୁଣ୍ଡ ଖୋଲିଲା ସ୍ୱପ୍ନା—କହିଲା । କବି ଖାଲି ଆପଣାର ପରିଚୟ ଦେଲେ । କବି ପ୍ରିୟାଙ୍କ ସମ୍ବନ୍ଧେ ପଦେ....

ବାଧା ଦେଲା ରତିକାନ୍ତ—ତମେ ତା'ହେଲେ ଏ ଯାଏ କବିଙ୍କି ଚିହ୍ନି ପାରିଲ ନାହିଁ ?

ଅର୍ଥାତ୍ ?

ଆସ କହୁଛୁ—ତିନହେଁ ଉଠି ଧୀରେ ଧୀରେ ଆଗେଇଲେ ଓ୍ୱେଟିଂ-ରୁମ୍ ଆଡ଼େ । ବମ୍ବେ ମେଲ୍ ସେଦିନ ସାତଘଣ୍ଟା ଲେଟ୍ ।

ଓ୍ୱେଟିଂ ରୁମ୍‌ରେ—

ତିନୋଟି ଚଉକି ଟାଣି ଆଣି ତିନି ବନ୍ଧୁ ବସିଲେ । ରତିକାନ୍ତ କହିଲା—ତମେ କ'ଣ ଭୁଲିଗଲ ସ୍ୱପ୍ନା, ଯାହାର ଗୀତ ପଢ଼ିଲେ କବିଙ୍କର ସର୍ବାଙ୍ଗ ଶରୀର ଜଳିଯାଏ ।

ଆରେ ସତେତ—ହସି ଉଠିଲା ସ୍ୱପ୍ନା । ମୁରୁକି ମୁରୁକି ହସୁଥାଏ ଦେବବ୍ରତ ।

ମୁହୂର୍ତ୍ତେ ଗଲା । ସ୍ୱପ୍ନା କହିଲା—କ୍ଷମା କରିବେ କବି ! ଗୋଟିଏ ପ୍ରଶ୍ନ ପଚାରିବି ।

ପଚାରନ୍ତୁ ।

ଆଚ୍ଛା, ନାରୀ ଜାତି ପ୍ରତି ଆପଣଙ୍କର ଏତେ ଘୃଣା କାହିଁକି ?

ଦେଖନ୍ତୁ, ଏଭଳି ପ୍ରଶ୍ନର ଉତ୍ତରରେ ମୁଁ ବଡ଼ ରୁକ୍ଷ । ଆପଣଙ୍କୁ ହୁଏତ କଷ୍ଟ ହେବ ।

ନା, କୁହନ୍ତୁ ।

ବାସ୍ତବକ ଆପଣମାନଙ୍କର ଏ ଗୋଟାଏ ଭ୍ରମଧାରଣା, ମୋର କାହାର ପ୍ରତି ଘୃଣା ନାହିଁ । କେବଳ ଅଭିଯୋଗ ।

ଅଭିଯୋଗର କାରଣ ?

କାରଣ ନାରୀର ଆତ୍ମବଞ୍ଚନା ଆଉ ତା'ର ପରିପୂରଣ ପାଇଁ ତା'ର ହୀନ ଯୌବନ ଚକ୍ରାନ୍ତ । ଯେମାନେ ସର୍ବଦା ପୁରୁଷକୁ ଦାସ କରି ରଖିବାକୁ ଚାହାଁନ୍ତି ପାଦତଳେ ।

ସ୍ୱପ୍ନା ହସିଲା । କହିଲା ଆପଣ ବିବାହ କରିଛନ୍ତି ?

ନା ।

ପ୍ରେମ କରିଛନ୍ତି କାହାକୁ ଜୀବନରେ?—ରତିକାନ୍ତ ପଚାରିଲା ।

ଲଜ୍ଜିତ ହେଲା ଦେବବ୍ରତ । ମଥା ନୋଇଁ କହିଲା—ବୋଧେ ନୁହେଁ ।

ସେଇଥିପାଇଁ ଆପଣ ବୁଝିପାରୁ ନାହାଁନ୍ତି ନାରୀ ଭିତରେ କି ଅମୂଲ୍ୟ ସୁଧା ଭରି ରହିଛି । ଆପଣ ଅମୃତ ନ ଚାଖି ଅମୃତକୁ ପିତା ବୋଲି କହିବା ଅନ୍ୟାୟ ।—ରତିକାନ୍ତ କହିଲା ।

ଦେବବ୍ରତ କିଛି ଉତ୍ତର ଦେଲେନି ।

ଅରେ ଯଦି ଆପଣ ନାରୀକୁ ଭଲ ପାଆନ୍ତେ ଆଲିଙ୍ଗନ କରନ୍ତେ ତା'ର କୋମଳ ତନୁ…

ରତିବାବୁ !—ଚିତ୍କାର କରି ଉଠିଲେ ଦେବବ୍ରତ ।

ସତେ, ଏକ ବୁଦ୍ଧୁ ପାଗଳ ଆପଣ । କବି ହୋଇ ନାରୀ ପ୍ରତି ବିତୃଷ୍ଣା ! ପଢିଛନ୍ତି ଓମରଖୈୟାମ୍ ? ପଢିଛନ୍ତି ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଜୀବନୀ ? ଜାଣିଛନ୍ତି କିଛି ବିପ୍ଳବୀ କବି କାଜି ନଜରୁଲଙ୍କ ପାରିବାରିକ ଜୀବନ ? କାଳିଦାସ ତ ଚରିତ୍ରହୀନ ଥିଲେ ନାରୀର ପଦତଳେ…

କେବଳ ଏଇ ଅସ୍ୱଗରିମାକୁ ମୁଁ କ୍ଷମା କରି ପାରିବିନି ରତିବାବୁ !

ଖିଲ୍ ଖିଲ୍ ହୋଇ ହସି ଉଠିଲା ସ୍ୱପ୍ନା । କହିଲା—ଭୁଲ୍, ଭୁଲ୍ । ଏହା ଅହମିକା ନୁହେଁ, ପୁରୁଷର ରୁକ୍ଷ ପ୍ରାଣରେ ପ୍ରେମର ମନ୍ଦାକିନୀ ବୁହାଇ ନେବାକୁ ନାରୀର ଏ ଅସୀମ ତ୍ୟାଗ—ଗଭୀର ସାଧନା । ଆପଣ କେବେ ନାରୀକୁ ଦେଖି ନାହାନ୍ତି । ଖାଲି ଦୂରରୁ ଦେଖି ଶଙ୍କିତତ୍ରସ୍ତ ହୋଇ ପଳାୟନ କରିଛନ୍ତି । ନାରୀ ନିକଟରେ ସଂପୂର୍ଣ୍ଣ ଆତ୍ମସମର୍ପଣରେହିଁ ଚରମ ଶାନ୍ତି—ପରମ ତୃପ୍ତି ।

କିନ୍ତୁ ମୁଁ ତ ଅନେକ ନାରୀଙ୍କୁ ଦେଖିଛି ଯୋଉମାନେ ପଙ୍କପାଲ ପରି ଯୋଉ ପଥରେ ଯାଆନ୍ତି, ସେ ପଥ ଜାଳି ଦେଇ ଯାଆନ୍ତି ।

କଥା ଛଡ଼େଇ ନେଲା ରତିକାନ୍ତ, କହିଲା—ସ୍ୱପ୍ନାଦେବୀ କହିଲେ ପରି—ଆପଣ ନାରୀକୁ ଦେଖିଛନ୍ତି ଦୂରରୁ । କେବେ ପାଖକୁ ଟାଣି ଆଣି-ଛନ୍ତି ? ବସାଇଛନ୍ତି କୋଳରେ ? ଦେଇଛନ୍ତି ତା' କଅଁଳ ଗାଲରେ...??

ଇସ୍, କି ଅସଭ୍ୟ ତମେ ? ସ୍ୱପ୍ନା ଉଠି ବାହାରକୁ ଚାଲିଗଲା । ବିଚ୍ଛୁ କାମୁଡ଼ିଲା ଭଳି ଛଟପଟ ହୋଇ ଉଠିଲା ଦେବବ୍ରତ । ସେ ବି ଠିଆହେଲା ପଳେଇଯିବାକୁ ।

ରତିକାନ୍ତ ହାତ ଧରି ବସେଇଲା । କହିଲା—ସେଇଥିରେହିଁ ଆନନ୍ଦ ଅଛି କବି ! ସେଇଥିରେ ଅଛି ଜୀବନ । ଆପଣଙ୍କର ଏ ଲକ୍ଷ କବିତା ରସହୀନ, ଶୁଷ୍କ ।

ରତିବାବୁ !

ନାରୀ ବସିଥିବ କୋଳରେ । ଶ୍ଳଥ ବେଶଭୂଷା, ଶିଥିଳ କବରୀ, ନିତମ୍ବରୁ ଢ଼ିଲା ବସନ ଖସି ଖସି ଆସୁଥିବ । କେବେ ଉପଭୋଗ କରିଛନ୍ତି ସେ ଦୃଶ୍ୟ ? କେବେ ନିବିଡ଼ଭାବେ ଛନ୍ଦି ଧରିଛନ୍ତି ସେ ନାରୀକୁ ?

ଉଃ, ଆଉ ଶୁଣିବାକୁ ଧୈର୍ଯ୍ୟ ନ ଥିଲା । ନିର୍ବାକ ହୋଇ ଘରୁ ବାହାରିଗଲା ଦେବବ୍ରତ ବାହାରେ ସ୍ୱପ୍ନା । ସ୍ୱପ୍ନା ମୁହଁରେ ହସ ଫାଟି

ପଡ଼ୁଥିଲା । କିନ୍ତୁ ସେ ଗମ୍ଭୀର ହୋଇଗଲା । ଗମ୍ଭୀର ହେବାକୁ ତା'କୁ ନିମିଷେ ବି ଲାଗିଲା ନାହିଁ ।

ଦେବବ୍ରତ କହିଲା—ଏ ରତିକାନ୍ତ ବାବୁଙ୍କର ଅନ୍ୟାୟ ।

ନିଶ୍ଚୟ ଅନ୍ୟାୟ । ଚରମ ଅଭଦ୍ରାମି । ଏତେ ଅଶ୍ଳୀଳ କଥା ଜଣେ ଭଦ୍ରଲୋକ ମୁହଁରେ···

ସତେ ସ୍ୱପ୍ନାଦେବି ! ମତେ ଭାରି କଷ୍ଟ ଲାଗିଲା ।

ଆପଣଙ୍କୁ ଖାଲି କଷ୍ଟ ? ମୋର ତ ଆପାଦମସ୍ତକ ଜଳି ଉଠୁଛି ଘୃଣାରେ···

ଆରେ ଆରେ ଆପଣମାନେ ସତମତ ଗୋଟାଏ ଷଡ଼ଯନ୍ତ୍ର ଆରମ୍ଭ କରିଦେଲେ ସେ—ଘର ଭିତରୁ ହସି ହସି ଆସି ପହଂଚିଲା ରତିକାନ୍ତ । କହିଲା—ମୋର ତ ଭୟହୁଏ ଆପଣ ଦୁହେଁ ଯଦି ଏକାଠି ହୋଇ ଉଡ଼ି ଯାଆନ୍ତି ଆକାଶକୁ—କହି ନିଜେ ନିଜେ ହସି ଉଠିଲା ସେ ଠୋ ଠୋ । ଦେବବ୍ରତ ସ୍ତବ୍ଧ । ସ୍ୱପ୍ନା କ୍ଷଣେକ ପାଇଁ ଚାହିଁ ରହିଲା ଦେବବ୍ରତ ମୁହଁକୁ ।

କିନ୍ତୁ ସେ ମୁହୂର୍ତ୍ତେ । ମୁହୂର୍ତ୍ତେ ମାତ୍ର । ତା'ପରେ ଆହତା ଫଣିନୀ ଭଳି ଗର୍ଜି ଉଠିଲା ସେ—ଏତେ ଅସଭ୍ୟ ତମେ କୋଉଦିନୁ ହେଲ ? ନିଜ ସ୍ତ୍ରୀକୁ ଏଭଳି କହିବା ଆଗରୁ ତମ ମୁଣ୍ଡ ଛିଣ୍ଡି ପଡ଼ିଲା ନାହିଁ ଲଜ୍ଜାରେ, ଅଭଦ୍ର, ଅସଭ୍ୟ, ଅନାର୍ଯ୍ୟ କୋଉଠିକାର···ତମତମ ହୋଇ ଭିତରକୁ ପଶିଗଲା ସ୍ୱପ୍ନା ।

ରତିକାନ୍ତ ଡରିଗଲା । ସ୍ୱପ୍ନାର ସେ କ୍ଷଣ ନୟନରେ ଜଳି ଉଠୁଥିଲା ଯୋଉ ନିଆଁ, ତା' ଦଣ୍ଡକେ ଜାଳିଦେଲା ରତିକାନ୍ତର ସବୁ ଚପଳତା, ସବୁ ବାଚାଳତା । ସେ ଅସ୍ୱାଭାବିକ ଭାବେ ନୀରବ ହୋଇ ଉଠିଲା । ଅଖଣ୍ଡ ନୀରବତା । ଆଉ କାହାରି ତୁଣ୍ଡରୁ ବଚନ ସ୍ଫୁରିନାହିଁ । ରାତି ବୋଧେ ସେତେବେଳକୁ ବହୁତ ହୋଇ ଯାଇଥିଲା । ସ୍ୱପ୍ନା ତିନିଜଣଙ୍କ ପାଇଁ ଅଲଗା ଅଲଗା ବିଛଣା କରିଦେଲା । ଯନ୍ତ୍ରଚାଳିତ ଭଳି ଦେବବ୍ରତ ଓ ରତିକାନ୍ତ ଯାଇଁ ନିଜ ନିଜ ବିଛଣାରେ ଶୋଇଲେ ।

ଫାଷ୍ଟକ୍ଲାସ ଓ୍ୱେଟିଂରୁମ୍ । ନିର୍ଜନ ପ୍ରକୋଷ୍ଠ । ଆଗରୁ ହାଇପାଓ୍ୱାର ଇଲେକ୍‌ଟ୍ରିକ୍ ବଲ୍‌ବ ଜଳୁଥିଲା । ଉଜ୍ଜ୍ୱଳ ଆଲୋକରେ ଉଦ୍‌ଭାସିତ ହେଉଥିଲା ଚତୁର୍ଦ୍ଦିଗ । ଏତେ ଆଲୋକ ଅସହ୍ୟ ହେଲା । ସ୍ୱପ୍ନା ସେ ସୁଇଚ ଅଫ କରି ଦେଇ ଆଉ ଗୋଟିଏ ବଲ୍‌ବ ଜଳାଇ ଦେଲା । କୋମଳ ନୀଳ ଆଲୋକ ଝରି ଆସିଲା ସ୍ତରେ ସ୍ତରେ । ଆଉ ସେଇ ଆଲୋକର ଝଲକରେ, ଝଲକର ତରଙ୍ଗରେ କୋଠରୀରେ ସୃଷ୍ଟି ହେଲା ଏକ ରହସ୍ୟମୟ ସ୍ୱପ୍ନପୁରୀ । ଦରଜାରେ ନୀଳପରଦା ଝୁଲୁଥିଲା । ସମସ୍ତ ବାତାୟନ ରୁଦ୍ଧ ।

ବିଛଣାରେ ଶୋଇ ଶୋଇ ଦେବବ୍ରତ ଚାହିଁ ରହିଥିଲା ସ୍ୱପ୍ନା ଆଡ଼େ । ଏଇ କୋମଳ ନୀଳ ଆଲୋକ କୋଳରେ ସେ ଦିଶୁଥିଲା କେଉଁ ଏକ ସ୍ୱପ୍ନପୁରୀର ରାଜଜେମା ଭଳି । ଲୁଗା ପାଲଟି ସେ ଏକ ପାତଳ ଶାଢ଼ୀ ପିନ୍ଧିଲା । ଯଉବନର ମଧୁବନ ଫାଟି ପଡ଼ିଲା ସତେ କି ! ଆଉ ଚାହିଁବାକୁ ସାହସ ହେଲାନି । ମୁହଁ ବୁଲାଇ ଦେବବ୍ରତ ଶୋଇଲା ।

କିନ୍ତୁ ଶୋଇ ହେଲନି । କେଜାଣି କାହିଁକି ଉହାଇ ଉହାଇ କାନରେ ବାଜିଲା ରତିକାନ୍ତର କଥା ଶ୍ଲଥ ବେଶଭୂଷା, ଶିଥିଳ କବରୀ, ନିତମ୍ବରୁ କ୍ଷୀଣ ବସନ ଖସି ଖସି ଆସୁଥିବ···ଆଃ, କି ଅଭଦ୍ରତା ! କି ସ୍ୱଭାବ ଅଶ୍ଳୀଳତା ! ଘୃଣାରେ ତା' ଆପାଦମସ୍ତକ ଥରି ଉଠିଲା । ସେ ମୁହଁ ମାଡି ଶୋଇଲା । ତଥାପି ନିଦ ହେଉନି । ମନ ଡାକୁଚି ଥରେ—କେବଳ ଥରଟିଏ ସେଇ ଆଡ଼କୁ ଚାହିଁବାକୁ । କିନ୍ତୁ ଏତ ଅସଭ୍ୟତା । ନିରୋଳାରେ ଗୋଟିଏ ନାରୀକୁ ଚାହିଁ ରହିବା ନିହାତି ବର୍ବରତା । ନା, ନା, ସେ କେବେ ଏତେ ଦ୍ରୁଷ୍ଟ ହୋଇ ପାରିବ ନାହିଁ । ସେ ଶୋଇଲା । କିନ୍ତୁ···କିନ୍ତୁ ମନ ମୋଟେ ଶୁଣୁନି । ଅମାନିଆ ମନ ଲଗାମଛଡ଼ା ଘୋଡ଼ା ପରି ବଣ ପାହାଡ଼, ନଦୀନିର୍ଝରଣୀ, କାନ୍ତାର କନ୍ଦର୍ପ ଡେଇଁ ଖାଲି ଧାଉଁଛି ଆଉ ଧାଉଁଛି । ସେ ଆଉ ସ୍ଥିର ହୋଇ ପାରିଲା ନାହିଁ । ତାର ରକ୍ତ ମାଂସ, ଅସ୍ଥି, ମଜା ଶିରାପ୍ରଶିରା ଦୋହଲି ଉଠିଲା । ମୁହଁ ଟେକି ସେ ସ୍ୱପ୍ନା ଆଡ଼କୁ ଥରେ ଚାହିଁଲା ।

ଅପଲକ ନୟନରେ ତା'ର ମୁହଁକୁ ଚାହିଁ ରହିଥିଲା ସ୍ୱପ୍ନା । ଦେହରେ ଶାୟା ନାହିଁ, ସେମିଜ୍ ନାହିଁ, ବ୍ଲାଉଜ ନାହିଁ । ଖାଲି ପାତଳ ଶାଢ଼ୀଟି । ଭରା ଯଉବନ ତେଜ ଝାଙ୍କୁଛି ସେ ପାତଳ ବସନ ଅନ୍ତରାଳରେ ।

ଚାଉଁକିନା ଚମକି ପଡ଼ିଲା ଦେବବ୍ରତ । ଏ ବିଶ୍ୱମୋହିନୀ ରୂପ ସେ କେବେ ଦେଖି ନଥିଲା । ନାରୀ ଯେ ଏତେ ସୁନ୍ଦର ହୋଇ ପାରେ, ଲୋଭନୀୟ ହୋଇପାରେ, ଦାଉ ଦାହି ଝଟକି ପାରେ ତା'ରୂପ, ତା' ତାର କଳ୍ପନାର ବାହାରେ । ସେ ବିଭୋର ହୋଇଉଠିଲା । ତାର ସାରା ଅଙ୍ଗ ହୋଇଉଠିଲା ଉତ୍ତପ୍ତ । ମଥା ଆପେ ଆପେ ନଇଁ ଆସିଲା ।

ସ୍ୱପ୍ନା ଖାଲି ଟିପି ଟିପି ହସୁଥିଲା । କହିଲା—କ'ଣ ନିଦ ହେଉନି ଦେବବ୍ରତ ବାବୁ ? ଶୁଅନ୍ତୁ । ରାତି ଅନେକ ହେଲାଣି ।··· କେଉଁଠି କାହା ଘଣ୍ଟାରେ ଠଂ ଠଂ ହୋଇ ବାର ବାଜିଲା । ରଢକାନ୍ତ ସେତେବେଳକୁ ଶୋଇ ଘୁଙ୍ଗୁଡ଼ି ମାରିଲାଣି ! ସ୍ୱପ୍ନା ଉଠି କବାଟ ବନ୍ଦ କରିଦେଲା । ଲାଇଟ ଲିଭାଇ ଆସି ନିଜ ବିଛଣାରେ ଶୋଇଲା ।

ବିଛଣା ସାରା ଛଟପଟ ହେଇ ହେଇ ପ୍ରାଣ ଗଲା ଦେବବ୍ରତର । ମୋଟେ ନିଦ ହେଉନି । ଯେତେ ଚେଷ୍ଟା କରି ଆଖି ବୁଜିଲେ ବି ଆଖି ଗ୍ରୁଏଁ ଗ୍ରୁଏଁ ଖୋଲି ଯାଉଛି । ମନରେ ଅସରନ୍ତି ଭାବନାର ବୁଢ଼ୀଆଣୀ ଜାଲ । ଏ ଅନ୍ୟାୟ । ଏ ପାପ । ପର ସ୍ତ୍ରୀକୁ ଖରାପ ଦୃଷ୍ଟିରେ ଦେଖିବା ଚରମ ଅପରାଧ । ପୁଣି ନାରୀ ! ସୃଷ୍ଟିରେ ନିକୃଷ୍ଟତମ ପ୍ରାଣୀ ! ! ତା ପାଇଁ ଚିନ୍ତା କରିବ ଦାର୍ଶନିକ ଦେବବ୍ରତ ? ନା, ସେ କଠୋର ହେବ, କଠିନ ହେବ । କ୍ଷଣିକ ଦୁର୍ବଳତାରେ ସେ ଭାଙ୍ଗି ପଡ଼ିବନି । —କିନ୍ତୁ - କିନ୍ତୁ ପାଠ ପୋଥିରେ ରହି ଯାଉଛି । ବନହରିଣୀ ପରି ମନ ଖାଲି ଡେଇଁ ଡେଇଁ ନାଚି ନାଚି ବଣ ଫଟାଇ ଦେଉଛି । ଦେହଟା ଭାରି ଗରମ ଗରମ । ଶୀତ ଦିନରେ ବି ସାମାନ୍ୟ ଚଦର ଖଣ୍ଡେ ଦେହରେ ଦେବାକୁ ଇଚ୍ଛା ହେଉନି । କେଜାଣି କାହିଁକି ଭାରି ବିରକ୍ତ ଲାଗୁଛି । ଭାରି ରାଗ ହେଉଛି । କିନ୍ତୁ କାହା ଉପରେ ?

କି ଅଧିକାରରେ ? ଉତ୍ତର ପାଇଁ ଅପେକ୍ଷା କରିବାକୁ ଧୈର୍ଯ୍ୟ ନାହିଁ । ଖାଲି ରାଗ, ଅଭିମାନ, ଅସନ୍ତୋଷ ।…

କାନ୍ଥ ଘଣ୍ଟାରେ ଗୋଟାଏ ବାଜିଲା । ସମଗ୍ର କୋଠରୀଟି ଶୂନଶାନ । ରତିକାନ୍ତର ଘୁଙ୍ଗୁଡ଼ି ଆହୁରି ଜୋରେ ଜୋରେ ଶୁଭୁଛି । ସ୍ୱପ୍ନା ବି ଶୋଇ ଆସିଲାଣି । ଟିକିଏ ହଲଚଲ ହେବାର ଭବି ଶବ୍ଦ ନାହିଁ । ଦେବବ୍ରତ କିନ୍ତୁ ଭାବୁଛି ଆଉ ଭାବୁଛି । ଭାବି ଭାବି ସାରା ରାତି ପାହିଯିବ ବୋଧେ ।

କେତେବେଳକେ—ଏମିତି ଛଟପଟ ହେଇ 'ହେଇ ଟିକିଏ ତନ୍ଦ୍ରାଭଳିଆ ଲାଗିଆସିଛି ତାକୁ । ହଠାତ୍…ହଠାତ୍ ମନେହେଲା ଯେମିତି କିଏ ଆସୁଛି । ଯେମିତି କାହାର କଅଁଳ ହାତ ବୁଲିଯାଉଛି ତା ବେକ ଗୁରିପଟେ । ଠିକ ସ୍ୱପ୍ନାର ଦେହ ଭଳି ଦେହ । ଠିକ ସେହି ଛନ ଛନ ମୁହଁଟି । ନିଶ୍ୱାସ ଘନ ଘନ ବହୁଛି । ଦେହ ଗୋଟାକ ଫାଟି ପଡ଼ୁଛି ଉତ୍ତାପରେ । ଦେବ-ବ୍ରତର ମୁହଁ ଉପରେ ମୁହଁ ରଖି ସେ ଶୋଇ ପଡ଼ିଲା । ଦେବବ୍ରତ ନିବିଡ଼ ଭାବେ ଜଡ଼ାଇ ଧରିଲା ତାକୁ ।……



ଉଚ୍ଛୁଳା ହସ ହସି ଘର ଭିତର ଫଟାଇ ଦେଲା ତରୁଣୀ । ଅମୀୟ ଆଭା । ଗାଲରେ ଥୋପି ଥୋପି ରକ୍ତର ଢେଉ । ଆଖିରେ ଅବଶ ଅବଶ ଭାବ । ଅଳସ ଆଖିପତା ନଇଁ ଆସୁଛି । ପୁଣି ଥରେ ହସି ହସି ତା ମୁହଁରେ ମୁହଁ ଗୁଞ୍ଜିଲା । ଦୁଇ ହାତରେ ଜଡ଼ାଇ ଧରିଲା·ବେକ,· · ·ବାହାରେ କାହାର ପାଦ ଶବ୍ଦ ଶୁଭିଲା । କବାଟ ଖୋଲିଗଲା ।

ଆରେ, ଆସ ଆସ । ତୁମକୁ ମୁଁ ଚାହିଁ ବସିଛି । ଏତେ ଡେରି କଲ । ମ୍ଯାଟ୍ନି ଯଦି ମତେ କିଏ ନେଇ ଯାଇଥାନ୍ତା ।

ଜାନକୀ ହସି ଉଠିଲା । କହିଲା—ତତେ କିଏ ନବଲୋ ଚଣ୍ଡି ? ତା' ଗଣ୍ଡିକି ତୁ ଆଜି ଖଣ୍ଡି ଖଣ୍ଡି କରି ଚୋବେଇ ଖାଇବୁ ନାହିଁ ?

ରେଣୁ ହସିଲା । ହସି ଉଠିଲା ଗୁପ୍ତା ।

ଆଲୋ ହେ ! ତମେ ଦି'ଟା ଟୋକୀ ଏକୁଟିଆ ବସି ଏ ଘରେ କ'ଣ କରୁଥିଲ ?

ଏ ଗୁପ୍ତା କାନରେ ଗୋଟାଏ ନୂଆମନ୍ତ୍ର ଫୁଙ୍କୁଥିଲି । କେମିତି ସବୁ ପୁରୁଷ ତା'କୁ ସୁନ୍ଦର ଦିଶିବେ । ସବୁ କଥାରେ ଉଚ୍ଛୁଳି ଉଠିବ ରସ ।

ସତେ ?

ହଁ, ନୂଆଜି ! ଆହୁରି କହୁଥିଲି, କେମିତି ଚଢ଼ଉଠି ରାତିରେ ସୁନ୍ଦର ଆସି ସୁନ୍ଦରୀଙ୍କ ଭିଡ଼ି ଧରିବ ଗ୍ରୀବାରେ, ଆଉ ନାହିଁ କରୁ କରୁ ତା' କଅଁଳିଆ ଗାଲ ଉପରେ...

ମରୁ ନାଇଁଲୋ ଉଦଣ୍ଡୀ ଟୋକୀ—ଫେଁ ଫେଁ ହସି ଉଠିଲା ଜାନକୀ । କହିଲା—ସବୁ ଲାଜ ସରମ ଏଇଟା ପୋଡ଼ି ଖାଇଲା । ଘଇତା ଘରକୁ ନ ଗଲେ ଏଇଟା ଆଉ ମୋଟେ ସମ୍ଭାଳି ହେଇ ପାରିବ ନାହିଁ ।

କେମିତି ସମ୍ଭାଳି ହେବ ? ତମ ନିଜ କଥାରୁ ବୁଝୁ ନ ଥିବ ଯେ, ାହାଘର ଅଗରୁ କେତେ ନଟବର ନାଟୁଆଙ୍କ ସଙ୍ଗେ ତମେ ନାଟ କରି ାଟ ଭାଙ୍ଗିଥିବ, ଘାଟ ଡେଇଁଥିବ, ପାଟ ପାଡ଼ିଥିବ ମନେ ନ ଥିବ କି ?

ଛି, ଛି, ଛି, ଏ ଟୋକିଟା ସାଙ୍ଗେ ଆଉ କଥା କହି ହବନି । ହସି ହସି ଗୋଟାଏ ବିଧା କଷି ଦେଲା ଜାନକୀ । ଘଡ଼ିଏ କାଳ ହସ କୋଲାହଳରେ ଘର ଝିଲିଲା ।

'ଦଇବ...

ରଙ୍ଗ ଟହଟହ ଶିମିଳି ଫୁଲ ସବୁଦିନ ଏକା ରହିବ ?' ସପନି ବୋଉ ାଣ୍ଡି ମଝିରେ ଗ୍ଭଲିଯାଉଥିଲା ମନକୁ ମନ ଢ଼ଗଟିଏ ପକେଇ ।

ଆହୁରି ଜୋରରେ ହସି ଉଠିଲା ରେଣୁ । କହିଲା—

'ରହିବ...

ଜିଭ ଲହଲହ କଟକ ଚଣ୍ଡୀ ତତେ ଗୋଡ଼େଇ ଗୋଡ଼େଇ ଖାଇବ ।'

ହସି ହସି ନୋତରା କୋତରା ହେଇ ପଡ଼ିଲେ ତିନୋଟି ବନ୍ଧୁ । ପନି ବୋଉ ମୁହଁ ଫଣ ଫଣ କରି ଆହୁରି ବେଶୀ ବରବର ହେଇ ଲେଇଗଲା ।

କାନ୍ଥ ଘଣ୍ଟାରେ ଟଂ ଟଂ ହେଇ ନଅଟା ବାଜିଲା । ଗହଳ ଚହଳ କମେ ମି ଆସୁଥିଲା ପୃଥିବୀରୁ । ଆକାଶରେ ପଡ଼ିଥିଲା କାଳିଜହ୍ନ । ସାଥୀହରା ଖୀଟିଏ କରୁଣ ରାଗିଣୀ ଛୁଟାଇ ଲେଟିଗଲା ଅନନ୍ତ ନୀଳିମା କୋଳରେ ।

ବଡ଼ ଗମ୍ଭୀର ହୋଇ ରେଣୁ କହିଲା—ନୂଆଉ ! ତମକୁ ଡ଼କାଇଥିଲି ଗୋଟାଏ ଜରୁରୀ କାମରେ । କାଲି ଚିଠି ଆସିଛି—ବାର ବର୍ଷର ତପ ଆ ଖେଳରେ ଶେଷ । ସେ ଠିକ ଯାଇଛନ୍ତି । ଲଜ୍ଜାରେ ମୁଣ୍ଡ ତାଙ୍କର ାଟିରେ ମିଶି ଯାଉଛି । ହେଇ ନିଅ ଚିଠି ।

ନାରୀ ଯେ ଏପରି ବିଶ୍ୱାସଘାତିନୀ ଛଳନାମୟୀ ହେଇପାରେ ମୋର ରଣା ନ ଥିଲା । ତୁଚ୍ଛା ପାଣିରେ ସେ ସର ପକାଇ ଦିଏ । ବିନା ମେଘରେ ଚନା କରେ କୁଳିଶ ।

କଥା ହେନେ ହେଲେ ଭାବୁନା । ସେ କେମିତି ବଡ ହେଇ ପାଞ୍ଚ ଲୋକଙ୍କ ସାଙ୍ଗେ ସମାନ୍ଧ ହେବେ — ପଚାଶ ଲୋକଙ୍କଠୁଁ ସମ୍ମାନ ପାଇବେ, ସେ କେବେ ଚିନ୍ତା କରୁନା ତମେ । ତୁ ବହୁତ ପୁରୁଣା ଖବର ରଖିଛୁ । ଚନ୍ଦ୍ର ଭାଇ ଫନୋଗ୍ରାଫ କୋଉ ଦିନୁ ଆଣି ଦେଲେଣି । ହେଲେ ଅବକା ସେ ନିଶା ନାହିଁ ନାନର । ଅବକା ସିଏ ଯିଦ ନଗେଇଛି ରେଡିଓ ପାଇଁ । ଝିଙ୍କ ଝିଙ୍କ ନଗେଇଲାରୁ ନୂଆ ଡ୍ରାଇବର ସୁନା ହାର, ସୁନା ଇଅରିଂ କଲିକତାରୁ କିଣି ଆଣି ଦେଇଥିଲେ । ମୋଟେ ମାସ ଦି'ଟା ହେଇନି । ଅବକା ସେ ପଡ଼ିଲାଣି ଟ୍ରଙ୍କ ଭିତରେ । ଦାଓଲ କାନ୍ଦଣା ହେଉଛି— ଇଞ୍ଜିନିୟର ବୋହୂଙ୍କର ଯେମିତି ଅଛି ସେମିତିକା ଆର୍ମଲେଟ, ଇୟରଡ୍ରପ ଆଣିଦିଅ । ...କହିଲୁ ଜାଣେ କେତେ ଦବ ? ସିଏତ ଆଉ ଟଙ୍କା ଗଛ ନୁହନ୍ତି ?

ପାଠଶାଠ ପଢ଼ି ନର୍ମଦାର ଏ କି ବୁଦ୍ଧି ?— ଜାନକୀ କହିଲା ।

ଛେନା ପାଠ । ସେଇ ପାଠ ନ ପଢ଼ି ଥିଲେ ବରଂ ସେ ଗୁଣର ହେଇଥାନ୍ତା । ନା ଗଲା ସ୍ୱର୍ଗକୁ ନା ରହିଲା ମର୍ତ୍ତ୍ୟରେ । ସ୍ୱାମୀଙ୍କୁ ଦେବତା ମଣି ପୂଜା କରି ପାରିଲା ନାହିଁ କି ସହକର୍ମୀ ବନ୍ଧୁ ହିସାବରେ ସାହାଯ୍ୟ ଦେଇ ପାରିଲା ନାହିଁ । ଓଲଟି ବାପା କିଛି ଅର୍ଥ ଦେଇ ତା ପାଇଁ ଉପଯୁକ୍ତ ଶିକ୍ଷିତ ବରଟିଏ କରି ନେଇଥିଲେ ବୋଲି ଦିନ ରାତି ଦେଲା ସେଇ ଖୁଣ୍ଟା । ବିଚରା ନିରୀହ ଅମାୟିକ ଲୋକଟିର ଚଉଦ ପୁରୁଷ ଉଖାଳିଲା ଯାବତ ପାଣି କଣ୍ଡ୍ରା ଘର ଭଳି ।

ରେଣୁ ଆଖି ପୋଛିଲା । ଜାନକୀ ନିର୍ବାକ ହୋଇ ଚାହିଁ ରହିଥିଲା ଖାଲି ।

ମଲାରେ, କହିଲେ ସେଇଠୁ ଯୁଗ ଓଲଟିଗଲା । ଖାଲି କଥା ପଦକରେ ବାଧି ଯାଉଛି । ଆଉ ଯେତେବେଳେ ଅଞ୍ଜୁଳା ଅଞ୍ଜୁଳା ଟଙ୍କା ବୋହି ନେଉ ଥିଲେ ଏ ଘରୁ, ସେ କଥା ପାଶୋରି ଗଲାଣି ପରା ? କାହା ଲାଗି ସିଏ ମଣିଷ ମା ? କାହା ଧନରେ ଆଜି ହମ ହମ ? ମା ଧାନକୁଟି ଗୋଡ଼ରେ ବିଣ୍ଡେ ନା ପୁଅ ବାଟେ ଗଲେ ଯୋତା ପିନ୍ଧ !

ବୋଉ ! —ଚିତ୍କାର କରି ଉଠିଲା ରେଣୁ । ଝରଝର ହୋଇ ଲୁହ ଗଡ଼ି ଆସିଲା ଆଖିରୁ । କହିଲା ଭୁଲ, ଭୁଲ କରିଛୁ ଚନ୍ଦ୍ରମୌଳି ଏ ହତା ବେପାରୀ ଘରେ ଗୋଡ ଦେଇ । ଏ ଘରର ଧୂଳିକଣାରେ ବି ବେପାରୀର ଗନ୍ଧ ଅଛି, ଏମାନେ ମଣିଷକୁ ମଣିଷ ବୋଲି ଭାବନ୍ତି ନାହିଁ, ଭାବନ୍ତି ଲୁଣଅଖା, ଗୁଆପଟ ଭଳି । କେତେରେ କଣା ହେଲା, କେତେରେ ବିକ୍ରୀ ହେବ । ଲାଭ କେତେ ? ଲୋକସାନ କେତେ ? ସବୁବେଳେ ଖାଲି ହିସାବ ଆଉ ହିସାବ । ଭାତଭୁଜା ଦେଇ, ନଡ଼ା ପତର ଖୋଇ ଛେଳି ବଢ଼େଇ ଥାନ୍ତି କଶାଇକୁ ତା' ବେକ ହାଣି ସେର ସେର କରି ମାଉଁସ ବିକି ଟଙ୍କା ପାଇବାକୁ ଲାଭ ପାଇବାକୁ । ତା' ନାଲିଆ ରକ୍ତରେ ତୋଫା ଆଲୁଅ ଜାଳି ଘର ଝଲମଲ କରିବାକୁ । କଂସେଇ—ହାତକଟା କଂସେଇଠୁଁ ବି ସାନ ଏମାନେ ।

କାହା କଥା କହୁଛୁ ମା ? —ଘର ଭିତରେ ପାଦଦେଲେ ଧନପତି ଚିନ୍ତାମଣି ସାହୁ । ଜାନକୀ ମଥାରେ ପଣତ ଦେଲା ।

ଶୁଣ ଶୁଣ ତୁଅଙ୍କ ଗୁଣ ଶୁଣ—ମୀରୁ କଥା ପଦେ କହିଲା ସେ ବୁଝିଲାଣି ଖମ୍ଭଆଜ୍ଞା, ଓଲଟି ଆମକୁ କହୁଛି କଂସେଇ—ହତାବେପାରୀ—

ଏଁ—? ଡାଟଙ୍ଗା ହୋଇ ଗୁହିଁ ରହିଲେ ବାପା ।

କହିବ ନାହିଁ ? ପାଠ ପଢ଼ିଛି ପରା ! ପୋଷାକୁ ଏମିତି ମୁଠାମୁଠା ଟଙ୍କା ଦେଇ ପଢ଼େଇଲ ଯେ ଅବିକା ଯାଇଁ ଗୋହି ଖୋଳୁଛି ଆମର—ସାତାଲୋଇ ପୁରୁଷ ଉଜାଡୁଛି ସମ୍ବଲପୁରେ ।

କିଏ ? ଚନ୍ଦ୍ର ?

ହଁ, ହଁ, ଚନ୍ଦ୍ର—କାଉ ବସାରେ କୋଇଲି ପାଳିଥିଲେ ଆମେ । ଚିହ୍ନିଏ ଡେଣା ନାଗିଗଲାରୁ ଅବିକା ଫୁରୁକିନା ଉଡ଼ିଗଲା । ଆଉ ଆମେ କିଏ ସିଏ କିଏ ? ତୁଅକୁ ମୋର ବାରହିନସ୍ତା କରି ମାଇଲାଣି । ଗହଣାଗାଣ୍ଠି ନାଟଧୋଇ ଗଲା, ପେଟକୁ ଗଣ୍ଡେ ଭଲ କରି ଖାଇବାକୁ ଦଉନାହିଁ, ଦେହକୁ

ଖଣ୍ଡେ ପିନ୍ଧିବାକୁ ଦେଉ ନାହିଁ । ହୁଁ ହୁଁ ହୁଁ ଅବ ମୋର କଣ୍ଠା ରନ୍ଧିଲଣି ସୁଁ ସୁଁ ହୋଇ କାନ୍ଦି ଉଠିଲେ ବୋଉ ।

ବୋଉ ! —ପାଟି କରି ଉଠିଲା ରେଣୁ —ଭୂତ ବରଷେ ହେଲା ନାନୀକି ଦେଖିନଉଁ, କେମିତି କନ୍ଦୁଛୁ ଶୁଖି ଶୁଖି କଣ୍ଠା ହେଲାଣି । ଖାଇବାକୁ ପାଉ ନାହିଁ । ପିନ୍ଧିବାକୁ ପାଉ ନାହିଁ ।

ଆଃ, ମୁଁ ସବୁ ଜାଣେ—ବାଧା ଦେଲେ ବାପା—ଏ ପିଲାଗୁଡ଼ାକ ଆଦ୍ୟରୁ କରମକୋଢ଼ୀ, ଟିକଏ କଷ୍ଟ କରି ବୁଦ୍ଧି ଖେଳେଇ ଆପଣା କୁଳ ବେଉସା କରିବେ ନାହିଁ । ଖାଲି ପାଠପଢ଼ିବେ, ପାଠ । ଚାକିରି କରିବେ । କ'ଣ କି ନଥି ଗଳୁଚି ସେ ଚାକିରିରୁ ? ଏ ଟଙ୍କା ଶହେ ଦି'ଶ ପାଇଁ ଦାର ଦୁଆର ବୁଲି ପିଲାମାଇପଙ୍କୁ ବେକରେ ବାନ୍ଧି ପାଁଶ କୋଶ ମୁହାଁକୁ ଦଉଡ଼ିବ କାହିଁକି, ଏଇଠି ଦୋକାନ ଉପରେ ଲୋକଙ୍କଠଉଁ କାଳ ରଗଡ଼ି ପାଁଶ ହଜାରେ ଖିଞ୍ଚି ନ ନବ କିଆଁ ? ଦେବେ ନାହିଁ ? ବୋପା ବୋପା ଡାକି ଦେବେ । ଗୋଡ଼ ଉପରେ ଆଣି ଅଜାଡ଼ି ଦେଇଯିବେ ମନକୁ ।...

··ଠିକ୍ ଦେଖିବ ବଜାରରେ ସୋରିଷ ତେଲ କମି ଆସୁଛି । ଖାଉ ଚଡା । ଗୁଡ଼ି ଦବ ସୋରିଷତେଲ ବଜାର ଖାଉରୁ ପାଞ୍ଚଟଙ୍କା ଚଢ଼ାଆଢରେ । ଭିତରେ ଅଧେ ସୋରିଷ ତେଲକୁ ଅଧେ ବାଦାମ ତେଲ । ଏକାଦିନକେ ତ ନାଉ ମନ୍ତ୍ରୀ ଭଳି ଗଲି ପଡ଼ିବ ଟଙ୍କା । ହଜାର ହଜାର । କୋଠା କଲେ କୋଠା । ମାଠ କଲେ ମାଠ । ଏ ବୁଦ୍ଧି କ'ଣ ପୁଅଙ୍କର ଅଛି ? ପାଠ ପଢ଼ି କହିଲେ କ'ଣ ନା ଆମେ ସାଧୁ ହବୁ । ଓଲଟେଇବୁ ଦୁନିଆ ।...ସାଧୁ ହେବ ଅଙ୍କା ଏ ଶୁଖିଲା ଚାକିରି ଖଣ୍ଡକୁ ଧରି ରେକର୍ଡ଼ ଥା' । କରେ ଛନ୍ଦେ କଉଡ଼ି ବନ୍ଦେ ଧାନ୍ । ଛନ୍ଦ କପଟ କରିବ ନାହିଁ ବେପାରି ପିଲା ହୋଇ ? ଆମ ବୋପା ଅଜା ଚଉଦ ପୁରୁଷ କରି ଆସିଲେ ନା ଆମେ କ'ଣ ଆଜି ନୂଆ ?···

ଅନ୍ତର ତଳେ କେଉଁ ଏକ ସୁପ୍ତ ପ୍ରତିହିଂସା ଜାଗି ଉଠିଲା ସାହୁଙ୍କର । ହଁ, ଏତେ କଥା । ଏମାନେ ସାଧୁ, ଆମେ ଚୋର ! ହଉ,

ମରନ୍ତୁ ଆଜ୍ଞା ସାଧୁଏ ନ ଖାଇ ନ ପିଇ । ବାସୀ ମୁହଁରେ ଭଲ କଏ ତାଙ୍କୁ ପଗ୍ଭରିବ ?

ବୋଉଙ୍କ ଆଖିରୁ ଧାର ଶୁଖି ନ ଥିଲା । ପୁଣି ନାକ ସୁଁ ସୁଁ କରି କହିଲେ—ସତେମ, କେଇ ଯା' ଦରମା ପାଉଛନ୍ତି ଯେ କୁଆଡ଼କୁ ଅଣ୍ଟୁନାହିଁ । ଚନ୍ତାରେ ଚନ୍ତାରେ ଝିଅ ମୋର କଳାକାଠ ପଡ଼ିଲଣି । ଭଲ କରି ଘର ଖଣ୍ଡିଏ ନବାକୁ ଟଙ୍କା ହଉନାହିଁ ଯେ ବାରଦୁଆର ଶୁଣୁିପିଣ୍ଡା ହେଉଛନ୍ତି ବିଦେଶରେ । ଏ ଘରକୁ ସେ ଘର, ଏ ପଡ଼ାରୁ ସେ ପଡ଼ା—ଖାସ୍ ବଦଲେଇଚୁଆ ଭଳି ବୁଲୁଛନ୍ତି ମାସକୁ ଥରକଥର । ଏଣେ ବ କ'ଣ ନଜର ହେଇ ଘର ଖଣ୍ଡିଏ ଅଛି ଯେ ବର୍ଷେ ଛ'ମାସ ଗ୍ଭଲି ଆସିବେ ଗାଁକୁ ।

ବେଶ୍ ହେଇଛି । ଭଲ ହେଇଛି । ଯେମିତି କର୍ମକୁ ସେମିତି ଫଳ । ମୁଁ ବାରମ୍ବାର କହୁଛି ସିଏ ଖଡ଼ାଖିଆ ଶୁଖିଲା କଲେଜଟୋକା ହାତରେ ଝିଅକୁ ଦିଅ ନାହିଁ, ନାଥ ପୁରୁଷ୍ଟି ପୁଅ ଦରଜାକୁ ଦବା । କେହି ଶୁଣିଲ ନାହିଁ । ଅବକା ଦେଖ ଗୁଡ଼ ବେପାରରେ ଦରଜା ଉଠି ବସିଲଣି । ଲୁଗା ଦୋକାନ ବ କମ୍ ନୁହେଁ । ଲୁଗା ଖଣ୍ଡେ ପାଞ୍ଚରେ ଆଣିଲେ ବାଲ୍‌କାରେ ବିକୁଛି ପନ୍ଦର···

ମ, ଗଲା କଥା ତ ଗଲଣି । ଅବକା କ'ଣ ବାଟ କରବା କୁହ ?—ବୋଉ କହିଲା ।

ଆଉ ଲେମ୍ବୁ ବାଟ । ଅଥିର ଗଲା ପଥିର ଗଲା । ଝିଅ ତ ସୁଖରେ ରହିଲା ନାହିଁ—ଓଲଟି ଯୋଉଁ ପାଁଶ ହଜାର ଘରୁ କାଢ଼ି ଦେଇଥିଲି ଜାଁ ପିତ୍ତା, ସେତକ ପାଣିରେ ପଡ଼ିଲା । ସିଏ ସିନା ଦାନ୍ତ ଗୋଳେଇ ଥିଲେ ମୁଁ ଲହୁଣୀ କାଢ଼ିଆନ୍ତି—ମୂଳରୁ ତ ଦୁଧ ନାହିଁ—

ବାପା ! ଚହିଙ୍କ ଉଠିଲା ରେଣୁ ।

ବାପା ! —ଡାକ ଶୁଭିଲା ତେଣୁ ବଡ଼ପୁଅ ସନେଇ—ହଁଅଟି ଆସ ବାପା । ସବୁ ଗୋଡ଼ ଧୁଆ ହେଇ ଆସିଛି । କୋଉ ଗ୍ଭଲିକି ବସ୍ତା ବେଙ୍ଗେଇ

ଢକ···ଘର ଭିତରକୁ ପଶି ଆସୁଥିଲା ସଦେଇ, ରେଣୁକୁ ଦେଖି ତରବରରେ ଲେଉଟିଗଲା ।

ସାହସ ଉଚ୍ଛିନ୍ନ ହେଲେ ଯିବାକୁ । ବୋଉ କହିଲା—କହିଲ ନାହିଁ କ'ଣ କରିବା ? ଝିଅଟା କ'ଣ ସବୁଦିନେ ଏମିତି କଳବଳ ହେଉଥିବ ?

ବେଶ୍ , କାଲି ତାକୁ ଗଦେଇକି ପଠେଇ ଦିଅଆସ । ଆଉ ସେ ଟୋକାକୁ କହିଦିଅ, ସୁନ୍ଦରକାଗା ଦେଖି ଘର ନ କଲେ ଆଉ ନଗଦ ପାଞ୍ଚହଜାର ଝିଅ ନାଁରେ ଜମା ନ କଲେ ଆଉ ଯେମିତି ଏ ଘର ନ ମାଡେ । ତୁମ୍ଭେ ଖବରଦାର, କେବେ ଆଉ ଝିଅକୁ ପଠେଇବନି ତା' ସାଙ୍ଗରେ । ମୁଁ ପଛକେ ଝିଅକୁ ଅଣ୍ଟା କାଟି ଉଠେଇଦେବି, କଦାଚିତ ଦେବିନି ସିଏ ଖଣ୍ଡିଆ ମାହାଦେବ ହାତରେ ।

ବାପା ଚାଲିଗଲେ । ପଛେ ପଛେ ଗଲେ ସହଧର୍ମିଣୀ—ବୋଉ । ଦାଣ୍ଡଭିତେ ମୁଣ୍ଡ ପର ବସି ରହିଥିଲେ ଖାଲି ଉତନୋଟି ତରୁଣୀ । କଣ୍ଠରେ ଭାଷା ନାହିଁ । ଆଖିରେ ଡବଡବ ଲୁହ ।

କଲେ, କହିଲୁନି ?

କ'ଣ କହିବ ନୂଆଉ ? କାହାକୁ କହିବ ? ମଣିଷକୁ କହିଲେ ସିନା ତରଳିବ, ପଥରକୁ କହି ଲାଭ କ'ଣ ? ଧନ ପାଇଁ ଯିଏ ଆପଣାର କନ୍ୟାକୁ ପଣ୍ୟ କରିପାରେ ବିପଣୀରେ, ତାଙ୍କୁ କ'ଣ କହିବ ନୂଆଉ ?—ଆହୁରି ବେଶୀ ବେଶୀ କାନ୍ଦ ଉଠିଲା ରେଣୁ । କହିଁ କହିଁ ହେଇ କହିଲା—ସତରେ, ଏ ଦେଶର ଶିକ୍ଷିତ ସଂସ୍କୃତ ମନ ତରୁଣୀ ଉପରେ ଯେତେ ଦୋଷ ଲଦା ଯାଏ, ମୋର ମନେ ହୁଏ ସେ ସେତେ ଦୋଷୀ ନୁହେଁ । ଗୋଟାଏ ବଡ ଜଗରେ ଦୋଷୀ ହେବେ ଏଇ ପିତାମାତା, ପରିସ୍ଥିତି ଓ ପରିବେଶ ।

ଦଶଟା ବାଜିଥିଲା । ରେଣୁ କହିଲା—ଚାଲ ନୂଆଉ । ଚାଲ୍ ଟିକିଏ । ତମକୁ ଛୁଟି ଦେଇ ଆସିବି ।···

··ମାଧବ, ଲୋ ମାଧବ ! ଆ' ତ ଟିକିଏ ମୋ ସାଙ୍ଗରେ ।

କାହିଁକି ମ ? କୋଉଥିପାଇଁ ? ମୁଁ ତମର ଖାଏ ନା ଧାରେ ? ଆହୁରି ଯଦି ଭଲରେ ମନ୍ଦରେ ପାଁ ଟଙ୍କ୍ ଆଣି ଅଜାଡ଼ି ଦଉଥାନ୍ତ, ତା' ହେଲେ ତ ମୁଣ୍ଡରେ ଚଢ଼ନ୍ତ । ଚୁଲିଯା' । ମୁଁ ଯିବି ନାଇଁ । ମୋର ଗରଜ ପଡ଼ିଥିଲା ରାତି ଅଧରେ ଯା'ଙ୍କ ସାଙ୍ଗରେ ବାହାରକୁ ଯିବାକୁ ।

ଚନ୍ଦ୍ରମୌଳି ନିରୁତ୍ତର । ନିମନ୍ତ୍ରଣର ସମୟ ହୋଇଯାଇଛି । ବିଶ୍ୱବନ୍ଧୁ ଓ କରୁଣାମୟୀ ଚାହିଁ ରହିଥିବେ ଉତ୍ସୁକ ନୟନରେ । ଆଜି କୁନାଲର ଜନ୍ମନକ୍ଷତ୍ର । ତଥାପି ମନରେ ସାହସ ବାନ୍ଧିଲେ । ଜ୍ୟୋତ୍ସ୍ନାପ୍ଲାବିତ ରଜନୀ । ଗଗନଭୁଗ ଟହଟହ ହସି ଉଠୁଛି ଛନ୍ଦହରା ଜ୍ୟୋତ୍ସ୍ନାଲୋକରେ, ସାଇକେଲ୍‌ରେ ବେଶ୍ ଯାଇ ହେବ । ନିଜ ସାଇକେଲ କାଢ଼ି ନର୍ମଦାଦେବୀଙ୍କ ସାଇକେଲ ଆଣି ବାହାରେ ରଖିଲେ ଚନ୍ଦ୍ରମୌଳି । କେଉଁ ଶାଢ଼ୀ ପିନ୍ଧିବେ ଜାଣି ନ ପାରି ହନୁମାନ ଗନ୍ଧମାର୍ଦ୍ଦନ ବୋହି ଆଣିଲା ଭଳି ତିନିଟାଯାକ ବଡ଼ ବଡ଼ ଟ୍ରଙ୍କ ଆଣି ଜମା କଲେ ନର୍ମଦା ଦେବୀଙ୍କ ଆଗରେ । ସ୍ନୋ, ପାଉଡର, ଏସେନ୍‌ସ, କଙ୍କତିକା—କୌଣସିଟା ବି ବାଦ ଗଲାନି । ଶେଷକୁ ସାଣ୍ଡେଲ ଦି'ଟା ବି ଗୋଟାଏ ଗୋଡ଼ରେ ଠେକି ଠେକି ଆଣି ଥୋଇଲେ ।

କୃପାକର ହେ କୃପାମୟି ! ଅଥଳ ଦରିଆରେ ନାବ ଭାସିଲା । ଆତ୍ମୀୟ ବନ୍ଧୁ ଜଣକ କ'ଣ ଭାବିବେ ?

ଚୁଲିଯା ମୋ ପାଖରୁ କହୁଛି । ଛାଡ଼ନା ମୋ ହାତ । ମୁଁ ଯିବିନାଇଁ, ଯିବିନାଇଁ, ଯିବିନାଇଁ ।

ମାତ୍ର କାହିଁକି ଯିବିନାଇଁ—ଏ ଅଧମ ଶୁଣିପାରେ କି ?

ଯିବି କ'ଣ ସେଠି ଅପମାନ ପାଇବାକୁ ? କେତେ ଛାକଛା, ବନାରସୀ, ଜର୍ଜେଟ୍ ପିନ୍ଧି ଆସିଥିବେ । ଦାମ ଯା'ର ଶହେ, ଦି' ଶହ, ପାଁ

ଶଙ୍ଖ, ଦନ୍ତ ମୁଣ୍ଡରେ ସୁନା ଅଳଙ୍କାର ଗୁଡ଼ାଇ । ହୀରାର ମୁଦି, ଓମେଗା ଓ୍ୱାଚ, ଆମେରିକାନ୍ ସିଲ୍କର ବ୍ଲାଉଜ୍ । ଆଜି ସେଠିକି ମୁଁ ଯିବି ସାମାନ୍ୟ ପଚାଶ ଷାଠିଏ ଟଙ୍କାର ପତଳା ହାଣ୍ଡଲୁମ ଶାଢ଼ୀ ପିନ୍ଧି ? କୋଉ ଭଳି ଅମଳର ଦି'ଖଣ୍ଡ ଅଁଣ୍ଟ ବାଜୁ ନାଇ ?

କିନ୍ତୁ ଭୁଲ୍ କରୁଛୁ ମୀରୁ । ସେଠି ସମବେତ ହୋଇଥିବେ ଯୋଉ-ମାନେ ସେମାନେ ସମସ୍ତେ ଅତି ଉଚ୍ଚ ଶିକ୍ଷିତ । ରୂପ ଅପେକ୍ଷା ଗୁଣକୁ ଆଦର କରନ୍ତି ସେମାନେ ବେଶୀ । ତମର ସୌନ୍ଦର୍ଯ୍ୟ ଅପେକ୍ଷା ତମର ସଙ୍ଗୀତ ହୁଏତ ବେଶୀ ମୁଗ୍ଧ କରିବ ତାଙ୍କୁ । ବସନ୍ତର ନବ କିଶଳୟ କୋଳରେ କଳକଣ୍ଠ କୁହୁତାନର ମୂର୍ଚ୍ଛନା ଖେଳାଇ ଦେଲାଭଳି ତମେ ଯେତେବେଳେ ଗାଇ ଉଠିବ—'ଯେତେବେଳେ ଶୂନ୍ୟ ହୃଦୟ ହେଉନ, ସେତେବେଳେ ଦେଲ ଦେଖା ମୋର ଫୁଲବନେ·····

ଭୁଲ ହୁଅ । କଣ କରିଛ ତମେ ମୋର ସଙ୍ଗୀତ ପାଇଁ ? ସାମାନ୍ୟ ଗୋଟିଏ ଟେବୁଲ୍ ହାରମୋନିୟମ ପାଇଁ ଛ ମାସ ହେଲା କାନ୍ଦ କାଟ କରୁଛୁ ଯେ ଶୁଣିବାକୁ ନାହିଁ । ଏସରାଜ ଖଣ୍ଡେ ଆଣି ଦେବ ଦେବ ବୋଲି ବର୍ଷେ ହେଲାଣି । କର୍ଣ୍ଣାଟକ ସଙ୍ଗୀତ ଶିଖିବାକୁ ରାମରାଓ ପାଣ୍ଡୁଲୁଙ୍କୁ ମାସ ପଚିଶଟା ଏନ୍‌ଗେଜ କରିବାକୁ କହିଲି ଯେ ଶୁଣିଲ ନାଇଁ—କିଛି କରିବ ନାଇଁ । ଖାଲି ସବୁଦିନେ ମୁଁ କୁଲି, ମୂଲିଆ ଘର ଭଳି ରୋଷେଇ ଘରେ ପଶି ମରିବି । ଗୋଟାଏ ମୂଲିଆ ରଖିବାକୁ ବଳ ନାଇଁ । ହାତରେ ଦି'ଖଣ୍ଡ ରୁଟି ସେକି ଖାଇ ପାରିବ ନାହିଁ ଖାଲି ମୁଁ ତମର ରୋଷେଇଆଣୀ ହୋଇଛି ଯେ ଦି'ଓଳି ଝୋଳଭାତରେ ଧାଣ୍ଡି ହେଇ ନଆଁ ପାଖରେ ବସି ସିଝୁଥିବ ।

ମୀରୁ ! ତମେ ସୁନ୍ଦର ହେଇ ଅସୁନ୍ଦର ହୁଅ ନାହିଁ । ଜନକ ଦୁଲଣୀ ରାଜରାଣୀ ସୀତା ବି ଆପଣା ହାତରେ ଶାକାନ୍ନ ରନ୍ଧନ କରି ଫଳମୂଳ ଆଣି ପରଷୁଥିଲେ ରାମଙ୍କୁ ।

ସେ ଅଭୁଲା କଥାଗୁଡ଼ା ମତେ କହିବ ନାହିଁ । କାହିଁ 'ରାଣୀ କାହିଁ ଚନ୍ଦ୍ରକାଣୀ । କହ କହ ଅକଲ ଟିକଏ ଦିଲ୍ଲୀ, ଆଗ୍ରା, ମଥୁରା, ବୃନ୍ଦାବନ ମୋତେ ଦେଖେଇଲ ନାହିଁ । 'ତମର ଏକା ଆଖିରେ ଅଛୁ ତାଜମହଲ ଦେଖିବ, ଲାଲକିଲ୍ଲା ଦେଖିବ, ଚଢ଼ିଆଖାନା ଯାଦୁଘର ଦେଖିବ, ଆମେ ସବୁ ମଣିଷ ନୋହୁଁ ?

ମୁଁ ତ ସଉକ୍ କରି ବୁଲିବାକୁ ଯାଇ ନଥିଲି । ଗ୍ରୁପମାନଙ୍କ ସହିତ ଏକ୍ସକରସନ୍‌ରେ ଯିବାକୁ ବାଧ୍ୟ ହେଲି ସିନା ।

ଆଉ ଚାକର ଭଳି ମୁଁ ତମର ଘର ଜଗି ରହିବାକୁ ବାଧ୍ୟ ହେଲି ସିନା !

ଶୁଣ, ଏତେ ଅଭିମାନିନୀ ହୁଅ ନାହିଁ । ସ୍ୱାମୀ ସ୍ତ୍ରୀ ଭିତରେ ଚାକର ମୁନିବର ପ୍ରଶ୍ନ ଆଦୌ ନାହିଁ । ସ୍ନେହ ପ୍ରେମର ଅସରନ୍ତି ଫଲ୍‌ଗୁ ଯେଉଁଠି ବହିଯାଏ କଳ କଳ ତାନରେ ସେଠି କାହୁଁ ଆସିବ ଏତେ ହୀନ ନୀଚତା ?

ସେ ମୁହଁ ମୁଆଁରିଆ କଥା ଗୁଡ଼ାକ କାହିଁକି କୁହ ? ପ୍ରେମ ଯଦି କରୁଥାଆନ୍ତ, ଏମିତି କନ୍ଦେଇ କନ୍ଦେଇ ମାରୁ ନ ଥାନ୍ତ ମତେ ଦିନ ରାତି । ରେଣୁଓ ସେଇଟିଏ ପାଇଁ କେତେ ଆକୁଳ ବିକଳ ହେଇ କହୁଥିଲା, ଶୁଣିଲ ? ଇଂଜିନିୟରିଂ ପାଶ୍ କରି ତମରି ସାଙ୍ଗରେ ଚାକିରିରେ ଢୁକିଥିଲେ ସୁଧାକର ବାବୁ । ସାମାନ୍ୟ ଏସ୍., ଡି, ଓ ଚାକିରି ଖଣ୍ଡେ । ବର୍ଷ ତିନିଟା ହୁଏ କି ନ ହୁଏ । କାର୍ କଲେଣି । ସଂଜ ପହରରେ ପିନ୍ ପିନ୍ ମଟର ଛୁଟେଇ ହାୱା ଖାଇ ବୁଲୁଛନ୍ତି ସ୍ୱାମୀ ସ୍ତ୍ରୀ" । ଆମର ସେଇମିତି ଖଣ୍ଡେ ଗ୍ରେଟମେଟ ମଟର କରନ୍ତ ନାହିଁ ? ଯାଆନ୍ତେ ନାହିଁ ଆମେ ସେଥିରେ ବୁଲି ଭୁବନେଶ୍ୱର, ପୁରୀ, କୋଣାର୍କ ।

ବାମନ ହେଇ ତମେ ଚନ୍ଦ୍ରକୁ ହାତ ବଢ଼ଉଛ ମାତ୍ର । ଏତେ ବିପୁଳ ଧନ ଆମେ କାହୁଁ ପାଇବା ?

ହଁ, ବାପ ମା'ଙ୍କ ପାଖକୁ ପଠେଇଲା ବେଳକୁ ତ ଧନ ଅଛି । ପାଣ୍ଠି ବନ୍ଧରେ ତ ରଖିଲା ବେଳକୁ କୁଆଡ଼ୁ ବଳି ପଡ଼ୁଛି ଟଙ୍କା । ଆଉ ମୁଁ ଗୋଟାଏ ସାମାନ୍ୟ ଜିନିଷ କହିଲା ବେଳକୁ ଟଙ୍କା ନାହିଁ ଟଙ୍କା ନାହିଁ—ମୁହଁ ଫଣ ଫଣ କରି ଉଠିଯାଉଥିଲା ନର୍ମଦା । ହାତ ଧରି ଚନ୍ଦ୍ରମୌଳି ଅଟକାଇଲା ! କହିଲା—

ଦେଖ, ରେଣୁଓ, କାର କି ସ୍ୱାଗର ମୁଦ ସାମାନ୍ୟ ଜିନିଷ ନୁହେଁ । ସେଥିପାଇଁ ଦରକାର ଯେତିକି ଅର୍ଥ, ତା ସୁଧାକର ଭଳି ସାଧୁ ଇଂଜିନିୟର ବଡ଼ ଘ'ଣ୍ଟାରେ ଯୋଗାଡ଼ କରିପାରେ ସିନା । କୌଣସି ପ୍ରଫେସର ତା' ଜୀବନ ଭରି ଚେଷ୍ଟା କଲେ ବି ପାରିବ ନାହିଁ । ଆଉ ହଁ, ମୁଁ ତମକୁ ବାରମ୍ବାର କହୁଛି, ଆଜି ବି କହୁଛି ମତେ ଭୁଲ୍ ବୁଝ ନା । ଗରିବ ଘରର ପୁଅ ମୁଁ । କେତେ କଷ୍ଟରେ ଭିକ ଦୁଃଖ ମାଗି ମୂଲ ଲାଗି ଘୁଷୁରି ଘୁଷୁରି ଏ ଯାଏ ଆସିଛି । ଏ ବି ଅତି ଅସ୍ଥାୟୀ । କାଲି ସକାଳେ ମାଲୋପୁଲ ବିଦେଶରୁ ଫେରି ଆସିଲେ ମୁଁ ଯୋଉ କିରାଣୀକୁ ସେଇ କିରାଣୀ । ତେଣୁ ଅଭି ଟିକିଏ କଷ୍ଟ କରି ଫରେନ୍ ଯାଇ ଅନ୍ତତଃ ପି, ଏଚ୍, ଡି ଡିଗ୍ରୀଟା ହାସଲ କରିବା ମୋର ଲକ୍ଷ୍ୟ । ଆଉ ସେଇ ଲକ୍ଷ୍ୟର ଅବଲମ୍ବନ ବା ପାଥେୟ ପାଇଁ ଯାହା କିଛି ସଞ୍ଚୟ ।

ଓଃ, ଏତେ ପଢ଼ି ତ ସବୁ ଆଳୁଅ କରି ପକେଇଲ, ଆଉ ବୁଢ଼ା ଦିନେ ଯିବ ପଢ଼ିବାକୁ ! ଏମିତି ଯଦି ପଢ଼ିବାକୁ ଇଚ୍ଛା, ପର ଝିଅକୁ ଆଣି ବେକରେ ବାନ୍ଧିଥିଲ କାହିଁକି ?

ଚନ୍ଦ୍ରମୌଳୀ ଅବାକ୍ ହୋଇ ଚାହିଁ ରହିଲା ଖାଲି । କିଛି ଉତ୍ତର ଦେଲାନି ।

ଅଚ୍ଛା ଏତେ କରି ତ ତମକୁ କାନେ କାନେ ବୁଝେଇଲି ସେ ବୁଢ଼ା ବୁଢ଼ୀ ଦି'ଟାଙ୍କ ପାଖକୁ ମାସକୁ ମାସ ଟଙ୍କା ପଠା ହେଉଛି କାହିଁ ? ଜମିବାଡ଼ି ଘର ଦୁଆର ସବୁ ସେ ଭୋଗ ଦଖଲ୍ କଲେ । ଧାନ, ରବି, ଧୂଆଁ ପତର ସବୁ ବାଡ଼େଇ ପିଟି ଖାଇଲେ । ଦିନେ କେବେ ତ ତାଙ୍କୁ ହିସାବ ମାଗିଲି

ନାହିଁ । ଓଲଟି ମାସକୁ ମାସ ତାଙ୍କ ପାଖକୁ ଦଶ କୋଡ଼ିଏ ଯେ ପଠେଇ ଦେଉଛ କାହିଁକି ?

ଅନ୍ତରର ଗୋଟାଏ କରୁଣତମ ଶବ୍ଦରେ ଅଙ୍ଗୁଳି ଚାଳିଦେଲା ନର୍ମଦା । ବାପାଙ୍କୁ ଜର ହେଉଥିଲା । ଖୁଁ ଖୁଁ କାଶ । ପଞ୍ଚାଅଶୀ ବର୍ଷ । ମା'କୁ ଭଲକରି ଦିଶୁନାହିଁ । ଚାଲିଲାବେଳକୁ ଥୁରୁଥୁରୁ ହେଉଛି ଗୋଡ଼ହାତ । ପନ୍ଦର ଦିନ ତଳେ ଚିଠି ଲେଖିଥିଲା ଦାଶରଥୀ ନାୟକ—ମାଷ୍ଟର, ଆଉ ଚିଠି ଆସିନି । ଚନ୍ଦ୍ରମୌଳିର ବାଁ ଆଖି ଘନଘନ ଥରି ଉଠିଲା ।

ଆଉ ପୁଅ ନାହିଁ, ଝିଅ ନାହିଁ, ଭାଇ ନାହିଁ, ଭାଉଜ ନାହିଁ—କେହି ନାହିଁ ବୁଢ଼ା ବୁଢ଼ୀ ଦି'ଟାଙ୍କର । ଆଖଣ୍ଡଳ ମଣିଙ୍କ ପାଖକୁ ଦଉଡ଼ି ଦଉଡ଼ି କେତେବେଳକେ ଏଇ ପୁଅଟିଏ ପାଇଥିଲେ ବୋଲି ତା ନାଁ ଶରଧାରେ ରଖିଥିଲେ ମଣି – ଚନ୍ଦ୍ରଚୂଡ଼ — ଚନ୍ଦ୍ରମୌଳି । କେତେ ହାଡ଼ଭଙ୍ଗା ରକତ ପାଣି କରି ଅଧଲାଏ ପଇସାଏ ସଞ୍ଚି ପାଠ ପଢ଼େଇଥିଲେ ପୁଅକୁ ଚନ୍ଦ୍ରମୌଳି ଭାବିଥିଲା ଚାକିରି କଲେ ଥଇଥାନ ହେଲେ ସେମାନଙ୍କୁ ପାଖରେ ଆଣି ରଖିବ । ଆଉଁସି ଦେବ ଗୋଡ଼ ହାତ, ପୋଛି ଦେବ ନୋଡରା ଚମରୁ ଝାଳ, କୋରଡ଼ ଆଖିରୁ ଲୁହ । ହେଲା ନାହିଁ । କିଛି ହୋଇ ପାରିଲା ନାହିଁ । ଯୋଉ ଦେବୀଙ୍କୁ ସିଏ ଷୋଡ଼ଶୋପଚାର ପୂଜା କରି ଶହେ ଆଠ ପଦ୍ମଫୁଲ ଦେଇ ବରି ଆଣିଲା ଘରକୁ, ସେଇ ଆଜି ତାଙ୍କୁ ଗିଳି ଦେବାକୁ ବସିଲାଣି । ତାଙ୍କର ଉପରେ ସେ ଏକେ ଦବାଚାପ ଅସ୍ତବ୍ୟସ୍ତ । ସେଠି ବାପମାଙ୍କର ସ୍ଥାନ ଥାଇ ନ ପାରେ । ମଫସଲିଆ ମଳିମୁଣ୍ଡିଆ ବୁଢ଼ାବୁଢ଼ୀ ସେଠି ଖାଲି ଉପହାସ୍ୟ ସାମଗ୍ରୀ—ପରିହାସର ଜୀବ । ବୋହୂଙ୍କର ହାତରେ ଶାଶୁଶ୍ୱଶୁରଙ୍କର ପାଦ ସେବା ହେବ ନାହିଁତ, ବୋହୂଙ୍କ ପାଦରେ ଶାଶୁଶ୍ୱଶୁରଙ୍କର ସେବା ହୋଇଯିବ ହୁଏତ ଦିନକୁ ତିନିଥର । ଚୋର ମା ଲାଜେ ନ କାନ୍ଦେ, କାନ୍ଦିଲେ ଘର କଣରେ ଲୁଚେଇ ଛପେଇ କାନ୍ଦେ । ଚନ୍ଦ୍ରମୌଳି ଖାଲି କାନ୍ଦୁଛି । ମନ କଥା କେବେ ଖୋଲି କହିବାକୁ ସାହସ କରିନି ।

...କ'ଣ ଏତେବେଳେକୁ ଚୁପ୍ ଅଛି ? ସେ କରମକୋଡ଼ୀ ବୁଢ଼ା ବୁଢ଼ୀଙ୍କ ପାଖକୁ ବେଶ ଟଙ୍କା ପଠାହେଉଛୁ, ଆଉ ମୋ ପାଇଁ ଖେଳଟା ରେକର୍ଡ଼ କିଣିବାକୁ ଟଙ୍କା ନାହିଁ । ନା, ସେ ଟଙ୍କା ଆଉ ପଠେଇବାକୁ ହବ ନାହିଁ । ସବୁ ମାସରେ ପଠେଇ ଦଉଛ ଏ ମାସରେ ମୁଁ ନ ଛାଡ଼େ । 'ସାବିତ୍ରୀ ସତ୍ୟବାନ' ରେକର୍ଡ଼ ନୂଆ ଆସିଛି । ନ ଶୁଣିଲେ ମନରେ ଗୋଟାଏ ବଡ଼ ଅବଶୋଷ ରହିଯିବ ।

ଚନ୍ଦ୍ରମୌଳି ନୀରବ । ମନେ ମନେ ଖାଲି ଭାବୁଥିଲା—ତମେହିଁ ଏ ଯୁଗର ସାବିତ୍ରୀ ! ତମେହିଁ ଏ ଯୁଗର ସାବିତ୍ରୀ !

କ'ଣ ମୋ କଥା ଶୁଭୁନି ନା ନାହିଁ ? ଟଙ୍କା ଦବଟି ? ଟଙ୍କା ଷାଠିଏ ସତୁରିଟା ହେଇଥିଲେ ଗୋଟାଏ ପଲଙ୍କ ହୁଅନ୍ତା ଯେ ସେତକ ଆଜଯାଏ ହେଇପାରିଲା ନାହିଁ । ନେଓ୍ୱାର ଖଟରେ ଶୋଇ ଶୋଇ ଅଣ୍ଟା ଦରଜ ହେଲାଣି । ମଣିଷ ଟିକିଏ ଘିଅ ପାଇଲା ନାହିଁ, ଅଣ୍ଡା ପାଇଲା ନାହିଁ । ମାଂସ ତ ସେଇ ଯାହିଁ ସାତ ଦିନରେ ଥରେ । ଗରମ ଦୁଧ ଟିକିଏ ନ ପିଇବାରୁ ରୋଗା ଦେହ ମୋର ଆହୁରି କଳା ପଡ଼ିଲାଣି । ତମ ଆଖିକି କଣ କିଛି ଦିଶିବ ।

ତଥାପି ଚନ୍ଦ୍ରମୌଳି କିଛି ଉତ୍ତର ଦେଲେନି । ଅନ୍ତର ତଳ ଖୋଲି ବାହାରି ଆସିଲା ଗୋଟାଏ ଦୀର୍ଘଶ୍ୱାସ !...ଖୁଁ ଖୁଁ କାଶ । ପଞ୍ଚାଅଶୀ ବର୍ଷ । ପୋକରା ବାଇଗଣ ଭୁଣ୍ଡିଟା ବି ମିଳୁ ନ ଥିବ । ଭୁଖା ସଢ଼ା ପଖାଳ । ସାତ ଦିନର ଆମ୍ବିଳା ଖିନାଖିନା ବଦବୋଇ ସ—ଢ଼ା—ପ—ଖା—ଳ ଖାଲି !

ମୁଁ ଜାଣେ ପରା ଏତେବେଳକୁ ତମ କାନ ଫୁଟିଯିବ । ସେ ବୁଢ଼ାବୁଢ଼ୀ ଦିହେଁ ନ ମଲେ ..

ମାରୁ !

ମୋ କପାଳ—ମୋ କପାଳକୁ ନ କହି ଆଉ କାହାକୁ କହିବି ?—ନର୍ମଦା ସୁଁ ସୁଁ ହେଇ କାନ୍ଦି ଉଠିଲା ।

କଇଁ କଇଁ ହେଇ କାନ୍ଦି ଉଠିଲେ ଚନ୍ଦ୍ରମୌଳି । ଗୁଡ଼ ତଳର କଙ୍କଡ଼ା ଯେମିତି ଜଏ କୋଣ ପଶେଇଲେ ଶାଶୁଆ କୋଠରୀରେ··ତଥାପି—ତଥାପି ପାଟି ଖୋଲିବାକୁ ସାହସ ହେଲା ନାହିଁ । କଣ ନାହିଁ କଣ ହୁଏତ କରି ପକେଇବେ ଦେଖି । ଏ ଦଶାଠାରୁ ସେ ଦଶା ବଳିବ । ଲଜ୍ଜାରେ ମୁଣ୍ଡ ଟେକି ହବନି ବାହାରେ । ଧୀରେ ଧୀରେ ଲୁହ ପୋଛି କଅଁଳେଇ କଅଁଳେଇ ଚନ୍ଦ୍ରମୌଳି କହିଲେ—ହଉ ସେ କଥା ପରେ ଦେଖିବା । ବର୍ତ୍ତମାନ ଚାଲ । ବହୁତ ଡେରି ହୋଇ ଗଲାଣି । ଭଦ୍ରଲୋକ ବସ୍ତୁର କଣ ଭାବିବେ ?

ନର୍ମଦା ବରୁଣର ।

ଚାଲ । କୌଣସି ଜାଗାକୁ ବାହାରିଲାବେଳେ ଏମିତି ଅଡ଼ି ବସନ୍ତ ? ସବୁବେଳେ ଖାଲି ଯୋଷା । ଭଲରେ ମନ୍ଦରେ ଯେତେବେଳେ ଖାଲି ଯୋଷା । ଭଲରେ ମନ୍ଦରେ ଯେତେବେଳେ ଟିକିଏ ବାହାରକୁ ବାହାରିବ ସେତେବେଳେ ଖାଲି ରାଗ, ରୁଷା, କାନ୍ଦ । ଦିନ ରାତି କଣ କଳିଆ ଲାଗେଇ ଲାଗେଇ ଅଣ୍ଟି ନ ଥାଏ, ଠିକ ଏତିକବେଳକୁ ସବୁ ବାହାରେ ?

ରାଗି ଉଠିଲା ନର୍ମଦା—ମୁହଁ ସମ୍ଭାଳି କଥାବାର୍ତ୍ତା କର । ମୁଁ କଳେଶି ? ତମ ମୁଣ୍ଡକୁ ପିତ୍ତ ଉଠିଗଲାଣି ନା କଣ ? ଆରେ—ଚିଙ୍କିକା କାଠ ଠଙ୍କରେଇଲାଣି ପରା ।

ଚାଲ, ନେହୁରା ହେଉଛି । ତମ ହାତ ଧରୁଛି । ନ ଗଲେ ମତେ ସେମାନେ ଆଉ ମଣିଷ ବୋଲି କହିବେ ? ପ୍ରିନ୍ସିପାଲ ଆସିଥିବେ । ସବୁ ପ୍ରଫେସର ଆସିଥିବେ । କେତେ ତାମିଲ, ପଞ୍ଜାବୀ, ସିନ୍ଧି, ମହାରାଷ୍ଟ୍ରୀୟ ଅଫିସରବି । ପିଲା ଟିର ଶୁଭ ଉତ୍ସବ । କେତେ ଅନୁନୟ ବିନୟ କରି ଡାକିଛନ୍ତି ବଙ୍ଗୀୟ ବନ୍ଧୁ । ତମେ ଗୀତ ବୋଲିବ ବୋଲି କେତେ ଆଶାରେ ସମସ୍ତେ ରହି ବସିଥିବେ । ନ ଗଲେ ନିଜକୁ ତ ଅପମାନ । ସମଗ୍ର ଓଡ଼ିଆ ଜାତିର ମାନ ଖସି ପଡ଼ିବ ତଳକୁ, ମୋ ଧନ । ମୋ ସୁନା, ମୋ ମୁଣ୍ଡ ଖାଅଟି । ଚାଲ । ଚାଲ ତମକୁ ହାତଯୋଡ଼ି କହୁଛି ।

ଚନ୍ଦ୍ରମୌଳି ନର୍ମଦାର ଦୁଇ ବାହା ଭିତରେ ଥରେ ଛନ୍ଦେ ଛନ୍ଦେ ଟେକିଲା । ରାଗରେ ଫଁ ଫଁ ହେଉଥିଲା ନର୍ମଦା—ହୁଁ, ମୁଁ ଜଳେଶ୍ୱ ? ମୁଁ ଦିନ ରାତି କଜିଆ ଲଗାଏ ?—ରାଗରେ ଅନ୍ଧୁଣୀ ହୋଇ ଦୁ'ହାତରେ ଖୁବ ଜୋରରେ ଠେଲି ଦେଲା ନର୍ମଦା । ଚନ୍ଦ୍ରମୌଳି ମୁଣ୍ଡଟା ଧାଡ଼୍‌କିନା ଯାଇ ବାଡ଼େଇ ହେଇଗଲା କାନ୍ଥ ଦେହରେ । ମଶାଣ୍ଟ କଣ୍ଟା ଚାଉଁକିନା ଗାଳିଗଲା । ଝରଝର ରକ୍ତ ଝରି ପଡ଼ିଲା । ଆଉ ସମ୍ଭାଳି ହୋଇ ପାରିଲା ନାହିଁ ଚନ୍ଦ୍ରମୌଳି । ଆହତ ବ୍ୟାଘ୍ର ଭଳି ଛୁଟି ଆସି କଷି ଦେଲା ଗୋଟାଏ ଚଟକଣା—

'ହାଲୋ ମିଷ୍ଟର ପାତ୍ର !'—ଘର ଭିତରକୁ ପଶି ଆସିଲେ ପ୍ରଫେସର ବିଶ୍ୱବନ୍ଧୁ ବୋଷ ଓ ସହଧର୍ମିଣୀ କରୁଣାମୟୀ । ଏଁ—ସ୍ତବ୍ଧ ହୋଇ ଅଟକି ଗଲେ ସେ ଏରୁଣ୍ଡି ଉପରେ

ଲଜ୍ଜାରେ ମୁଣ୍ଡ ତଳକୁ ହେଇଗଲା ଚନ୍ଦ୍ରମୌଳିର । ଆଖି ଟେକି ଚାହିଁ ପାରିଲାନି ।

ନର୍ମଦା ଏକ ବିରାଟ ଚିତ୍କାର କରି ଭେଁ ଭେଁ କାନ୍ଦି ଉଠିଲା—ମତେ ମାରି ପକେଇଲାଲୋ । ମୋ ତଣ୍ଟିରେ ଛୁରା ହୋଇଗଲାଲୋ ଚଣ୍ଡାଳ···ସାହିଲୋକ ଆସି ଜମା ହୋଇ ପଡ଼ିଲେ । ଶିକ୍ଷକ, ଓକିଲ, ଏସ୍: ଡି: ଓ ସିଭିଲସର୍ଜନ, ପାନ ଦୋକାନୀ, ରିକ୍ସାବାଲା ସମସ୍ତେ । ଯହୁଁ ଯହୁଁ ବେଶୀ ଲୋକ ହେଲେ ତହୁଁ ତହୁଁ ବେଶି ଗର୍ଜନ ଶୁଭିଲା—ମତେ ଏ ମାରମାରି ଜୀବନରେ ମାରି ଦେବ । ମୁଁଇ ବୋଲି ଯା' ପାଖରେ ରହିଛୁ ଆଉ କୋଉ ଝିଅ ହୋଇଥିଲେ କୋଉଦିନୁ ବାପ ଘରକୁ ଯାଆନ୍ତାଣି । ମୋର ବାପର ଧନରେ ପାଠ ପଢ଼ି ମଣିଷ ହେଇ ଆଜି ଏତେ ଦେମାକ । ବାପା ଧନ ନ ଦେଇ ଥିଲେ କୋଉଠି ସ୍କୁଲ ନାଗୁ ନାଗୁ ଦିନ ସରନ୍ତା ନାହିଁ...

ଲୁହ ଶୁଖିଗଲା, ଘା ଶୁଖିଗଲା । ଏବେ ହେ ହୋ ଘୋ ଘୋ ବାହୁନା ଭିତରେ ଚନ୍ଦ୍ରମୌଳିର କ୍ଷତର ରକ୍ତ ଆପଣା ଛୁଏଁ ଶୁଖିଗଲା । ମନେ ପଡ଼ିଲା

ଦେବବ୍ରତ—ବନ୍ଧୁ ଦେବବ୍ରତ·· ଶରତର ଶ୍ୟାମଳିଆ କୋଳରେ ସୁଖଶାନ୍ତିର ଫୁଆରା ମେଲେଇ ଓହ୍ଲେଇ ଆସିଥାନ୍ତି ଯୋଉ ଆନନ୍ଦମୟୀ, ମାତ୍ର ଦିନ-କେଇଟି ଭିତରେ ସେଇ ହୋଇଉଠନ୍ତି ଖଡ଼୍ଗ ଖପରଧାରିଣୀ ରକ୍ତମୁଖା କାଳୀ···' ଦେବବ୍ରତ ! ଦେବବ୍ରତ ! ଆଜି ଯଦି ତୁ ଆସନ୍ତୁ— ପୁଣି ଛଳ ଛଳ ଲୁହ ଝରି ପଡ଼ିଲା ଅବିରଳ ଧାରାରେ । ବନ୍ଧ ଭାଙ୍ଗିଗଲା ।

କେତେବେଳକେ—ବହୁତ ବୁଝେଇ ସୁଝେଇ ବୋଧ ସୋଧ ଦେଇ ବନ୍ଧୁମାନେ ଫେରିଲେ । କିଏ ହସିଲା, କିଏ ମୁହଁ ମୋଡ଼ିଲା, କିଏ ଟାପରା କଲା—'ଶଶୁର ଘରେ ଜୋଇଁ, ଭଉଣୀ ଘରେ ଭାଇ—କୁକୁର' କିଏ କହିଲା—ନାଇଁମ, 'ବିଲେଇକି ଅଣପୁରୁଷା ଦେଖି ନା ମୂଷା ଭରମ ଲାଗୁଛି ବସି' ଇଂଜିନିୟର ସୁଧାକର କହିଲେ—ହେନ୍‌ପେକ୍‌ଡ଼ ।

ସବୁ ଶୁଣିଲା ଚନ୍ଦ୍ରମୌଳି । ଆପଣା ହସ୍ତେ କଣ୍ଠାଚ୍ଛେଦ···କାହାକୁ କହିବ ? ନେଞ୍ଜଗୁଡ଼ି କହୁଣୀକି ବହି ଯାଇଛି । ଆଉ ଭାବି ହେବା କପଟ ବୋକାମି । ଲୁହ ପୋଛି ବେହୁଆଙ୍କ ଭଳି ପୁଣି ଆଗେଇବାକୁ ହେବ ସିନା, ପଛେଇବାକୁ ବାଟ ନାହିଁ । ଗୁହକୁ ମାଇଲେ ମୁହଁକୁ ପଡ଼ିବ ।

ରାତିଟା ସେମିତି ନିର୍ଜଳା ଉପାସରେ କଟିଲା । ସକାଳୁ ଦଣ୍ଡପାଣି ଯାଇଁ ଚୁଲି ଲଗେଇଲା । ଭାତ ଡ଼ାଲି ଓହ୍ଲେଇ ରଖିଲା । ମାଁ'ଙ୍କୁ ଡ଼ାକି ଡାକି ଥକିଗଲା ବିଚାରା । ଭାତ ଖାଇବା କେଉଁଠି ଆଉ, ଉଠି ଦାନ୍ତ ପର୍ଯ୍ୟନ୍ତ ଘଷିଲେନି ମା ।

'ମାଇଲେ ମାଇଲୁ ବେଶ୍ କଲୁ ହାତେ ରାନ୍ଧି ବାଢ଼ି ଖାଅ ।

ତୁମ୍ଭ ଫଙ୍କି ଫଙ୍କି କଣ ପୋଡ଼ିଗଲା ମାଡ଼ର ଅସୁଲ ପାଅ ।'

ଚନ୍ଦ୍ରମୌଳିର ମନେ ପଡ଼ିଲା ଗାଁ । ମାଇପଙ୍କ ଢଗ ପଦେ । ହଉ, ମାଣ୍ଡିଆ ଜାଉତ ଖୋଇଛୁ, ହଗେଇ ନ ନେଲେ ଆଉ ବାଟ ଅଛି ? ଜବାଣ ଜଳି ଜଳି ତୁନି ତୁନି ଯାଇଁ ହାତ ଧରିଲା—ଆସ, ମୋ ସୁନାଟି, ମୋ ଧନ, ସବୁ ଦୋଷ ମୋର, ଆଉ ଜୀବନରେ ଯଦି କେବେ ହାତଦେବି···

**ହାତ ଛୁଆଁଉ ଫୋପାଡ଼ ଦେଲା ନର୍ମଦା—ରଖିଦଅ ସେ ମାଖନା ସୁଆଗ । ଆଉ ଯେବେ ମୋ ପାଖକୁ ଆସିବ, ତମେ ଚନ୍ଦ୍ର କି ମୁଁ ଚନ୍ଦ୍ର ।**

ଚନ୍ଦ୍ରମୌଳି କୋଉଠି ବହିରେ ପଢ଼ିଥିଲା—ଖୁବ୍ ଯେତେବେଳେ ମଣିଷ ରାଗିଯାଏ ସେତେବେଳେ ଆଇନାରେ ନିଜର ମୁହଁ ଦେଖିଲେ ରାଗ ଶୁଏଁ କମିଯାଏ । ଉପାୟଟା ମନ୍ଦ ନୁହେଁ । ଗୋଟିଏ ବଡ଼ ଆଇନା ଧରି ଚନ୍ଦ୍ରମୌଳି ଯାଇଁ ଦେଖେଇଲା ମହାଦେଈଙ୍କ ସମ୍ମୁଖରେ । କ୍ରୋଧରେ ପେଟ ଜଳୁଥିଲା । ରାଗରେ ତ ମୁଣ୍ଡ ଜଳୁଥିଲା । ଦେହ ହୋଇ ଯାଇଥିଲା ଝିମ ଝିମ୍ । ଏ ଫାର୍ସ ଦେଖି ମହାଦେଈ ଆଉ ସମ୍ଭାଳି ହୋଇ ପାରିଲେ ନାହିଁ । ମାଇଲେ ଗୋଟାଏ ଧକା ସେ ଅଇନା ଖୁଲ୍‌କିନା ତଳେ କଚ୍ଚଡ଼ି ହୋଇ ଛତର ଛତର ହୋଇଗଲା ।

ଗଲେ ଗଲା ପଛକେ, ଝଅଟି ନ ତୋଳିଲେ କାଚ ପଶିଯିବ ଗୋଡ଼ରେ । ତରତର ହୋଇ ନଇଁପଡ଼ି କାଚ ଗୋଟାଇବାକୁ ଲାଗିଲା ଚନ୍ଦ୍ରମୌଳି ।

ଡ଼ାକ ଡ଼ାକି ଫାଟିଫୁଟି ଗଲା । ନେହୁରା ହେଲା । ଖୋସାମତ କଲା । ଗୋଡ଼ ହାତ ଧରିଲା । ତଥାପି ତଥାପି ହେଲା ନାହିଁ । ହେଲା ନାହିଁ ।

ଅନ୍ୟନ୍ୟୋପାୟ ହୋଇ ଟେଲିଗ୍ରାମ ଫର୍ମଟିଏ ବାହାର କଲା ଚନ୍ଦ୍ରମୌଳି । କଣ ବସି ଲେଖିଲା । ପୁଣି କଣ ଭାବିଲା, ଚିରି ଦେଇ ଦଣ୍ଡପାଣିକି ଡ଼ାକିଲା— ଯା'ତ ଫକିର ମା'କୁ ଡାକି ଆଣିବୁ ।

ଫକିର ମା' ଆସିଲା । ବୁଝେଇଲା । କାଇଲି କଲା । ବାବୁଙ୍କୁ ଦୋଷ ମଡେଇଲା । ମହାରାଣୀ ରୁଷ୍ଟରେ ଅନ୍ନ ଦେଲେ ।

ସେଇ ଦିନ ସଂଜକୁ । ଚନ୍ଦ୍ରମୌଳି ଚୁପଚୁପ ଡ଼ାକିଲା ଦଣ୍ଡପାଣିକି— ଦେଖ, ଯିବୁ ଆସିବୁ । ମୋଟେ ଡେରି କରିବୁ ନାହିଁ । ନେଇ ଟଙ୍କା ନେ । ଏଇ ସଞ୍ଜ ଗାଡ଼ିରେ ବାହାରି ଯା' ।

ଗାଡ଼ି ଷ୍ଟେସନରେ ଲାଗିଲା । ଗାଡ଼ିରୁ ଓହ୍ଲାଇ ବସରେ ବସିଲା ଯାତ୍ରୀ । ମନ ଉଦବେଗ୍ନ କେମିତି ଯାଇଁ ପହଞ୍ଚିବ ।

ଫିଫଟି ଫୋର ମଡେଲ ଷ୍ଟୁଡିବେକର ଖଣ୍ଡେ ଠିଆ ହୋଇଥିଲା । ଅଫିସ ସାମ୍ନାରେ । ନୀଳ ସିଲ୍କ ପରଦା ଝୁଲୁ ଥିଲା ପ୍ରତି ଗବାକ୍ଷ ଓ ଦ୍ୱାର ଦେଶରେ । କାନ୍ଥରେ ଏକ ବିରାଟ ସାଇନବୋର୍ଡ଼ । ଚପରାସୀଟିଏ ଏକ ଟିପଟପ ହ୍ୱାଇଟ୍ ଡ୍ରେସ ପିନ୍ଧି ଟୁଲ ଉପରେ ଢୁଳାଉଥିଲା । ସାମନା ଲନ୍‌ଟିରେ ପଣପାଟି ନିରାଡମ୍ବର ଅଥଚ କମନୀୟ । କଅଁଳ ଘାସ ଉପରେ ଝରି ପଡ଼ୁଥିଲା ମୁକ୍ତାର ମାଳ!—ବଣମାଳତୀ । ଦଅଣା ଫୁଟିଥିଲା ।

ତୋରଣରେ କୁଞ୍ଜଲତା ଲତେଇ ଲତେଇ ଛୁଉଁଥିଲା ଆସି ଭୂଇଁ । ନାଲ ଟୁକୁଟୁକୁ ମିନି ମିନି ଫୁଲଗୁଡ଼ିଏ ଚକ ଚକ କରୁଥିଲା ଶ୍ୟାମଳ ଲତା କୋଳରେ । ରେସିଡେନ୍‌ସିଆଲ ଅଫିସ । ସାଇନବୋର୍ଡ଼ରେ ଲେଖାଥିଲା— 'ଅଫିସ ଅଫ ଦି ବର୍ମା-ସେଲ ଅର୍ଗାନାଇଜର । ୱେଷ୍ଟର୍ଣ୍ଣ ଓଡ଼ିଶା, ସୁନ୍ଦରଗଡ଼ ।'

ବସ୍, ଆସି ଅଫିସ ସାମନାରେ ଅଟକିଲା । ଆଧୁନିକ ତରୁଣୀ ଜଣେ ବସରୁ ଅବତରଣ କଲେ । ସାଙ୍ଗରେ ଜଣେ ବୃଦ୍ଧ । ପରିଚାରକ ଶ୍ରେଣୀର । ବୃଦ୍ଧ ବସରୁ ବାକ୍ସ ବିଛଣା ଓହ୍ଲାଇଲା । ତରୁଣୀ କୁଆଡ଼କୁ ଭ୍ରୂକ୍ଷେପ ନ କରି ସିଧାସିଧା ପଶିଯାଉଥିଲେ ଅଫିସକୁ, ନିଦ ମଳମଳ ଆଖିରେ ଧଡ଼ପଡ଼ି ହୋଇ ଉଠିପଡ଼ିଲା ଚପରାସୀ—କାର୍ଡ଼ ଦିଜିଏ । ବିନା କାର୍ଡସେ ସାହେବକା ସାଥ ମୁଲାକାତ ହୋ ନେଇ ସକତା ।

ଆରେ ସାହେବର ମୁଁ ଅତି ପ୍ରିୟ ଲୋକ ।

ଆପ ଲାଟସାହେବ ହୋ ସକତେ, ଲେକିନ୍ ବେଗର କାର୍ଡ଼ସେ ମେ ଏକ ପାଉଣ୍ଡ ଅନ୍ଦର ଯାନେ ନେଇ ଦୁଙ୍ଗା ।

ତରୁଣୀ ହସିଲା । ଫୁଲଝରିଟିଏ ଜଳିଉଠିଲା ସତେକି ଭଲା ଘନଘଚ ଅନ୍ଧାର କୋଳରେ । ଭ୍ୟାନିଟି ବ୍ୟାଗରୁ କାଗଜ ଖଣ୍ଡିଏ ବାହାର କରି ଲେଖି ବସିଲା ତରୁଣୀ—

ସାହେବ !

ସାହେବଗୁଡ଼ାକ ତ କୋଉଦିନୁ ଏ ଦେଶରୁ ପୁଟୁଳି ପତ୍ର ବାନ୍ଧି ସାତ ସମୁଦ୍ରର ସେପାରି ଚାଲି ଯାଇ ସାରିଲେଣି । ଆଉ ପୁଣି ଏ ଘଟାଟୋପ କାହିଁକି ? ତୁମକୁ ସାହେବ ନ କହି ଗୁଲାବ ବା ଖଲବ ବୋଲେଇଦେଲେ କଣ ସମ୍ମାନରେ ଆଞ୍ଚ ଆସନ୍ତା ?

ଦୁଲଆ କହିବ—ତମେ ତାଙ୍କୁ ଘୃଣା କର । କିନ୍ତୁ ମୁଁ କହୁଛି ଘୃଣା ନୁହେଁ, ଭୟ । ଦ୍ୱାର ଖୋଲିବାକୁ ସାହସ ହୁଏନା । ଭୟରେ ଅଇହ୍ୱର ଉଦାଠ ଜଳାଦଅ ଭିତରୁ । ସେଇ ଭାଷା—ସେଇ ନାଗ ଆଗ ଫୁଲର ଅଞ୍ଜଳିଟିଏ ଧରି ତମର ଚରଣ ପ୍ରାନ୍ତରେ ଅର୍ପଣ ଦେବାକୁ ଧାଇଁ ଆସିଛୁ ଯେନା ଲଣ୍ଡବ କି ?

ତଳେ ନାଁଟି ଲେଖି ଚପଲ୍ଲବୀ ହାତକୁ ବଢ଼ାଇ ଦେଲା ତରୁଣୀ । ଲଜ୍ଜାରେ ମୁହଁ ଲୁଚି ପଡ଼ିଗଲା । ଧକଧକ ଅଣ୍ଡ ଛୁଟିଲା ତନୁ । କେତେବେଳେ ସିଏ ଆସିବେ ? କେତେବେଳେ ? କେତେବେଳେ ? ଆଉ ମୁହୂର୍ତ୍ତେ ଯେମିତି ତର ସହୁ ନାହିଁ ତାକୁ ।

ଘର ସତେକି ଫାଟି ପଡ଼ିଲା । କାଗଜ କଲମ ଫୋପାଡ଼ି ଦେଇ ଠୋ ଠୋ ହସିଉଠି ଧାଇଁ ଆସିଲା ଦେବବ୍ରତ—ରେଣୁ ! ରେଣୁ ! ତମେ ତମେ ଆସିଛ ? ତମେ ଆସିଛ ଏ ଅଧମ ଅକିଞ୍ଚନ ପାଖକୁ ? ଆସ, ଭୟ ନାହିଁ । ଲକ୍ଷ୍ମୀଙ୍କି କେହି ହତାଦର କରେ ନାହିଁ । ହତାଦର କଲେ ସେଇ ଲକ୍ଷ୍ମୀଙ୍କ ବାହନ ପେଚୁଟିକି । ଫୁଲର ଅଞ୍ଜଳି ଚରଣ ପ୍ରାନ୍ତରେ ନୁହେଁ ରେଣୁ, ସରଗର ଆଶିଷ ଭଳି ମଥା ଉପରକୁ ତୋଳି ନେବାକୁ ଆଜ ମୁଁ ପ୍ରସ୍ତୁତ ଅଛୁ ।

ଲଜ୍ଜାରେ ମୁଣ୍ଡ ଉଠେଇ ପାରିଲାନି ରେଣୁ ।

କିରେ ବଶିଆ, ତୁ ଚିହ୍ନି ପାରିଲୁ ନାହିଁ ତୋ ରେଣୁ ଦେଈଙ୍କୁ ?

ଏଁ, ଏଇଟା ବଶିଆ ? କଟମଟ କରି ଅନେଇଲା ରେଣୁ—ମୁଁ ଭାବୁଛି କିଏ ମୁସଲମାନ କି ହିନ୍ଦୁସ୍ତାନୀ—

ବୋଇଲା ଆଉ ଚିହ୍ନିବାର ବାଟ ଅଛି କି ହେ ? ଲାଲିଆ ଲେଉ-ଟେକିଆ ମଇଦଟା ଏତେ ଏତେ କଣ ରଖିଲା । ଦେହରେ ଅଙ୍ଗୀ, ଗୋଡରେ ଜଙ୍ଘି, ପାଦରେ ପାଣ୍ଡୋଇ—ସ୍ୱାଙ୍ଗ ବଶିଆ ଦଣ୍ଡାସି ବୋଲି କିଏ ଚିହ୍ନିବ ହେ ?

ହସି ହସି ପେଟ ପରସ୍ତ ହେଲା ରେଣୁ ଓ ଦେବବ୍ରତର । ଦଣ୍ଡପାଣି କିନ୍ତୁ ନ ଛାଡ଼େ । ବାକ୍ସ ବହଣା ବାରଣ୍ଡାରେ ଥୋଇ ଦେଇ ଗୋଟିପଣେ ଆସି କୁଣ୍ଢେଇ ଧରିଛି ବଶିଆକୁ । ଆଉଁସି ଦଉଛି ତା' ଦେହ, ଟେକ ଧରୁଛି ତା ଟୋପି । ସବୁର ଥର କରି ଏପାଖ ସେପାଖ କରୁଛି ତା' ହାତ । କହିଲା, ଅଚ୍ଛା, ଅଙ୍ଗି ତ ପିନ୍ଧିଛୁ, ପୁଣି ତା ଉପରେ କାହିଁକି ଏ କୋଟ୍ ? ଗୋଡରେ ଏ ପଟି କାହିଁକିରେ ? କସ ପାଇଁ ଏ ପାଦରେ କନା ବାନ୍ଧିବାରରେ ବୋଡ଼ିଆଙ୍କ ଭଳି ? ତୋ ଖଦଡ଼ ପଟା କାହିଁ ଗଲାରେ ? ଖଦଡ଼ପଟା ଛାଡ଼ି ଏ ମାଣ୍ଡି ଖୋଳ ଦ'ଟା କାହିଁକି ଗୋଡରେ ପୂରେଇବାର ହେ ?

ହସି ହସି ବଶିଆ ବେଦମ । କହିଲା—ମୁଁ କସ ଆଉ ଦଣ୍ଡାସି ଅଛୁ ? ମୁଁ ସାଇବ ହେଇଯିବାର ନା—

ହଁ, ବେଣରେ ସାଇବ ମାତ୍ରକ କାମରେ କସ ? ସେଠି ଯେମିତି ଚଲ୍‌ନାରେ ମାଛ ମାରି ଖାଇପିଇ ସୁଖରେ ଥିଲୁ, ଏଠି ସେମିତି ପିଲାକୁଟମ୍ବ ଧରି ଅଏସରେ ଅଛୁ । ବୁଝିଲୁ ନ କେବେ ତୋ ସାଙ୍କମଙ୍କ ଦୁଃଖ ? କହିପାରିଲୁ କି ତାଙ୍କୁ ଆଜଯାଏ ସାଙ୍କୁ ଦ'ସାତ ? ଦେଖ୍ ମୁଁ ଆସୁ ଆସୁ ସାଙ୍ଗେ ସାଙ୍ଗେ ନେଇ ଆସିଛୁ ।

ଦଣ୍ଡପାଣି ! ଚିତ୍କାର କରି ଉଠିଲା ରେଣୁ । ଲାଜରେ ମୁହଁ ଜଳିଗଲା ତା'ର । ମନ୍ଦାର ଫୁଲ ସତେକି ଝାଉଁଳି ପଡ଼ିଲା ସୂର୍ଯ୍ୟତାପରେ ।

ହସ ହସ ହୋଇ ରେଣୁର ହାତ ଧରି ଦେବବ୍ରତ ଉଠିଗଲା ଦୋମହଲା ଉପରକୁ । ଉପରୁ ଦେବବ୍ରତର ମା’ ଡ଼ାକିଲେ—ଆ ମା’ ରେଣୁ ; ଲକ୍ଷ୍ମୀଟି ମୋର ; ଏତେଦିନେ ଘର ମୋର ପୂର୍ଣ୍ଣ ହେଲା ! ଭୋଳ ହେଲା ଉଜ୍ଜ୍ୱଳ ! ମୁଁ ଭୁଲ ବୁଝେହିଁ ନାହିଁ ମା । ଏ ବାଇଆକୁ ଅକୂଳରୁ ଆଣି କୂଳରେ ଲଗା...

ଲଜ୍ଜିତ ହୋଇ ସିଡ଼ି ଉପରେ ଅଟକିଗଲା ରେଣୁ । ଦେବବ୍ରତ ଚୁପି ଚୁପି କହିଲା—ଆସ, କିଛି ଭୟ ନାହିଁ । ମୁଁ ଠିକ କୂଳରେ ଲଗିଛି । ସୌଭାଗ୍ୟକୁ ଆଶ୍ରୟ କରିଛି ତରଣୀ...

ଛିଃ—ରେଣୁ ଭ୍ରୂକୋପ କରି ଦୃଷ୍ଟିଗଲା ପଛକୁ...ଆସ ଆସ, କିଛି କାହିଁକି—ଦେବବ୍ରତ ଟାଣିନେଲା ।

ଧୀରେ ଧୀରେ ଯାଇଁ ମା’ଙ୍କ ଚରଣରେ ମଥା ନୋଇଁଲା ରେଣୁ ।

‘ଅଇ ସୁଲକ୍ଷଣୀ ହୋଇଥା ମା’ । ଧନଜନ ଗୋପଲକ୍ଷ୍ମୀରେ ଏ ଘର ପୂରିଯାଉ ।’

ଏ ଆଶୀର୍ବାଦ ପାଇଁ ମୋଟେ ପ୍ରସ୍ତୁତ ନ ଥିଲା ରେଣୁ । ଲଜ୍ଜାରେ ନୁଇଁ ପଡ଼ିଲା ।

ସ୍ନାନ, ଭୋଜନ ପରେ—

ରେଣୁ କହିଲା—ଦେଖ, ଆଜି ସନ୍ଧ୍ୟା ଭିତରେ ଚାଲିଯିବା । ଏଇ ମୁହୂର୍ତ୍ତରେ ହିଁ ସ୍ଥିର କରିବାକୁ ହେବ ସମ୍ବଲପୁର । ସେଠାରେ ଅବସ୍ଥା ଭୟଙ୍କର ହେବଣି, କହି ହେଉନି । ଦଣ୍ଡପାଣି ଆସିବାର ସୁବିଧା ହୋଇଗଲା ।

ତାହାହିଁ ହେଲା । ସଭିଏଁ ସଜ ହୋଇପଡ଼ିଲେ ବାହାରିବାକୁ । ସୁନ୍ଦରଗଡ଼ର ସ୍ୱପ୍ନଘେରା ଚଳିତ ରାଜପଥରେ ଅଳସ ମନ୍ଥର ଜୀପ ଧୀରେ ଧୀରେ ଗଡ଼ି ଚାଲିଲା ଗାଡ଼ିଟି । ଶ୍ୟାମ ଶୀତଳ କୋଳରେ ଅଚଳ ପାହାଡ଼ମାଳା ଝୁଲି ଦୋହଲି ନଇଁ ପଡ଼ିବା ଚାଲି ତଳ ପ୍ରତି ଯାଉଥିଲା

ଗୋଟିକ ପରେ ଗୋଟିଏ । ସାନୁଦେଶରେ ସବୁଜ ପତ୍ର ଫାଙ୍କରେ ଫୁଟିଥିଲା ଅଗଣିତ ଫୁଲ କଦମ୍ବ । କଦମ୍ବ ଶାଖାରେ ମୟୂର ମୟୂରୀ । କଲାପ ତୋଳି ନୃତ୍ୟ କରୁଥିଲେ ଘନାମ୍ବୁମାନ ନୀଳ ଆକାଶକୁ ଚୁମ୍ବି ଚୁମ୍ବି । ଶିଖର ଦେଶରେ ଥିବା ବାଳିକା ବିଦ୍ୟାଳୟ ବୋଧେ ଛୁଟି ହେଲା । ସରୋବର ପଥ ସେତେ କି ଦଳ ଦଳ ହୋଇ ଭାସି ଆସିଲେ ସେଇ ଉଦାସିନୀ ମେଘ ନଉକାରେ ବସି । କ୍ଷୁଦ୍ର ହ୍ରଦର ତଟଦେଶରେ ଲଙ୍ଗର ଫୁଆସ୍ତ ଖେଳେଇ ହସର ଲହରୀ ଛୁଟେଇ ବଢେଇ ହେଇଗଲେ ଷଣ୍ଢେ । କିଏ ତୋଳିଲା କଦମ୍ବ, କିଏ ତୋଳିଲା ଶ୍ୟାମଳ ଲତା ଗହଳରେ କୁଞ୍ଜ ରଚନା କଲା, କିଏ ବା ସନ୍ତରଣ ମେଳରେ ହ୍ରେଟ ତାଠଆରେ ଓହ୍ଲେଇଗଲା । ହ୍ରଦ ଉପରକୁ, ଆହୁଲା ମାରି ମାରି ମନ ସରାଗରେ ଭାସି ବୁଲିଲା ଜଳ ଉପରେ । ନବ-କାଳିକା ଉଠିଥିଲା । ବଜାଲିକାମାଳି ଅଳସ ଗତିରେ ପହଁରି ଯାଉଥିଲେ ତା ତୋଳରେ ।

ରେଣୁ କହିଲା—ତମେ କୋଉଠି ଥିଲ ? ଏ ଧୂଳିର ଧରଣୀରେ କିଏ ଗଢ଼ିଛି ଏ ସପନର ଅଳକାପୁରୀ ?

ଦେବବ୍ରତ କହିଲା—ଏ ସୃଜାର ଫଗୁଆ ମୁହାରଗତ । ଶିଶୁ ପ୍ରଶିଶୁରେ ତା'ର ସୌନ୍ଦର୍ଯ୍ୟ ଫୁଟିଉଠେ । ଋତୁ ଗଡ଼ିଯାଏ । ଫୁଲ ପରେ ଫଳ ହୁଡ଼ିଯାଏ । ରୁଦ୍ର ପ୍ରକୃତିର ହେତେ ଝଡ଼ ଝଞ୍ଜା ବହିଯାଏ ତା' ଉପରେ । ହେଲେ ସୃଜନଗଡ଼ କେବେ ଅସୁନ୍ଦର ଦିଶେନା । ଅତୁଳନୀୟ ସୁଷମାରାଶି ବନଝର୍ଣ୍ଣର ଜଳ ଉଦାରତା ଝରୁଆଏ ତାର ପ୍ରତି ଧାରରେ, କୋଣେ କୋଣେ, କନ୍ଦରେ କନ୍ଦରେ । ଉତ୍କଳର ନନ୍ଦନ ବନ ଏ । ବନମାଳତୀ ଭଳି ପଡ଼ିଛି । କିଏ ଦେଖୁଛି ? —

କ୍ରମେ କ୍ରମେ ଅପସରିଗଲା ସେ ଅପାରୋଶୀ ଅଳିକ ଛବି । କାରଟିର ଗତି ବଢ଼ୁଛି । ବନ, ବିଲ, କାନ୍ତାର, ପ୍ରାନ୍ତର ଗୋଟି ଗୋଟି ଅଦୃଶ୍ୟାନ୍ତ ହୋଇ ଯାଉଛି ଦୂରୁ ଦୂରୁ । ରେଣୁ ପଚାରିଲା—କାହିଁକି ? ଅନର୍ଥ ଗ୍ଲାଡ୍‌ଏଟ୍ ହେଇ ତମେ ବମ୍ପା ସେଲ୍‌ରେ ଏ ଗ୍ଲାଇଡେଟ ସର୍ବିସ ଶେଷକୁ ଡୁଡ଼ିକଲ କିଆଁ ?

ଦେବବ୍ରତ ହସିଲା । ଉତ୍ତମ ମହାନ୍ତିଙ୍କ ମୁହଁରୁ ଫେର କ'ଣ ଶୁଣୁଛନ୍ତି ଜାଣ ? ଓଡ଼ିଆଙ୍କର ବୁଦ୍ଧି ଅଛି । କିନ୍ତୁ ଓଡ଼ିଆ ଘରପଣା । ବାହାରକୁ ଚାହାଁଣ ପଡୋଶୀ ସହିତ ପ୍ରତିଯୋଗିତା କରିବାକୁ ତା'ର ଦୂରଦୃଷ୍ଟି ନାହିଁ । —

କିନ୍ତୁ ଆପଣା ଘରେ ଯେ ଆମେ ପରବାସୀ—ରେଣୁ କହିଲା ।


ବୁଝିଛନ୍ତି ? ବୁଝି ଶୁଣି ଏ ପ୍ରଶ୍ନ ତାହାଙ୍କ । ସରକାରୀ ସ୍ତରର କଥା ଛାଡ଼, ଓଡ଼ିଶାରେ ଯେତେ ଇନ୍ସୁରାନ୍ସ, ବ୍ୟାଙ୍କ, ଏଜେନ୍ସି ବା ବଡ଼ ବଡ଼ କମ୍ପାନୀର ବ୍ରାଞ୍ଚ ସବୁ ଅଛି, ସେଥିରେ କେତେ ଜଣ ଓଡ଼ିଆ ଅଛନ୍ତି ଜାଣ ?

ସବୁ ଜାଣେ । ସବୁର ହେଡ୍ ଅଫିସ ତ କଲିକତାରେ । ସେମାନେ ତ ବେଶୀ ପାଠୁଆ । ତାଙ୍କଠାରୁ ଶିଖଣା—

କଥା ଛଡେଇ ନେଲା ଦେବବ୍ରତ । କହିଲା—ଖାଲି କଣ ସେତିକି, ସେମାନଙ୍କ ଭିତରେ ଏତେ ଜାତୀୟତା ଅଛି ଯେ ଜଣେ ପଶିଲେ ତା' ଘରର ଶଳାର ଶଳାର ପୁରୁଷର ଭଣଜାକୁ ଆଣି ଭରତି କରି ଦେବ । ଆଉ ଆମେ ତ ହୁହୁକେ ମଲ୍ଲିକ୍ଷା । ପାଣି କେବେ ଶିଖିଛୁ ବା ଶିଖିବ ?

ଓ, ଏଇଥି ପାଇଁ ତମେ—

ଠିକ୍ ସେଇଥି ପାଇଁ ନୁହେଁ, ମୋର ତାହାର ପ୍ରତି ବ୍ୟକ୍ତିଗତ ବିଦ୍ୱେଷ ନାହିଁ । କିନ୍ତୁ ଦେଖୁଛୁ, ଦିନକୁ ଦିନ ଯେମିତି ଆମେ ଆମ୍ଭ ନିଶ୍ୱାସ ହରାଉଛେ । ସ୍ୱରାଜ୍ୟ ଯେମିତି ଗୁମଟରେ ଚାପି ଦବାକୁ ବସିଛନ୍ତି ଏ ଜାତିଟାକୁ । ସରକାରୀ ସ୍ତରରେ କହ, ବାଣିଜ୍ୟ ବ୍ୟବସାୟରେ କହ, ଖଣି ପଟ୍ଟା ନେଲାବେଳେ ବା ବଣ ଜଙ୍ଗଲରେ କୁପ୍ ନିଲାମ ଧରିଲା ବେଳେ କହ—ସବୁଠିରେ ଖାଲି ଶୋଷଣ ଆଉ ଶୋଷଣ । ଏ ସକଳ ବ୍ୟବସ୍ଥା ଶାନ୍ତ ଜନତାର ପଞ୍ଜରା ହାଡ଼ ଉପରେ ଅହରହ ଚାଲିଛି ଶୋଷଣ, ପେଷଣ, ଦଳନ, ନିର୍ଯ୍ୟାତନ ।



ଗାଡ଼ି ୬୦ ମାଇଲ ସ୍ପିଡ୍‌ରେ ଯାଉଥିଲା । ହଠାତ୍ କେ ଜନ ଓ କଲା ବ୍ରେକ୍ । ଜେଡ୍ ଷ୍ଟପ କରିଦେଲା ଦେବବ୍ରତ । —ରେଙ୍ଗାଲି ! !

କ'ଣ ହେଲା କି ? ଡାକର ? —ମୁରୁକି ମୁରୁକି ହସି ଉଠିଲା ରେଣୁ ।

ସୁଅଁ କନା ଚମକି ପଡ଼ିଲା ଦେବବ୍ରତ । ମୁହଁଟା ସାରୁ ସବେ କ କଳା ଦୋଳି ହୋଇଗଲା ତା'ର ।

ରେଣୁ ପୁଣି ହସି ହସି କହିଲା—ବ୍ୟସ୍ତ ହାଉଛ ? ଲଣ୍ଡବଡ ମଟରରୁ ଓହ୍ଲାଇଯାଇଁ ଡାକ ଆଣିବ ।

କିଂରୁ—କିଂରୁ ତମେ ତ କିଛି ଜାଣନା ରେଣୁ!

ମୁଁ ସବୁ ଜାଣେ । ତୁମେ ବାଥ୍ ରୁମରେ ଥିବାବେଳେ ମୁଁ ତମର ଡାଇରୀ ଖୋଲିଥିଲି । ହଠାତ୍ ଆଖି ଆଗରେ—

ଅସମ୍ଭବଭାବେ ଗମ୍ଭୀର ହୋଇ ଉଠିଲେ ଦେବବ୍ରତ। ତୁଣ୍ଡରୁ ପଦେ ହେଲେ ବଚନ ସ୍ଫୁରିଲା ନାହିଁ।

ଦେବ ଭାଇ !

ତଥାପି ଦେବବ୍ରତ ନିରୁତ୍ତର। ଅନନ୍ତ ଆକାଶକୁ ନିର୍ନିମେଷ ନୟନରେ ଚାହିଁ ରହିଲେ ଖାଲି। ରେଣୁ ନୀରବ ହେଲା। ଗମ୍ଭୀର ନୀରବତାରେ କେତୋଟି ମୁହୂର୍ତ୍ତ କଟିଲା। କେତେବେଳେକେ—

ରେଣୁର କୁସୁମ-କୋମଳ ଅଙ୍ଗୁଳିଗୁଡ଼ିକ ହାତ ଭିତରେ ରଖି ଦେବବ୍ରତ ଧୀରେ ଧୀରେ ଡାକିଲେ—ରେଣୁ !

କୁହ !

ତୁମେ ଘୃଣାକର ସ୍ୱପ୍ନାକୁ ?

କାହିଁକି ଏ ପ୍ରଶ୍ନ ?

ନା କହ, ସତେ କଣ ତମ ଅନ୍ତରତଳେ ଏକ ତୀବ୍ର ଘୃଣା...

ବେଶ୍ୟା ଘର ଝିଅର ସନ୍ତାନ ଭୁଲି ଥାଏ ?

ରେଣୁ !! —ଦେବବ୍ରତ ଚିତ୍କାର କରିଉଠିଲେ।

ଭୁଲ କିଛି କହୁନାହିଁ ତ।

ଛି, ଏବେ ବୁଝି ହୁଅନାହିଁ। ସ୍ୱପ୍ନା ତ ମୋଟେ ବେଶ୍ୟା ନୁହେଁ, ଚରିତ୍ରହୀନା ବି ନୁହେଁ।

ମାନେ ?

ମାନେ ଅତି ସହଜ। ଭୋକ କଲେ ଭାତ ଖାଇବା ପାପ ନୁହେଁ।

ତା' ବୋଲି ଯୋଉଠି ସେଠି...

ଯା'ର ଭାତ ଅଛି ସିଏ ଭାତ ଖାଏ। ଯା'ର ଭାତ ନାହିଁ, ସିଏ ଅନ୍ୟ ଯୋଉଠି ଭାତ ଦେଖିଲେ ଖାଇଁ ପାଇଁ ହୁଏ ଏବଂ ହେବାଟା ସ୍ୱାଭାବିକ ବି।

କିନ୍ତୁ ତା' ଦ୍ୱାରା ସମାଜରେ କି ଉତ୍କୃଷ୍ଟତା ଆସିଯିବ ଥରେ ଭାବିଛ ?

ଅବଶ୍ୟ ତା' ସ୍ୱତନ୍ତ୍ର କଥା । କିନ୍ତୁ ଏଠାରେ ବ୍ୟକ୍ତିଗତଭାବେ ଭୁଲ୍ କରନ୍ତି ସ୍ୱପ୍ନା । ବନ୍ଧୁ ବର୍ଗ ଆକ୍ଟ୍ରେସ୍ଙ୍କୁ ନେଇ ଉଠୁଥିବା ଯେପରି ମଞ୍ଚ, ସେଥିରେ ସ୍ୱପ୍ନା ତାଳ ଦେଉଁଥା...

ତଥାପି ଏତେ ବଡ଼ କଳଙ୍କ ...

ଯେତେ ବଡ଼ ବୋଲି ତୁମର ମନେ ହେଉଛି, ବାସ୍ତବରେ ତା' ସେତେ ବଡ଼ ନୁହେଁ । ସ୍ୱପ୍ନାକୁ କଳଙ୍କିନୀ କହିଲେ ରଙ୍ଗମଞ୍ଚର ଅନ୍ୟତଃ ମୁଣ୍ଡକାଟ ହେବା ଉଚିତ । କିନ୍ତୁ, ତା'ଙ୍କ ହୁଏ ? ତା'ଙ୍କ ହେଉଛି ଆମ ସମାଜରେ ? ତା'ଙ୍କ ସ୍ୱପ୍ନା ଅପେକ୍ଷା ମତେ ନର୍ମଦା ବେଶୀ କଷ୍ଟ ଦିଏ । ମୋର ତ ମନେହୁଏ ନର୍ମଦାର ଚରିତ୍ର ହିଁ ଭ୍ରଷ୍ଟ, ସ୍ୱପ୍ନାର ନୁହେଁ ।

ରେଙ୍ଗାଲି ଉଠିଗଲା । ଉଡ଼ିଗଲା ପଛରେ ସ୍ୱପ୍ନମୟୀ ସୁକୁମାରୀ ଲଳନା ସ୍ୱପ୍ନା । ଗାଡ଼ି ଧୀରେ ଧୀରେ ଗଡ଼ି ଚାଲିଲା ଆଗକୁ ଆଗକୁ ।

ଆଗରେ ଖମା । କାହାରି ସେ ଆଡ଼କୁ ଲକ୍ଷ୍ୟ ନାହିଁ । ସମସ୍ତେ ହସ ଆନନ୍ଦରେ ମାତିଥିଲେ । କେତେ ଆଶା, କେତେ ଆଲୋକ, କେତେ ରଙ୍ଗୀନ ସ୍ୱପ୍ନ । କିଏ ଜାଣିଥିଲା ଏତେ ଶୀଘ୍ର ଆସି ପହଞ୍ଚିବ ମୃତ୍ୟୁ! ଶୀତଳ ମୃତ୍ୟୁ! ଉଃ, କି ନିର୍ମମ ! କି କରୁଣ ! କି ହୃଦୟ ବିଦାରକ : କେହି ଥରେ ଜାଣି ପାରିଲେ ନାହିଁ । କେହି ଥରେ ଦେଖି ପାରିଲେ ନାହିଁ ଆଗକୁ । ହାୟ ! ହାୟ ! ଗଲେ—ଖସିଗଲେ ରସାତଳକୁ । ମିଳେଇଗଲେ ରସାତଳକୁ । ମିଳେଇଗଲେ ମାଟି ସାଙ୍ଗରେ ମାଟି ହେଇ—

ଅଧ୍ୟାପକ ଚନ୍ଦ୍ରମୌଳି ଟାଉନ୍ ହଲରେ ଏକ ପ୍ରବନ୍ଧ ପଢ଼ୁଥିଲେ—'ଅପରିଣାମଦର୍ଶିତାର ପରିସମାପ୍ତି' । ଇଞ୍ଜିନିୟର ସୁଧାକର ଟୋକା ଡ଼ାକ୍ତରଙ୍କ ହାତ ଟିପି ଦେଲେ—ପୋଖଟ ବୈରାଗ୍ୟ । ଡ଼ାକ୍ତର କହିଲେ—ନାହିଁ ମ, ବୃଦ୍ଧ ବେଶ୍ୟା ତପସ୍ୱିନୀ । ଦୁଇବନ୍ଧୁ ହସିଲେ ।

❋ ❋ ❋ ❋

ହସି ହସି ଗଡ଼ିଗଲେ ଦୁଇଜଣ—'ମ, ମୁଁ ଆଜ୍ଞା ଜାଣିଛି ସିଏ ଏମିତି କଟମିଯାଇଁ ଶେଷକୁ ଆସି ଗୋଡ଼ ଧରିବେ । ଛି, ବୁଢ଼ା ଦଣ୍ଡ-ପାଣିଟା କ'ଣ ଭାବିଥିବ । ଦେଖ କହୁଥିଲା ସିଏ ଆମର ଗୋଡ ଧରିଲେ କୁଆଡ଼େ ପାପ ହୁଏ !

କ'ଣ ଯାଇବୁଲେ ଝିଅ ରୁ ଶେଖିବୁ । ପାପ ଗୋଟାଏ କ'ଣ ? ଏଇ ପାପ, ଦେବତା, ଚରଣସେବା ଏଥି ସବୁ ସେମାନଙ୍କ ଆଳଯାଏ ଆମକୁ ଜଟେଇ ରଖିଛନ୍ତି । ସବୁ ସେଇ ପୁରୁଷଙ୍କ ଚକ୍ରାନ୍ତ । ସେଥି ପାଇଁ ଶିଖେଇ ଦେଇଥିବେଲେ ଦେଖିବୁ ।

ହେଲେ ମା ! ମୁଁ ଯେତେ ଛୁଟେଇବାକୁ ଚାହିଁଲେ ବି ସେ ମୋତେ ଛାଡ଼ିବାକୁ ନାହିଁ ଚାହାନ୍ତି । ସବୁ କଥାରେ ହସି ଉଡ଼ାଇଦିଅନ୍ତି ତା ପର୍ ହେଲେ ଫିକା ଗୋଟାଏ ନିଃଶ୍ୱାସ । କ'ଣ ଭଲେ ସେ ବୁଢ଼ାବୁଢ଼ୀ ମୋ'ଠାରୁଠିଁ ତାଙ୍କ ମନ ଛଡ଼ାଇପାରିବ ଭାବିଲୁ ?

ମ, ଏଇ କଥାକୁ ନା ନାଆ ଘେଇଦେଲ କାଳକତାକୁ । ଏତେ ବୁଦ୍ଧି ନାଇଁ ? ଯେମିତି ପୋଷା ହେଇଥିଲୁ, ସେମିତି ଆଜ୍ଞା ଅଭିନୟ ଦେଖା ହେଲ ଜାଣେ ଜାଣେ ରାଜ ସୁନ୍ଦର ଶୋଭା ଲଭୁ । ତାଳ ତାଳ ମୁଣ୍ଡ ତାଙ୍କୁଇଲେ ବି ଉଠିବୁନ । ପାଣି ଟିକିଏ ଦେବୁନ ଭୁଣ୍ଡରେ, ଖାଡ଼ାଖାଡ଼ା ଉପାସ !

ମାତ୍ର ଏତେ ଦିନ କ'ଣ ମୁଁ ରହିପାରିବି ? ଖାଇ ଗୁଡ଼ିଚିଁ ନାଇଁ ବଞ୍ଚିବୁ ?

ଦୂରେଇ ହୁଣ୍ଡି । ବୁଦ୍ଧି ଥିଲେ ବାଟରେ ବୁଥ । ଭାଇଣାଙ୍କ ଅଖିଆ ଅପିଆ ପଡ଼ି ରହିବୁ କେବଳ କ'ଣ ସତେ ସତେ ଆଉ କିଛି ଖାଇବୁ ନାଇଁ ? ଯେତେବେଳେ ସିଏ ବାହାରକୁ ଯିବେ—ସ୍କୁଲେକ କି ଆଉ କୋଉଠିକି—ସେତେବେଳେ ଉଠିପଡ଼ି ତୋ ପେଟରେ କିଛି କିଛି ପକେଇଦବୁ ପାଟିକି । ମତେ ପଇସା ଦବୁ । ମୁଁ ଆଣିଦେବି । ଯାହା କହିଲେ ସାତ । ପୁଷା ଲହୁ କହିଲେ ପୁଷି ଲହ !

ଆନନ୍ଦରେ କୁରୁଳି ଉଠିଲା ନର୍ମଦା । ଫନୀର ମା' ପାଟିରେ ହାତ ଦେଇ ବନ୍ଦ କଲା—ଆସ୍ତେ କଅ ଶୁଣିବ । ହଁ ମା ! ଆଉ ଗୋଟାଏକୁ ବାଦ କ'ଣ କଲୁ ? ଭାରି ଶକତ କଥା ସେ । ଗୁରୁଜନ କାହିଁକି ପଡ଼ିର ଦିନ ମୁଁ ଘୋଷାଘରେ ପଡ଼ି ରହିଲେ ବି ସେ ସେଥିରୁ ଚଳିବେ ନାହିଁ ମୁଁ ପଛେ ପଡ଼ି ପଡ଼ି ମରିଯିବି, ସିଏ କେବେ ଫେରିବେ ନାହିଁ ସେ ତାକୁ

ରୁହ ହୋ ମ', କେତେ ଜାଲଭୁଣ୍ଡା କଥାଟା ମୁହଁରେ ଧରୁଛୁ, କ'ଣ ଏମିତି ବକେଇ ପଡ଼ୁଛୁ ଶୁଣେ ?

ଏଇ, ତାଙ୍କର ଗୋଟାଏ ବଡ଼ ଜିଦ୍, ଏ ବୁଢ଼ା ବୟସରେ ପୁଣି ବିଲାତ ଯିବେ ପଢ଼ିବାକୁ । ସେଇଥିପାଇଁ ନ ଖାଇ ନ ପିଇ ସୁଖ ଅଏସ ନ କରି ଟଙ୍କା ଜମେଇ ଉଚ୍ଚରଙ୍କୁ ମନୁମାନ୍ଥ ଯର, କେମିତି କୌଶଳରେ ତାଙ୍କ ଯିବାଟା ବନ୍ଦ କରି ହବ କହିଲୁ । ତା' ହେଲେ ବହୁ ବହୁ ଟଙ୍କା ଆସି ଯାଆନ୍ତା ହାତକୁ ।

ମ' ଭଏତ ହାଟରେ ପଡ଼ି ବାଟରେ ଗଡ଼ ଗଡ଼ଉଛୁ । ଭଏ କଥାକୁ ଗୋଟାଏ ଚନ୍ତା । ଆଜିକାଲି ପୁରୁଷ ପୁଅର ଘରକରଣା ବୁଦ୍ଧି ହୁଏ ପଚାଶରେ ତ ଆମର ହୁଏ ମୋଟେ ବାରରେ । ସିଏ ପାଠଶାଠ ପଢ଼ି ଯେତେ ବୁଦ୍ଧିଆ ହେଇଥିଲେ ବି ଆମର ଗୋଟାଏ ହସରେ ଟିକିଏ ଆଖିଠାରରେ ଆସି ବଳେଇ ଭଳି ଗୋଡ଼ ତଳରେ ଘଷିହେବେ, କେତେ ଗଣ୍ଡାଗଣ୍ଡା ଓକିଲ ବାରିଷ୍ଟରଙ୍କୁ ମୁଁ ଗୋଟାଏ ଗୋଟାଏ ଫୁଙ୍କିରେ ଉଡ଼େଇଦେଇଛି, ଆଉ ଭଏ ତ କାଲି ସକାଳର ପିଲାଟା । ଗାଲ ଚିପିଦେଲେ ଦୁଧ ବାହାରି ପଡ଼ିବ । ଭଏ ବଳେଇଯିବ ? ଶୁଣ୍, ଅନ୍ଧ ଗୋପନ କଥା । ଯେମିତି ଏ କାନ ପୁଅ ସେ କାନ ନ ଜାଣେ—କନକନ ହେଇ ବୁଢ଼ୀ ଗୁରୁଆଙ୍କୁ ଅନେଇଲା । ନର୍ମଦା କହିଲା—ନାଇଁ ଲୋ, ମୋର ହୋଇ ନ ଥିଲା କହିବାକୁ । କେଝି ନାହାନ୍ତି । ସିଏ ଯାଇଛନ୍ତି ଟାଉନ୍ ହଲକୁ କ'ଣ ଲେକ୍ଚର ଦେଇ । ଆଉ ଦଣ୍ଡପାଣି ତ ଗୁରୁଜନ ହେଲା ଯାଇଛି ଆଜି ।

କ'ଣ ବୁଢା ବାଧ୍ୟକରୁଛ ଯେ ଦେଖିବାକୁ । ମରୁ ନାଇଁ କି ବାଟ ଛାଡ଼ୁନାଇଁ, ଆମକୁ ହଟହଟା କରି ମାରୁଛୁ ବୁଢାଟା ।

ଫକୀର ମା ଥରଥର ହୋଇ ଛଟପଟ ହୋଇ ନର୍ମଦା କାନରେ କ'ଣ ଗୁନ ଗୁନ କହିଲା ।

ଏଁ ? —ଫାଇଁକିନା ଚମକି ପଡ଼ିଲା ନର୍ମଦା । କହିଲା—ମୁଁ ତ ପାରିବି ନାହିଁ । ଏଡ଼େ ବଡ଼ କାମ ମୋ ଦେଇ····

ହଁ, ସତରେ ତୁ ଗୋଟାଏ ଝିଅ—ମୁଣ୍ଡରେ ଟିକିଏ ବୋଲି ଅକଲ ନାଇଁ । ଶୁଣ—ବୁଢୀ ପୁଣି ନର୍ମଦା କାନରେ ଗୁନ ଗୁନ ଆରମ୍ଭ କଲା ।

କିନ୍ତୁ—କିନ୍ତୁ—

କିନ୍ତୁ କିଛି ନାହିଁ ମା ! ଏଥିରେ ଭୟ କରିବାର ଲେଶମାତ୍ର କାରଣ ନାହିଁ । ସତେ ସତେ ତ ଆଉ ବନ୍ଦୁକ ଓଲଟି ପଡ଼ୁନାହିଁ ଏଥିରେ । ଏ ଖାଲି ଗୋଟାଏ ଅଭିନୟ—ଗୋଟାଏ ଖେଳ ।

ଖେଳ ?

ହଁ, ଖେଳ ନୁହେଁ ତ ଆଉ କ'ଣ ? ବଣର ବାଘକୁ ମୂଷା କରି-ବାକୁ ଏ ଗୋଟାଏ ଫନ୍ଦା ।

କିନ୍ତୁ ଏ ଫନ୍ଦରେ ଆମେ ଯଦି ଛନ୍ଦି ହୋଇ ପଡ଼ିବା ?

ମୋଟେ ନୁହେଁ । ଜଙ୍ଗଲର ଶିକାରୀ ତୁ ଦେଖିନାହୁଁ । ବାଘ ଆଲୁଅ ଦେଖିଲା ମାତ୍ରେ ଜଳକା ହୋଇପଡ଼େ । ଅନ୍ଧ ହୋଇଯାଏ । ଆଗ-ପଛ ଭଲ ମନ୍ଦ ନ ବିଚାରି ସେ ଖାଲି ଘଣ୍ଟା ଘଣ୍ଟା ଧରି ଚାହିଁରହେ ସେ ଜୋଫା ଆଲୁଅକୁ । ତେଣିକି ଅନେ ଉପୁଡ଼ି ଯିବାର ତ ତା'ର ବାଟ ନ ଥାଏ, ପର ଉପରକୁ ଲୁଦ ପଡ଼ିବାର ବୁଦ୍ଧି ନାହିଁ ଆସିବ ।

ଏ ସବୁ ତୁ କ'ଣ କହୁଛୁ ମା, ମୁଁ କିଛି ବୁଝୁନି । ସତରେ କ'ଣ ଏଥିରେ କିଛି ଫଳ ହେବ ?

ଫଳ ? —ଠୋ ଠୋ ହସି ଉଠିଲା ଫମୀର ମା । ଘର ଗୋଟାକ ସତେ ଜ ଫାଟି ପଡ଼ିଲା ସେ ହସରେ । କହିଲେ ଦେଖିବୁ, ପାଞ୍ଚ ଲୋକଙ୍କ ଆଗରେ ଯଦି ମୁଁ ଚୂନକାଳି ବୋଳି ନ ଦେଇଛି ତା ମୁହଁରେ । ଆଉ ହଁ —ସେଇଦିନୁ—ସେଇଦିନୁ ଦେଖିବୁ —

ପଥ ପସୁରି ପିତାଘର ଯିବେ ।
ଆଉ ବାହୁଡ଼ି ମନେ ନ କରିବେ ।

ସତେରେ ? ନର୍ମଦା ହସି ହସି ଲୋଟି ପଡ଼ିଲା ଫମୀର ମା କୋଳରେ ।

ରାତି ଦଶ । ଚନ୍ଦ୍ରମୌଳି ଫେରି ଆସିଛୁ ଟାଉନ୍ ହଲ୍ ରୁ । ଫମୀର ମା ଦରଜା ଖୋଲିଦେଲା—ଆସିଲୁ ବାପା ? ମୁହଁ ଶୁଖି ଗଲାଣି । ଦେଲେ ମା ! ଚଞ୍ଚଳ ଚଞ୍ଚଳ ଖାଇବାକୁ ଦେ ପୁଅକୁ । ଚିନ୍ତାରେ ଚିନ୍ତାରେ ପୁଅ ମୋର ଶୁଖି କାଠ ହେଲାଣି । ଛି, ପୁରୁଷ ପୁଅର ଏତେ ଗୋଟାଏ ଚିନ୍ତା କଣ ? ଯେତେହେଲେ ମାଇକିନିଆ ଝିଅ ତମ ଗୋଡ଼ ତଳକୁ ନା— ସାତଟା ଲୁଣ୍ଠରେ ଦାଆ ନୁହେଁ କି ସାତଟା ଝିଅରେ ନାଁ ନୁହେ । ଦେ ମା ! ଝିଅଟି ଖାଇବାକୁ ଦେ ! ମୁଁ ଯାଏ ବାପା ! ରାତି ହଲେଇଲାଣି । — ବୁଢ଼ୀ ଚାଲିଗଲା । ଚନ୍ଦ୍ରମୌଳି ଚାହିଁ ରହିଲେ— । ଆହା, କରୁଣାର ଅବତାର । କି ସରଳ ମନ, ମିଠା କଥା- ଧୀର ଚାଲି, ଯୌବନର ନିଶା ଭାଙ୍ଗିଲେ ନାହିଁ ବୋଧେ ସୁନ୍ଦର ହୃଦୟ—ମନେ ମନେ ଫମୀର ମା'ଙ୍କୁ ପ୍ରଣାମ କଲେ ଅଧ୍ୟାପକ ।

ଖାଇପିଇ ଖାଇ ଉଠିଲେ । ମନ ଭଲ ନାହିଁ । ସହଜେ ତ ଘରେ କଳିକଜିଆ, ଅଶାନ୍ତି, ମନସ୍ତାପ, ଅପମାନ, ଲଜ୍ଜା । ତା'ଛଡ଼ା ଆଜି କାହିଁକି ଘନ ଘନ ମନେ ପଡ଼ୁଛି ବାପାଙ୍କ କଥା । ଜର ହେଉଥିଲା, ଖୁଁ ଖୁଁ କାଶ ଛଅଟି ଆସୁନାହିଁ ପଥର ଦିନ ହେଲା । ସେ ଦିନ କଲା ଉଦେଶିଲ ପରେ ପୁଣି ଯେତେବେଳେ ନର୍ମଦା ଜିଦ୍ ଧରିଲା ଟଙ୍କା ପାଇଁ ଆଉ କହ୍ଲାଡ଼ ବାଧ୍ୟ କଲା ଶେଷରେ, ଅନନ୍ୟୋପାୟ ହୋଇ ଚନ୍ଦ୍ରମୌଳି ବଢ଼ାଇ ଦେଲେ

କୋଡ଼ିଏଟି ଟଙ୍କା । ସେଇ ସେ ଦେଲୁ ଆଉ ସେ ଗାଡ଼ ହେଇ ପାରିନାହିଁ । ଟଙ୍କା ପଠା ହେଉନି ଘରକୁ ମାସକରୁ ବେଶୀ ହେଲା । ବାପା ଅଫିସ ଯାଆନ୍ତି । କଳାକୃଷ୍ଣ ସାଙ୍ଗକୁ ଟିକିଏ ମିଠାଇଠା । ହେଲା ବା ସିଏ ଝଗଡ଼ା ବା ଚଳ ଧାପେ । କଣ, କାହୁଁ ଆସିବ ? ଆଉ ତ ଅଧଲିଟିଏ ତାଙ୍କ ପାଖରେ ନଥିବ । ଅଫିସ ଯିବ କିପରି ଯାଉଥିବ ? ଯଦି ଜରିକ ହୋଇ, କାଶର ତୋଡ଼ ବେଶୀ ଉଠିଥିବ ଅଫିସ କିପରି ଯାଇବ ? — ମୁଣ୍ଡ ଶିର ଟଣ ଟଣ କରି ଉଠିଲା ଚନ୍ଦ୍ରମୌଳିର । ମୁହଁ ଭିତରଟା କେମିତି ପିତ୍ତି ହୋଇଗଲା । ଖୁବଲୁ ଏଇ ମୁହୂର୍ତ୍ତରେ ସିଏ ଛୁଟି ଯାଇ ପାରନ୍ତା କି ଗାଁକୁ—ଆଆନ୍ତୁନ ତ ଉ ଦୋଷ୍ତ ଟଙ୍କା ପଠ ! କେଜାଣି କାହିଁକି ଆଖିରୁ ଲୁହ ଗଡ଼ି ଆସିଲା ଚନ୍ଦ୍ରମୌଳିର । ଟେଭଲ ଭୁଟହଲକେ ବି ମନ ବୁଝିଲା ନାହିଁ । ଭୁକ୍କାଇ ଭୁକ୍କାଇ କୋହ ଉଠିଲା ଖାଲି ।

ଭେଭେଇ ହେଇ ନର୍ମଦା କହିଲା—ଛି, କାନ୍ଦୁଛ ? ମନେ ରଖିଛ ସେଇ ପୁରୁଣା କଥା ?

ନାହିଁ ମାରୁ ! ଆଜି କାହିଁକି ବାରମ୍ବାର ମନେ ପଡ଼ୁଛନ୍ତି ବାପା ଟଙ୍କା ଗଲା ନାହିଁ । କେତେ ଉଦ୍ବେଗ ହେଉଥିବେ ସେ । —ବାପା ନାଁ ଶୁଣି ଫଣ ଫଣ ହେଇ ଉଠିଲା ମାରୁ । ମୁହଁ ବୁଜାଇ ଶୋଇଲା ।

ଘଡ଼ି ଏଗାର—

ଆଖିରେ ନିଦ ନାହିଁ । ଖାଲି ବାପା, ବାପା । ବାପାଙ୍କ ଦେହ ଭଲ ସତେ ବେଶୀ ହେଲା ? ବାପା କଣ ଜର ବାହୁଲାରେ ବିକଳ ହେଇ ଖୋଜୁଛନ୍ତି ଚନ୍ଦ୍ରକୁ ? ନା ନା ଦୁର୍ବଳତା । ବାପା ଭଲ ଅଛନ୍ତି । ସେ କାଲି ଯୋଉଠୁ ହେଲେ ଧାର ଉଧାର ଆଣି ଟଙ୍କା ପଠାଇ ଦେବ । ନିଶ୍ଚୟ ବାପା ତାର ଭଲ ହୋଇଯିବେ ।

ଘଡ଼ି ବାର—

ପେଚାଟାଏ ସତେ କି ତାଙ୍କର କୋଠା ଉପରେ ବସି ବିକଟାଳ ରାବ ଛାଡ଼ିଲା । ଚନ୍ଦ୍ରମୌଳି ଛାତି ପଡ଼ିଲା ଡାହିଁ ଡାହିଁ । ଛି, ଏ କି ଅଶୁଭ

ଲକ୍ଷଣ । ନା, ମୋ ବାପା ଭଲ ଅଛନ୍ତି । ବାପା ଭଲ ଅଛନ୍ତି । ଦୁଇ ହାତରେ ଆଖି ବନ୍ଦ କରି ଶଯ୍ୟାରେ ପଡ଼ି ରହିଲା ସେ ।

ବାବୁ ! ବାବୁ !

ଡାକ ପାରିଲେ ଚନ୍ଦ୍ର — କିଏ ?

ଟେଲିଗ୍ରାମ ବାବୁ !

ଏଁ — ଶୁଣି ଭିତରୁ ତା'ର କଏ ତନ୍ଦ୍ରାଟା ସତେକି ଦୁହେଁ ଓଟାଇ ଆଣିଲେ । ନର୍ମଦା ଶୋଇ ଘୁଙ୍ଗୁଡ଼ି ମାରିଲାଣି । ଉପରେ ଜଡସଡ ହୋଇ ଗୋଟିପଣେ ଉଠି ଉଠି ଚନ୍ଦ୍ରମୌଳି ଆସି କବାଟ ଖୋଲିଲେ ।

ହଁ, ସେଇକଥା । ବାପା ଅସୁସ୍ଥ । ଶୀଘ୍ର ଆସ ।

ଚନ୍ଦ୍ରମୌଳି ଝେ ଝେ କାନ୍ଦ ଉଠି ଦଉଡ଼ିଗଲେ ନର୍ମଦା ପାଖକୁ— ଶୁଣୁଛ, ଶୁଣୁଛ ମାନୁ ! ଟେଲିଗ୍ରାମ । ବାପା ଅସୁସ୍ଥ ।

ଆଖିପିଆ ନିଶାନିଦ ହଠାତ୍ ଭାଙ୍ଗିଯିବାରୁ ମାନୁ ଆଖିରେ ଜଳ ଛୁଟିଲା ନାହିଁ । ଉଠିମୋଡ଼ି ବସୁଡ଼ ମସୁଡ଼ ହୋଇ କହିଲା—ହଁ, ଟେଲିଗ୍ରାମ । ମୁଁ କ'ଣ କରିବି ?

ଛି, ଏତେବେଳେ ସେମିତି କୁହନାହିଁ ମାନୁ ! ଶୀଘ୍ର ଶୀଘ୍ର ଜିନିଷ ପତ୍ର ସଜାଡ଼ କର । କାଲି ବଡ଼ି ଭୋରୁ ଆମକୁ ଯିବାକୁ ହବ ଗାଁ ।

ଗାଁ ? ମୁଁ ଯିବି ଗାଁକୁ ? ମଟରରୁ ଓହ୍ଲାଇ ଆଠକୋଶ ବାଟ ଚାଲିବାକୁ ହେବ । ମଶା ଡାଆଁଶ, ମାଟି ଗୋବର କଳା କୁଡ଼ିଆ···

ହେଲେ ବି ତ ସେଇ ଆମର ଜନମ ଭୂଇଁ । ସେଇ ଘରେ ତମେ ଲକ୍ଷ୍ମୀ । ତମର ହାତରୁ ଟୋପେ ପାଣି ପିଇଲେ ବାପା ମୋର ମୁକ୍ତି ପାଇଯିବେ । ଚାଲ, କିଛି ଡରିବାର ନାହିଁ । ମଟରରୁ ଓହ୍ଲାଇ ଆମେ ବଳଦଗାଡ଼ିରେ ଯିବା ।

ନା, ନା, ମୋ ଭିତେ ସେକଥା କେବେ ହୁଏନ । ଜୀବନରେ ସିଏ କେବେ କୋଠା ଛଡ଼ା ମାଟି ଦେଖିନାହିଁ, ସିଏ ଯିବ ସେଠା ପଲ୍ଲୀ ଭାଙ୍ଗିଣ ବଣକୁ —ଯେଉଁଠି ସାପବିଚ୍ଛୁ ଘଣ ଘଣ, ଜେଙ୍କୁଣୀପୋକ ଝଣଝଣ, ନାଙ୍ଗୁଡ଼ା ପୋକ ଭଣ ଭଣ—

ଛୁଟ୍ ନା, ପଞ୍ଚାଅଶୀ ବରଷର ବୁଢ଼ାଟା ସାଙ୍ଗେ ଭିକଳ ହେଉଛି, ଭିତରୁ ଲୁହ ଢାଳି ଆପଣ ଆଜି ମୁହଁ ବସୁଛି । ଧନ ଗୋଟାକ ପାଇଁ କେବେଳୁ ବା ଆମେ କିଏ କଷ୍ଟ କଲି, ଅଭି କ'ଣ ? ଲଗାଇଲ ଲୋକେ କ'ଣ ଭାବୁଛେ ? ବୁଢ଼ାର ଅଛ କେଉଁ ଧନ ?

ସେ ବୁଢ଼ା ଥିଲେ କେଉଁଠି ଗଲେ କେଉଁଠି ?

ମରୁ ! ! !—ଆଖିବାଟେ କଅଁ ଡାକ୍ତର ଆସିଲୁ ଚନ୍ଦ୍ରମୌଳିର । ଏ କେମିତି ଲୁହ୍ଲେ । ନାଚେତ୍ ଅଳି ଏଭଳି ଖୁସ୍ କରନ୍ତା ସିଏ । ଭିତର ଭିତରେ ଚିନ୍ତା ଦେଉନ୍ଥା ।

ଛୁଟ । ମନ୍ତ୍ରୀ ମନରେ ମାଉ, ଭଲରେ ଧାନ୍ଦି ଛାମୁଡି ଡାକ୍ତରେ ଶାନ୍ତ ହେଲ କହିଲ—ଷଠ, ସୁଲ ଦେବି, ଆମକୁ ବ୍ରହ୍ମପୁରେ ଛାଡ଼ି ଦେଇ ମୁଁ ସିଆଡ଼େ ସିଆଡେ ଚାଲିଯିବି ।

ସାଙ୍ଗ ମୁଁ ଜ ବର୍ତ୍ତମାନ ବ୍ରହ୍ମପୁର ଯାଉଥାଇବ ନାହିଁ । ଗାଡ଼ି ଯାଉଥିଲେ ଏକ୍ସପ୍ରେସ ଟ୍ରେନ ଆସୁଛି ସମ୍ବଲପୁର । ଅନ୍ନପୂର୍ଣ୍ଣାର ଷ୍ଟେଜ ହେଲ ପେଣ୍ଡାଲ ବାନ୍ଧିଲଣି । 'ଲକ୍ଷ୍ମୀ' ହେଇ ପୁଣି 'କେଦାରଗୌରୀ' । କେତେ ଧୁମଧାମ, ଆନନ୍ଦ, କୋଳାହଳ । ସମ୍ବଲପୁର ଖାଲି ଝୁଲୁଝୁଲ କମ୍ପିତ । ଲାଗୁଛି ବହୁଁ ଲୋକ ଆସିବେ ଦେଖିବାକୁ । ଏତେବେଳେ ମୁଁ ସମ୍ବଲପୁର ଛାଡ଼ି ଯିବି ବ୍ରହ୍ମପୁର ?

ଚନ୍ଦ୍ରମୌଳି ଆଖିରୁ ଠକଠକ ଲୁହ ଗଡ଼ି ଆସିଲା । କ'ଣ କରିବ ? କ'ଣ କରିବ ଏ ବଦମାସ ମାଇକିନିଆଟାକୁ ? କି ଉପାୟ ଏତେବେଳେ ? ଅନ୍ତତଃ ଦଣ୍ଡପାଣିଟା ହେଲେ ଆଆନ୍ତା । ତାହା ଭରସାରେ ତାହା ପାଖରେ ଛାଡ଼ିଦିଅନ୍ତା ଏ ଲୁଆଚୁଣି ମାଇପିଟାକୁ । ରାଗରେ ମୁଣ୍ଡ ଜଳିଲା । ହେଲେ

ପ୍ରକାଶ କରିବାକୁ ବାଟ ନାହିଁ । ଜୀବନରେ ଅଭାବ ହେଉ ବୋଲି— ହାତ ଧରୁଛି ମାରୁ । ଏତେବେଳେ କୁଟ ସାଧ ନାହିଁ । ବାପ ଜନମ ଦେଇଥିଲ । ଆଞ୍ଜୁଳା ଆଞ୍ଜୁଳା ରକତ ପାଣି କରି ଦେଇଥିଲ ମୋତ ପାଇଁ । ଜୀବନରେ କେବେ ସୁଖି କରି ପାରିଲି ନାହିଁ । ଆଜି ମରଣ ଶେଯରେ ସେ କଲବଲ ହେଉ ଭୁଇଁ ଅଣ୍ଡାଳୁଛି । ଏତେବେଳେ ଯଦି ମୁଁ ଟିକିଏ ନ ଯାଏ —ମୋ ମୁହଁ ଟିକିଏ ସେ ଦେଖି ନ ପାରେ, ତା'ହେଲେ ମଲେ ଧିକ, ମୋ ମଣିଷପଣିଆକୁ ଧିକ । ମୁଁ ବଞ୍ଚିବା ଅପେକ୍ଷା ତୁ ତୁ ମୁଣ୍ଡ ବାଡେଇ ଏଇଠି ମରିଯିବାହିଁ ଭଲ ।

ଫାଇଁ କିନା ଗର୍ଜି ଉଠିଲା ମାରୁ—ଏଇକଥା କହୁଚ୍ଛ ମୋ ହାତ ଜାଲେ । ତୁମେ ଯାଉନା ମୁଁ କଣ ତୁମକୁ ବାନ୍ଧି କରି ରଖିଛି । ଆରେ ଜାଣୁ ନ କହୁଲାଠାରୁ ସ୍ତ୍ରୀ'ଙ୍କ ମୁହଁ ବଢି ଯାଉଛି । ହାଣ୍ଡିରେ ଯିଏ ଶୁଣିବ ସିଏ କହିବ ମଲା ଭୁଡ଼ା ବାନ୍ଧିଛନ୍ତି । ବୋହୂଟା ଛାଡ଼ି ନାହିଁ ମୁଅକୁ । କି ତୁମେ ଯାଉନା । ଦିନେ କ'ଣ, ଚ'ମାସ ଯାଇଁ ରହୁନା ସେଠି କିଏ ଖୋସାମତ କରୁଛି ଆସିବାକୁ ?

ଯିବ ନାହିଁ କ ବାଟ ଗ୍ରାହକ ନାହିଁ । ଓଳଟି କହିଲେ ଦୋଷ, ଚମଚମ, ଫଟଫଟ, ମାର କି ମର । କଣ କରିବ, କୁଆଡେ ଯିବ, କାହାକୁ କହିବ କିଛି ଖବ ପାଇଲା ନାହିଁ ଚନ୍ଦ୍ରମୌଳି । ରାଗରେ ରକ୍ତ ଟଳ ଟଳ ହୋଇ ଫୁଟିଲା । ଭାବିଲା—ଯାହା ହେବାର ହେଲାଣି, ଗୋଟାଏ ବଜ୍ର ଆପତ୍ତ ମାରି ମୁଣ୍ଡଟା ତା'ର ଛୁଟେଇ ଚନା ଚୁନା କରି ଦେବ । ନଚେତ ଏଇଠି ମାଡ଼ି ବସି ଗଳା ଉପରେ ଚଢ଼ି ଜୋରରେ—ଖୁବ ଜୋରରେ ଚିପି, ଦବ ଗଳାଟା । ଯେମିତି ଆଉ ଉଁ କି ଚୁଁ କରିବାକୁ ନ ଥିବ । କିନ୍ତୁ ତାପରେ ? ତା'ପରେ ବାଟ ? ଜେଲ ଯିବ ସିନା କଲଙ୍କର ଯିବ ନାହିଁ । କାଲି ସକାଳୁଠୁ ପୁଲିସ ଆସି ଘେରିଯିବ । ଜନତା କରିବ ଛିଛିକାର । ଲୋକେ କହିବେ ଛି ଛି । ତା' ଭିତରେ ବାପାଙ୍କୁ ଆଉ ଦେଖି ହେବନି ? ଶୁଣି ହେବନି ତାଙ୍କର ଶେଷ କରୁଣ କଥା ପଦକ ? ଅଚ୍ଛା,

ବାପା କେତେ ଆକୁଳ ବିକଳ ହୋଇ ବୁଲୁ ଝୁରୁଥିବେ । ଶୁଖିଲା ଆଖି ପଡ଼ାରେ ଆଉ ଲୁହ ନ ଥିବ । ଖାଲି ଜୁଳୁଜୁଳୁ କରି ସ୍ଥିର ନୟନରେ ଅନେଇ ରହୁଥିବେ ଥରୁଟିଏ ଦେଖିବା ପାଇଁ—ଥରୁଟିଏ—ମାତ୍ର ଥରୁଟିଏ ।

କ'ଣ କରିବ ଚନ୍ଦ୍ରମୌଳି ? କିଏ କହିବ ତାକୁ ବାଟ ? କିଏ ଦେବ ଏ ବିପଦରେ ବୁଦ୍ଧି ? ପୁଣି ଜଳଠା ମୁହଁରେ ବେଢ଼ୁଆ ମୁହଁରେ ନର୍ମଦା ପାଖରେ ଯାଇଁ ଠିଆ ହେଲା । ନର୍ମଦା ସେତେବେଳକୁ ଚିତ ହୋଇ ଶୋଇଲାଣି । ଆଖିପତା ବୁଜି ବୁଜି ହୋଇ ଆସୁଛି ।

ଅତି ବିକଳ ହୋଇ ବାଇଆଙ୍କ ଭଳି କେଡ଼ି ପଡ଼ିଲା ଚନ୍ଦ୍ର—ତମ ଗୋଡ଼ ଧରୁଛି ମାରୁ । ମତେ କ୍ଷମା ଦିଅ । ସବୁ ଦୋଷ ମୋର । ଏ'ବିପଦରେ ତମେ ସାହା ନ ହେଲେ ମୁଁ ଖସିଲି । କେବେ ଦେଖି ପାରିବି ନାହିଁ ବାପାଙ୍କୁ । ଚାଲ । ବାଲେଶ୍ୱର, କଟକ, ଟାଟା ଯେଉଁଠି କହିବ ସେଠି ଛାଡ଼ି ଦେଇଯିବି ତମ ବନ୍ଧୁଙ୍କ ଘରେ । ନାହିଁ ଯଦି ବ୍ରହ୍ମପୁର ଯିବତ ଭଲ କଥା, ଚାଲ । ଚାଲ—କେବେ ମନା କରି ନାହିଁ । ମୋ ଦୋଷ ପାଇଁ ମୁଁ କ୍ଷମା ମାଗୁଛି—ଚନ୍ଦ୍ରମୌଳି ମୁଣ୍ଡ ଥୋଇଲା ଆଣି ନର୍ମଦା ପାଦରେ ।

ବେଶୀ ବକ ବକ ହୁଅ ନାହିଁ, ବୁଲିଯା ମୋ ପାଖରୁ କହୁଛି— ଯେମିତ ଶୋଇ ଶୋଇ ଗୋଡ଼ରେ ଠେଲିଦେଲା ନର୍ମଦା, ଚନ୍ଦ୍ରମୌଳି ଦୁଲୁକିନା ଆସି ଖଟତଳେ କଚୁଡ଼ି ପଡ଼ିଲା ।

ସବୁ କଥାରେ ସୀମା ଅଛି । ରକ୍ତ ମାଂସର ଦେହ କେତେ ସହିବ ? ରାଗରେ ଅନ୍ଧ ହୋଇ ଯାଇଥିଲା ସେ । ମାରିବ କି ମରିବ । କୁକୁରକୁ ମୁହଁ ଦେଲେ ଉପରକୁ ମୁତେ । ଆଜି ନୁହେଁ—ଆଉ ନୁହେଁ । ଭିତରର ମଣିଷ ଗର୍ଜନ କରି ଉଠିଲା ସିଂହ ଭଳି । ନା, ଅଜି ନିଶ୍ଚେ ସେ ତା'ର କଲିଜା ଝୁଣିବ । ରକ୍ତ ପିଇବ । ଲାସ ଉପରେ ଥେଇ ଥେଇ ନୃତ୍ୟ କରିବ—ରୁଦ୍ର ଭଳି ବାହାରକୁ ଦଉଡ଼ି ଯାଇ କାଠ ଫାଳିଆଟା ଧରି

ଖୁବ ବେଗରେ ଡେ଼ଇଁ ଡେଇଁ ଛୁଟି ଆସୁଥିଲା । ବାଲାନ୍ସ ରହିଲା ନାହିଁ । ହଠାତ ଝାଇକିନା ମୁଣ୍ଡଟା ବାଡ଼େଇ ହୋଇଗଲା ଚଉକାଠରେ । ବ୍ରହ୍ମ ଜଳିଗଲା । ଜୁଳୁଜୁଳିଆ ପୋକ ବାହାରି ପଡ଼ିଲା ଆଖିରୁ । ଚନ୍ଦ୍ରମୌଳି ବସି ପଡ଼ିଲା । ବସି ବି ପାରିଲା ନାହିଁ । ଧାଇଁ ଧାଇଁ ବୁଲେଇ ଦେଲା ମୁଣ୍ଡ, ମୁହଁ ମାଡ଼ି ହୋଇ ପଡ଼ିଗଲା ଚଟାଣ ଉପରେ । ସେଇ ଦିନର ସେ କ୍ଷତରୁ ପୁଣି ରକ୍ତ ଝରିଲା ।

ନର୍ମଦାକୁ ଆଉ ଦେଖେ କିଏ ? ଭୟରେ ଚତ୍କାର କରି ଉଠିଲା ତୁହାଇ ତୁହାଇ । ପୁଣି ସେଇ ସ୍ୱରଅଧରେ ଲୋକେ ନିଦ ମଳମଳ ଆଖିରେ କିଏ କୁଆଡ଼ୁ ଛୁଟି ଆସିଲେ । ହସିବେ ନା କାନ୍ଦିବେ ? ଏମ୍. ଏ. ପାଶ ପ୍ରଫେସର । ସ୍ତ୍ରୀ ଆଧୁନିକା, ତରୁଣୀ, ସମ୍ଭ୍ରାନ୍ତବଂଶୀୟା । ତଥାପି ଅମେଳ । ଯାବତ ଅଶିକ୍ଷିତ ପାଣ ବାଉଁଶ ଘର ଭଳି ନିତ କଳିକଜିଆ, ଗାଳିମନ୍ଦ, ହାତ ଉଠାଉଠି । ସମସ୍ତେ ଛି’ଛିକାର କଲେ ଚନ୍ଦ୍ରକୁ । ମନ ଇଚ୍ଛାକୁ ପଟାଏ ଶୋଧି ଦେଇଗଲା ବୁଢ଼ା କଂସେଇ ଅସରଫ ଖାଁ—‘ବେଟା ଏସା କ୍ୱବଭୋ ତୁମ ମାରତା ? ତୁମ କ୍ୟା ଆଦମି ନା ଜାନୁଆର ହୈ ? ତୁମକୋ ଥୋଡ଼ା ସରମ ନୈ ଲାଗତା ? କ୍ୟା ଦାରୁ ପିଆ ?’

ସତେ ସରମବି ଆଉ ଲାଗିଲା ନାହିଁ ଚନ୍ଦ୍ରକୁ । ଯେତେ ଯିଏ ଯାହା କହିଲେ ସେ ଖାଲି ହସିଲା । ମୁଣ୍ଡଟ ପୋଡୁଥିଲା । ହେଲେ ବେଶି ହୁ ହୁ ହୋଇ ପୋଡୁଥିଲା ମନ । ବାପା—ବାପା ! ବାପା ଆଉ ଥିବେଟି ? ସତେ କଣ ସିଏ ଦେଖିବ ନାହିଁ ବାପାଙ୍କୁ ?

ସମସ୍ତେ ଚାଲିଗଲେ । କେବଳ ନର୍ମଦାକୁ ଜଗି ରହିଲା ଫଣୀର ମା ।

ଖାଡ଼ାଖାଡ଼ା ଅନିଦ୍ରାରେ ରାତି ପାହିଲା । ଛ’ ବାଜିଲା । ଆଉ ଘଣ୍ଟାକ ପରେ ଗାଡ଼ି । ମାତ୍ର ଯିବାର ଉପାୟ କାହିଁ ? ବଣର ଦୁର୍ଦ୍ଦାନ୍ତ ସିଂହକୁ ଧରି ଆଣି ସରକସ ଲୋକେ ଯନ୍ତାରେବନ୍ଦ କଲେ ସେ ଯେମିତି ସର୍ବାଙ୍ଗ ବିଦାରି ଯନ୍ତାକୁ ରଣଝଣ କରି କ୍ରୋଧରେ ଅନ୍ଧ ହୋଇ ବିକଟାଳ ଗର୍ଜନ କରେ, ଚନ୍ଦ୍ରମୌଳି ସେମିତି ଘରୁ ବାହାରି, ବାହାରୁ ଘର ହୋଇ

ହୋଇ ଦାନ୍ତ କଡ଼ମଡ଼ କରି ଦୁନିଆଯାକକୁ କାମୁଡ଼ି ଚିବାଇ ଧୂଣଧୂଣା କରି ଦେବ ବୋଲି ଭାବୁଛି । କିନ୍ତୁ ବାଟ ନାହିଁ । ସିଂହମା ଦ'ହାତରେ ଜାବୁଡ଼ି ଧରିଛି ଗୋଡ଼ ।

ନର୍ମଦା ଘୋଷା ହୋଇ ଶୋଇଥିଲା । ଛ' ବାଜିଲା, ସାତ ବାଜିଲା, ଆଠ ବାଜିଲା, ନଅ ବାଜିଲା, ଚନ୍ଦ୍ରମୌଳି ତା' ଆଡ଼କୁ ଆଡ଼ଆଖିରେ ଟିକିଏ ଚାହିଁଲା ବି ନାହିଁ, ଡାକିବା ତ ଦୂରର କଥା । ମୁହଁ ଧୂଆ ହେଲାନି । ଦାନ୍ତଘଷା ହେଲାନି । ଭୋକରେ ପେଟ କଳକଳ ଡାକିଲା । ସାଂସାରର ଅନିଦ୍ରା, କଳହ, ଚିନ୍ତା, ମନସ୍ତାପରେ ଦେହ କଳାକାଠ ପଡ଼ିଥିଲା । ଆଖି ଫୁଲି ଫୁଲି ହୋଇଗଲା ଗେଣ୍ଡା । କୁମ୍ଭାଟୁଆ ଆଖି ପରି ନାଲି ଟହଟହ । ପାଟିରୁ ବଚନ ବାହାରିବାର ଯୁ' ନାହିଁ । ବଡ ବାହାରି ପଡ଼ୁଥିଲା ଭୋକରେ । ଖାଲି ଥରେ ଯଦି ନାଁକୁ ମାତ୍ର ଚନ୍ଦ୍ରମୌଳି ଡାକିଥାନ୍ତା, ତା'ହେଲେ ସୁନାଝିଅ ଭଳି ଉଠି ଯାଇଥାନ୍ତା ସେ ଟଙ୍ଗ ଟଙ୍ଗ । କିନ୍ତୁ ଚନ୍ଦ୍ରମୌଳି ଡାକିଲା ନାହିଁ ।

ଫମୀରମା ଭଅ ଲେଇ ଡାକିଲା—ମା'ରେ ! କାଲି କ'ଣ କହିଥିଲି ମନେ ଅଛି ? ବେଶୀ ନାହିଁ, ଗୋଟାଏ ସୋରିଷ କି ତା'ଅଧା । ଦେଖିବୁ, କେମିତି ଭଲା ପୁଅ ନ ପସୁରିବ । ବଳେ ମଲି ମଲି ହୋଇ ଆସି ଗୋଡ଼ ଧରିବ ନାହିଁ…

କଥା କହିବାକୁ ବି ଶକ୍ତି ନ ଥିଲା ନର୍ମଦାର । କାଲିର ସେ ସୃଷ୍ଟି ପ୍ରଳୟଙ୍କରୀ ରୁଦ୍ର ରୂପ ମନେ ପଡ଼ିଗଲେ ପଞ୍ଚଭୂତ ଆତ୍ମା ଥରି ଉଠୁଥିଲା ଭୟରେ । ପୁଣି କେତେ ଜୋରରେ ବାଡ଼େଇ ହୋଇଗଲା ଚଉକାଠ । ମୁଣ୍ଡ ତାଙ୍କର ଆଉ ଥିବଟି ? ନା, ଆଉ ନୁହେଁ । ଆଉ କେବେ ସେ ଏତେ ନିଷ୍ଠୁର ହେବ ନାହିଁ ତାଙ୍କ ପ୍ରତି । କିନ୍ତୁ ଆଜି ନ ଡାକିଲେ ଉଠୁଛି କିପରି ? ଆପଣା ମନକୁ ଉଠିବ ? ଛି, ଲୋକେ କ'ଣ କହିବେ ? ଲାଜରେ ଆଉ ମୁଣ୍ଡ ଟେକି ହେବ ?

ହୁ'କନା ମୁଣ୍ଡ ବାଡ଼େଇଦେଲେ ଚନ୍ଦ୍ରମୌଳି—

ବାହାରୁ ଧଡ଼୍‌ଧାଡ଼ ଓହ୍ଲାଇ ପଡ଼ିଲେ ରେଣୁ, ଦେବବ୍ରତ, ଦଣ୍ଡପାଣି ।

'ଚନ୍ଦ୍ରଭାଇ ! ଚନ୍ଦ୍ରଭାଇ ! ମୁଁ ଆସିଛି । ମୋତେ ଦେଖ, ମୋତେ ଚୁହାଁ ଚନ୍ଦ୍ରଭାଇ !'

ହୁଁ ହୁଁ ମୁଣ୍ଡ କଚାଡ଼ୁଛି ଚନ୍ଦ୍ରମୌଳି । ରେଣୁକୁ ଦେଖିବାକୁ ଅବସର ନାହିଁ । ଗୋଟିପଣେ ତା'କୁ କୁଣ୍ଢେଇ ଧରିଛି ରେଣୁ ।

ଘର ଭିତରକୁ ପଶିଯାଇ ଜୋର ଜୋର ତାଳାପାଣ ଚିତ୍କାର ଛାଡ଼ିଲା ଦେବବ୍ରତ—"ରେଣୁ ! ଚନ୍ଦ୍ର ! ଧାଇଁଆସ । ଧାଇଁଆସ । ପାଣି ଆଣ । ଡାକ୍ତର ଡାକ । ଡ୍ରାଇଭର ! ଡ୍ରାଇଭର । ଜଲଦି, ଜଲଦି, ଡାକ୍ତର—।

ହାଲହୁଲି ପଡ଼ିଗଲା । ଲୋକେ ଆସି ଆଖପାଖରୁ ଭିଡ଼ ଜମା ହୋଇ ପଡ଼ିଲେ ।

ନର୍ମଦା ଭୁଇଁ ଅଣ୍ଡାଳୁଛି । ଟଳକା ଟଳକା ଲାଲ ମିଶି ମିଶି ରକ୍ତ ବାହାରି ଆସୁଛି ପାଟିବାଟେ । ଆଖି ଭିତରକୁ ପଶିଗଲାଣି । ତଥାପି ଯେମିତି ବେଳେବେଳେ ବୁଲି ଯାଉଛି ଲାଲଡ଼ୋଳା । ଘୁଷୁରି ଘୁଷୁରି ଭୁଇଁ ଦରାଣ୍ଡୁଛି । ମାଟି କାମୁଡ଼ୁଛି । କି ଚଳବଳ ! କି ଉହଳ କଚଳ : କାହାକୁ ଯେମିତି ଖୋଜି ହେଉଛି ମନେ ମନେ । "ଏଁ,—ଏଁ,—ତ—ମେ"— ଚନ୍ଦ୍ରମୌଳିର ଗୋଡ଼ ଯୋଡ଼ାକ ଉପରେ ଯାଇ ପଡ଼ିଗଲା ତା'ହାତ । ଆଉ କହି ପାରିଲା ନାହିଁ, ଜିଭ ଭିତରକୁ ଭିତରକୁ ପଶି ପଶି ଯାଉଛି । କଣ୍ଠି ଅଠା ଅଠା ହୋଇ ଯାଉଛି ଶୋଷରେ । ତାଳୁ ଭିତରେ ଡହ ଡହ ନିଆଁ । ମାତ୍ର ପ୍ରକାଶ କରିବାକୁ ବାଟ ନାହିଁ । ପାଟି ପଡ଼ିଗଲାଣି । ଖୁବ୍ କଷ୍ଟରେ, ଖୁବ୍ ଘୁଷୁରି ଘୁଷୁରି ମୁଣ୍ଡକୁ ଟେକି ଚନ୍ଦ୍ରମୌଳି ଗୋଡ଼ ଉପରକୁ ଆଣୁଥିଲା, ଠକ୍ କିନା ମୁହଁ ମାଡ଼ି ହୋଇ ପଡ଼ିଲା ବାଲି ଉପରେ । ଆଉ ନାହିଁ — ଆଉ ନାହିଁ — ସମସ୍ତେ କାନ୍ଦି ଉଠିଲେ ଜୋର ଜୋର । ଗଛ କାଟିଲା ଭଳି ତଳେ କଚାଡ଼ି ହୋଇ ପଡ଼ିଲେ ରେଣୁ ଓ ଦେବବ୍ରତ ।

ପୋଲିସ ଆସିଲା । ତଦନ୍ତ ଚାଲିଲା ଘମାଘୋଟ । ପାଖରେ ପଡ଼ିଥିବା ଗୋଟାଏ ବଡ଼ ରସ୍ବଜଗ୍ରାଟରୁ ଅଫିମ ବାହାରିଲା ଅଧ ଭରି ଓଜନର । ଫକୀର ମା'କୁ ଖୋଜା ହେଲା । ଘରଦ୍ୱାର ଅନ୍ଧି, ସନ୍ଧି, କୂଅ ପାଇଖାନା — ସବୁଆଡ଼େ ଖୋଜି ଖୋଜି ହରସ୍ତ ହେଲେ ଇନସ୍‌ପେକ୍‌ଟର । ପତ୍ତା ମିଳିଲା ନାହିଁ । ତା' ସାଙ୍ଗରେ ପତ୍ତା ମିଳିଲା ନାହିଁ ନର୍ମଦା ଦେବୀଙ୍କ ସୁନା ଅଳଙ୍କାର ଓ ଦାମୀ ଶାଢ଼ୀ ଥିବା ଟ୍ରଙ୍କଟିର । ସାଙ୍ଗେ ସାଙ୍ଗେ ପୋଲିସ ଖେଦିଗଲେ ତା'ଘରକୁ, ସେଠି ବି ନାହିଁ । ଫକୀର ମା' ଫେରାର୍ !

ପୋଲିସ ଫେରି ଯାଉଥିଲା । କିଏ ଦୁ'ଜଣ ଟୁପ୍‌ଟାପ୍ ହେଲେ — ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଆଗରୁ ବି କଳିଗୋଳ ଥିଲା । ମାଡ଼ ମରାମରି ବି ହେଇଛି କେତେଥର ।

ଇନସ୍‌ପେକ୍‌ଟର ଫେରି ଆସିଲେ — ଏକ୍‌ସକ୍ୟୁଜ୍ ମି ଚନ୍ଦ୍ରମୌଳି ବାବୁ ! ମୋର ଆପଣଙ୍କୁହିଁ ସନ୍ଦେହ ହେଉଛି ।

ଭେ ଭେ ରଡ଼ି ଛୁଟି ଇନସ୍‌ପେକ୍‌ଟର ଗୋଡ଼ ଦୁ'ଟା କୁଣ୍ଢେଇ ଧରିଲେ ରେଣୁ ଓ ଦେବବ୍ରତ ।

ମୁଁ ନାଚୁର ରେଣୁ ଦେବ ! କର୍ତ୍ତବ୍ୟ । କର୍ତ୍ତବ୍ୟ । ଚନ୍ଦ୍ରମୌଳି ହାତରେ ହାତକଡ଼ି ପଡ଼ିଲା। ଅଣ୍ଟାରେ ଦଉଡ଼ି ବନ୍ଧା ହେଲା । କନଷ୍ଟେବଲ ଦୁ'ଜଣ ଟାଣି ଟାଣି ନେଲେ ।

ଗଦେଇ ନସରପସର ହୋଇ ଆସି ରିକ୍‌ସାରୁ ଓହ୍ଲେଇଲା — ବାପାଙ୍କ କଡ଼ା ଆଦେଶ — ଘର ନକଲେ, ନଗଦ ପାଞ୍ଚ ହଜାର ଟଙ୍କା ଜମା ନକଲେ ଝିଅକୁ କଦାଚିତ୍ ପଠେଇବେ ନାହିଁ ।...

ନର୍ମଦାର ଶବ ସତ୍କାର ହୋଇ ପାରିଲା ନାହିଁ । ପୋଲିସ ଭ୍ୟାନ୍ ଆସି ପହଞ୍ଚିଲା ପୋଷ୍ଟମର୍ଟମ୍ ପାଇଁ ନବାକୁ ।

